


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-298 ◆SUNDAY ◆26 APRIL 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୮ ◆ରବିବାର ◆୨୬ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ଆଇପିଏଲରେ ରନ୍ ବର୍ଷା

## ୫ ମହାରଥୀ-୫୨୯ ରନ୍ | ୪୯ ଚୌକା | ୩୩ ଛକା



■ ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୭ଟି ବଲ୍ ଓ ୬ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଫଳରେ ଆଇପିଏଲରେ ସର୍ବକାଳୀନ ସର୍ବାଧିକ ରନ୍ ଚେଜ୍‌ରେ ପଞ୍ଜାବ ନିଜ ନାମରେ ଥିବା ରେକର୍ଡ ଭାଙ୍ଗି ଦେଇଛି। ଏଠାରେ ଉଭୟ ଦଳ ୬ଟି ୱିକେଟ ହରାଇ ୫୨୯ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ହାରାହାରି ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ଓ ଚଳିତବର୍ଷ ସର୍ବାଧିକ। ସେହିପରି ଏଠାରେ ମୋଟ ୮୨ଟି ବାଉଣ୍ଡାରୀ ହୋଇଛି, ଯାହା ଆଇପିଏଲ୍‌ରେ ସର୍ବାଧିକ। ଏଥିରେ ୪୯ଟି ଚୌକା ଓ ୩୩ଟି ଛକା ରହିଛି। ଦିଲ୍ଲୀର ଲୋକେଶ ରାହୁଲ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୫୨ ରନ୍ କରି ଆଇପିଏଲ୍‌ରେ ରେକର୍ଡ କରିଛନ୍ତି। ସେ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ମାରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ। ରେକର୍ଡ ରନ୍ ଚେଜ୍ କରିଥିବା ପଞ୍ଜାବ ପକ୍ଷରୁ ପ୍ରଭସିମରନ ସିଂହ ୨୬ବଲ୍‌ରେ ୯ଚୌକା ଓ ୫ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟ ୪୧ବଲ୍‌ରେ ୨ଚୌକା ଓ ୫ଛକା ସହ ୪୩ ରନ୍ ଯୋଗଦାନ ଦେଇଥିଲେ। ଅପରାଜିତ ରହିଥିବା ଶ୍ରେୟସ ଆୟର ୩୬ବଲ୍‌ରେ ୩ଚୌକା ଓ ୭ ଛକା ସହ ୭୧ ରନ କରିଥିଲେ।

# ଇସଲାମାବାଦରେ ହାଇଡ୍ରାମା

## ଆମେରିକା ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ପାକିସ୍ତାନ ଛାଡ଼ିଲେ ଇରାନ ପ୍ରତିନିଧି ଦଳ

## ଆମେରିକା ସହ ସିଧା କଥା ହେବାକୁ ମନାକଲା ଇରାନ

## ଗସ୍ତ ବାତିଲ କଲେ ଆମେରିକା ପ୍ରତିନିଧି ଦଳ

■ ଇସଲାମାବାଦ, ୨୫।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଆଜି ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହାଇଡ୍ରାମା ଦେଖିବାକୁ ମିଳିଛି। ଯୁଦ୍ଧବିରତି ପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତକାଲି ରାତିରେ ଇରାନ ପ୍ରତିନିଧି ଦଳ ଆସି ପହଞ୍ଚିଥିଲେ। ତେବେ ଆମେରିକାର ପ୍ରତିନିଧି ଦଳ ଆଜି ଏଠାରେ ଆସି ପହଞ୍ଚିବା ପୂର୍ବରୁ ଇରାନ ପ୍ରତିନିଧି ଦଳ ପାକିସ୍ତାନ ଛାଡ଼ି ଓମାନ ଗସ୍ତ କରିଛନ୍ତି। ହର୍ମୁଜ ସଙ୍କଟ ଏବଂ ଆମେରିକାର ଅବାସ୍ତବ ସର୍ତ୍ତରେ କ୍ଷୁବ୍ଧ ଇରାନ ପ୍ରତିନିଧି ନିଜର ଉଦବେଗ ପାକିସ୍ତାନକୁ ଜଣାଇବା ସହିତ ଆମେରିକା ସହିତ ସିଧା କଥା ହେବାକୁ ମନା କରିଦେଇଛନ୍ତି। ଏହାପରେ ଆମେରିକା ପ୍ରତିନିଧି ଦଳ ଇସ୍‌ଲାମାବାଦ ଗସ୍ତ ବାତିଲ କରିଛନ୍ତି।

ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବାସ ଅରାଗଚି ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହିତ ଗତକାଲି ରାତିରେ ଇସଲାମାବାଦ ପହଞ୍ଚିଥିଲେ। ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହବାଜ ସରିଫ, ବୈଦେଶିକ ମନ୍ତ୍ରୀ ଇଶାକ ଦାର ଏବଂ ସେନା ଅଧକ୍ଷ ଅସୀମ ମୁନିରଙ୍କ ସହିତ ଇରାନୀ ପ୍ରତିନିଧି ଦଳ ଆଜି ଦିନ ତମାମ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟା ବେଳେ ଇସଲାମାବାଦ ଛାଡ଼ି ଇରାନର ଏହି ପ୍ରତିନିଧି ଦଳ ଓମାନ ଯାଇଛନ୍ତି। ସେଠାରୁ ସେମାନେ ମସ୍କୋ ଯିବେ ବୋଲି ଜଣାପଡ଼ିଛି। ଯିବା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଲେ ଯେ ଯାହା କହିବା କଥା ତାହା ଇସଲାମାବାଦକୁ ଜଣାଇ ଦିଆଯାଇଛି। ଯୁଦ୍ଧ ସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଅବାସ୍ତବ ଯୁକ୍ତି ରଖିଛନ୍ତି, ତାହା ଗ୍ରହଣୀୟ ନୁହେଁ। ଆମେରିକା ନୌସେନା ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ସମଗ୍ର ଅଞ୍ଚଳକୁ ଅଶାନ୍ତ କରି ରଖିଛି। ଏହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ୟୁରାନିୟମ ସମୃଦ୍ଧୀକରଣ କାର୍ଯ୍ୟକ୍ରମରୁ ଇରାନ ଓହରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ଇରାନ ସହିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ବିଶ୍ୱସ୍ତ ସହଯୋଗୀ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜାରେଡ୍ କୁଶନର୍‌ଙ୍କୁ ▶ପୃଷ୍ଠା-୭

### ମୌସୁମୀକୁ ବଳ ଦେବ ଲା-ନିନା ଓ ମହାସାଗରୀୟ ସ୍ଥିତି

# ଦେଶରେ ଅଧିକ ବର୍ଷିବ; ଓଡ଼ିଶାରେ ସ୍ୱାଭାବିକ

■ ଭୁବନେଶ୍ୱର, ୨୫।୪ (ସମିସ): ଚଳିତଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଚଳିତ ମୌସୁମୀରେ ବର୍ଷାର ପରିମାଣକୁ ନେଇ ପାଣିପାଗ ବିଜ୍ଞାନୀ ମହଲରେ ବିଭିନ୍ନ ମତପ୍ରକାଶ ପାଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ରଖିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ। ବିଶ୍ୱସ୍ତରୀୟ ପାଣିପାଗ ମଡେଲଗୁଡ଼ିକର ସଦ୍ୟତମ ଆକଳନ ଅନୁଯାୟୀ ଓଡ଼ିଶା ପାଇଁ ପୂର୍ବରୁ କରାଯାଇଥିବା ସ୍ୱାଭାବିକ ବର୍ଷାର ପୂର୍ବାନୁମାନ ବର୍ତ୍ତମାନର ପରିସ୍ଥିତି ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଚଳିତଥର ଏଲ୍-ନିନୋ ଶୀଘ୍ର ଶେଷ ହେବାର ପ୍ରମୁଖ କାରଣ 'ସବ୍‌ସର୍‌ଫେସ୍ କୁଲିଂ' ବୋଲି ଡ. ପଶୁପାଳକ କହିଛନ୍ତି। ସମୁଦ୍ରର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପରିଭାଗକୁ ଆସୁଥିବାରୁ ଏଲ୍ ନିନୋ ପ୍ରଶମିତ ହୋଇ ଲା-ନିନା ପାଇଁ ପଥ ପରିଷ୍କାର କରୁଛି। ସେହିପରି ଭାରତ ମହାସାଗରରେ ବର୍ତ୍ତମାନ 'ନ୍ୟୁଟ୍ରାଲ' ସ୍ଥିତି ରହିଛି। କିନ୍ତୁ ଅଗଷ୍ଟ-ସେପ୍ଟେମ୍ବର ବେଳକୁ ଏହା ଯୁକ୍ତାତ୍ମକ ହେବାର ସଂକେତ ମିଳୁଛି, ଯାହା ଓଡ଼ିଶାରେ ମୌସୁମୀର ଦ୍ୱିତୀୟାର୍ଦ୍ଧକୁ ଅଧିକ ଶକ୍ତିଶାଳୀ କରିବ। ଡ. ପଶୁପାଳକଙ୍କ ଆକଳନ ଅନୁଯାୟୀ ଆସନ୍ତା ମୌସୁମୀରେ ସମଗ୍ର ଭାରତ ପାଇଁ ମୋଟ ବର୍ଷାର ପରିମାଣ ଏଲପିଏ(ଦୀର୍ଘ ଅବଧି ହାରାହାରି)ର ୧୦୪ ପ୍ରତିଶତ ରହିବାକୁ ଥିବାବେଳେ ଓଡ଼ିଶା ପାଇଁ ଏହା ସ୍ୱାଭାବିକ ରହିବାର ସମ୍ଭାବନା ଅଛି। ଜୁନ୍‌ରେ ସମଗ୍ର ଭାରତରେ ୯୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ▶ପୃଷ୍ଠା-୭



# ର୍‍ୟାଗିଂରେ ଲାଗୁନି ଲଗାମ

## ଚଳିତ ବର୍ଷ ୟୁଜିସିରେ ୨୮ ମାମଲା

## ବିପିୟୁଟି ଓ ଭିସୁଟ୍‌ରେ ସ୍ଥିତି ଉଦ୍‌ବେଗଜନକ

## ଶିକ୍ଷାନୁଷ୍ଠାନରେ ପାଳନ ହେଉନି ର୍‍ୟାଗିଂ ନିବାରଣ ନିୟମ

■ ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କମିବାର ନା ନେଉନି। ବ୍ୟାପକ ସଚେତନତା ସତ୍ତ୍ୱେ ଏହା ଏକ ବ୍ୟାଧି ପରି ମାଡ଼ି ବସିଛି। ଚଳିତ ସପ୍ତାହରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜଣେ କନିଷ୍ଠ ଛାତ୍ରଙ୍କୁ ୪ଜଣ ବରିଷ୍ଠ ଛାତ୍ର ର୍‍ୟାଗିଂ କରି ଦଣ୍ଡିତ ହେବା ପରେ ରାଜ୍ୟରେ ର୍‍ୟାଗିଂ ଘଟଣା ପୁଣି ତାଜା ହୋଇଛି। ରାଜ୍ୟରେ ସର୍ବାଧିକ ର୍‍ୟାଗିଂ ଅଭିଯୋଗ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରୁ ଆସୁଥିବାବେଳେ ଏମ୍‌କେସିଜି ଓ ଭିସୁଟ୍‌ରୁ ଅଭିଯୋଗ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଏବେଯାଏଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୮ଟି ଅଭିଯୋଗ ଆସିଛି। ମାତ୍ର ୪ ମାସ ମଧ୍ୟରେ ୟୁଜିସି ପାଖରେ ୨୮ ଅଭିଯୋଗ ସହ କଲେଜର ର୍‍ୟାଗିଂ କମିଟି ନିକଟରେ ମଧ୍ୟ ବହୁ ଅଭିଯୋଗ ହୋଇଛି। ଏହାରି ମଧ୍ୟରେ ଗତ ଫେବୃଆରୀ ମାସରେ ଭିସୁଟ୍‌ର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅର୍ଥାତ୍ ୪ ମାସରେ ଭିସୁଟ୍‌ରେ ୨ଟି ମାମଲା ପଦାକୁ ଆସିଲାଣି। ଅନୁରୂପ ଭାବେ ୨୦୨୫ରେ ମୋଟ୍ ୫୪ଟି ର୍‍ୟାଗିଂ ଅଭିଯୋଗ ହୋଇଥିବାବେଳେ ୨୦୨୪ ମସିହାରେ ମୋଟ ୬୭ଟି ର୍‍ୟାଗିଂ ମାମଲା ୟୁଜିସି ପାଖରେ ପଞ୍ଜିକୃତ ହୋଇଛି। କେବଳ ୨୦୨୪ ରେ ଭିସୁଟ୍‌ରୁ ୫ଟି ଅଭିଯୋଗ ହୋଇଥିବାବେଳେ ରାଗିଂ ମାମଲାରେ ବିପିୟୁଟି ଶିର୍ଷରେ ରହିଛି।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରି ର୍‍ୟାଗିଂ ରୋକିବା ପାଇଁ ସୁପ୍ରିମକୋର୍ଟ ୨୦୦୭ ମସିହାରେ ରାୟ ଦେଇଛନ୍ତି। ▶ପୃଷ୍ଠା-୭






### ଅସହ୍ୟ ହେଲା ଋଣଚାପ

# ଝୁଲିପଡ଼ିଲେ ଦମ୍ପତି

## ୪ଦିନ ତଳେ ଝିଅ ବାହାଘର କରିଥିଲେ

## ବାହାଘର ପାଇଁ ଲୋକଙ୍କଠାରୁ କରଜ କରିଥିଲେ

■ଧରାକୋଟ/ବେଲଗୁଣ୍ଠା, ୨୫।୪ (ସମିସ): ଋଣଭାର ସହିନପାରି ଏକାଠି ଜୀବନ ହାରିଲେ ଦମ୍ପତି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଝାଡ଼ବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ସୀମାଞ୍ଚଳ ବିଷୋୟୀ (୬୬) ଓ ତାଙ୍କ ପତ୍ନୀ ନମିତା ବିଷୋୟୀ (୬୧)। ବେକରେ ରଶି ଲଗାଇ ଦୁହେଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ବିଷୋୟୀ ଦମ୍ପତିଙ୍କ ପାଞ୍ଚ ▶ପୃଷ୍ଠା-୭




# ପୃଥିବୀ ପାଇଁ ବିପଦର ଘଣ୍ଟି: ତରଳୁଛି ଆଣ୍ଟାର୍କଟିକାର ବରଫ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ପୃଥିବୀର 'ହିମ କବଚ' କୁହାଯାଉଥିବା ଆଣ୍ଟାର୍କଟିକା ଏବେ ଏକ ବଡ଼ ସଙ୍କଟର ସମ୍ମୁଖୀନ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, ଆଣ୍ଟାର୍କଟିକାର କେତେକ ଅଞ୍ଚଳ ଏକ ବିପଜ୍ଜନକ ସୀମା ବା 'ଟିପିଂ ପଏଣ୍ଟ' ଅତିକ୍ରମ କରିସାରିଛି। ଏହାର ଅର୍ଥ ହେଉଛି, ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ରୋକିବାକୁ ଯେତେ ପଦକ୍ଷେପ ନେଲେ ମଧ୍ୟ, ଏହି ବରଫ ତରଳିବା ପ୍ରକ୍ରିୟାକୁ ଆଉ ରୋକାଯାଇପାରିବ ନାହିଁ। ସବୁଠାରୁ ଅଧିକ ବିପଦ ପଶ୍ଚିମ ଆଣ୍ଟାର୍କଟିକା ଆଇସ୍ ସିଟ୍ ଉପରେ ରହିଛି। ପୋଟ୍ସଡାମ୍ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଅନୁଯାୟୀ, ଯଦି ପୃଥିବୀର ତାପମାତ୍ରା ପ୍ରାକ୍-ଶିଳ୍ପାୟନ ସ୍ତରଠାରୁ ୧.୮ ସେଣ୍ଟି ରୁ ଅଧିକ ବଢେ, ତେବେ ବରଫ ସ୍ତରର ଅପୂରଣୀୟ କ୍ଷତି ଅନିବାର୍ଯ୍ୟ ହୋଇପଡ଼ିବ। ବୈଜ୍ଞାନିକଙ୍କ ମତରେ ଏହା ଏଭଳି ଏକ ପ୍ରକ୍ରିୟା ଯେଉଁଥିରେ ତାପମାତ୍ରା ସ୍ଥିର ରହିଲେ ମଧ୍ୟ ବରଫ ତରଳିବା ବନ୍ଦ ହୁଏନାହିଁ। ଏଥିପାଇଁ ଏହାକୁ 'ପଏଣ୍ଟ ଅଫ୍ ନୋ ରିଟର୍ଣ୍ଣ' କୁହାଯାଉଛି।

କେବଳ ବାୟୁମଣ୍ଡଳର ଉଷ୍ମତା ନୁହେଁ, ବରଂ ସମୁଦ୍ରର ଗରମ ପାଣି ମଧ୍ୟ ଏଥିପାଇଁ ଦାୟୀ। ସାମୁଦ୍ରିକ ଉଷ୍ମତା ଯେମିତି ଆମୁଣ୍ଡସେନ୍ ସାଗରର ଗରମ ପାଣି ବରଫସ୍ତରର ତଳେ ପ୍ରବାହିତ ହୋଇ ସେଗୁଡ଼ିକୁ ଶୀଘ୍ର ତରଳାଉଛି। ପୁଣି ଭୌଗୋଳିକ ସ୍ଥିତିକୁ ମଧ୍ୟ ଏକ ବଡ଼ କାରଣ ବୋଲି ବିବେଚନା କରାଯାଉଛି। ପଶ୍ଚିମ ଆଣ୍ଟାର୍କଟିକାର ଅଧିକାଂଶ ବରଫ ସ୍ତର ସମୁଦ୍ର ପତ୍ତନରୁ ତଳେ ରହିଛି। ଥରେ ତରଳିବା ଆରମ୍ଭ ହେଲେ ଏହା ସିଧାସଳଖ ଗରମ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ହୋଇଯାଏ। ଏହି ସଙ୍କଟ କେବଳ ଆଣ୍ଟାର୍କଟିକାରେ ସୀମିତ ରହିବ ନାହିଁ। ଯଦି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସମ୍ପୂର୍ଣ୍ଣ ତରଳିଯାଏ, ତେବେ ବିଶ୍ୱରେ ସମୁଦ୍ରର ଜଳସ୍ତର ପ୍ରାୟ ୪ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହାଦ୍ୱାରା ପୃଥିବୀର ମାନଚିତ୍ର ବଦଳିଯିବ ଏବଂ ଅନେକ ଉପକୂଳବର୍ତ୍ତୀ ସହର ଓ ଗୋଷ୍ଠୀ ଜଳମଗ୍ନ ହୋଇଯିବେ। ଜଣେ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏକ ବରଫ ସ୍ତର ତିଆରି ହେବା ପାଇଁ ହଜାର ହଜାର ବର୍ଷ ଲାଗେ, କିନ୍ତୁ ଏହା ତରଳିବା ପାଇଁ ମାତ୍ର କେଇ ଦଶନ୍ଧି ଯଥେଷ୍ଟ। ଯଦିଓ ଅନେକ କ୍ଷତି ହୋଇସାରିଛି, ତଥାପି ପୃଥିବୀର ଜଳବାୟୁ ଏବଂ ମାନବଜାତିର ରକ୍ଷା ପାଇଁ ଏବେ ମଧ୍ୟ ତାପମାତ୍ରା ନିୟନ୍ତ୍ରଣ କରିବା ଏକମାତ୍ର ବିକଳ୍ପ। ଆଣ୍ଟାର୍କଟିକାର ଭାଗ୍ୟ ଉପରେ ହିଁ ପୃଥିବୀର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ସମଗ୍ର ମାନବ ସମାଜର ଭବିଷ୍ୟତ ନିର୍ଭର କରେ।



# ହର୍ମୁଜ ଅବରୋଧ ହଟାଅ; ନଚେତ...



ତେହେରାନ/ଆଙ୍କାରା, ୨୫।୪(ଏଜେନ୍ସି): ହର୍ମୁଜକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଏବେ ବି ଜାରି ରହିଛି। ଯୁଦ୍ଧବିରତି ସତ୍ତ୍ୱେ ଆମେରିକାର ନୌସେନା ହର୍ମୁଜକୁ ଅବରୋଧ କରି ରଖିଥିବାରୁ ବିରକ୍ତି ପ୍ରକାଶ କରିଛି ଇରାନ। ଇରାନ ପକ୍ଷରୁ ଆଜି ଧମକ ଦିଆଯାଇଛି ଯେ ଆମେରିକା ସାମରିକ ଅବରୋଧ ଜାରି ରଖିଲେ ଇରାନ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଏହା କେବଳ ଆମେରିକା ନୁହେଁ, ସମଗ୍ର ଉପସାଗରୀୟ ରାଷ୍ଟ୍ର ପାଇଁ କ୍ଷତିକାରକ ହେବ। ହର୍ମୁଜ ଅବରୋଧ ତୁରନ୍ତ ନହଟାଇଲେ ଇରାନ ଆକ୍ରମଣ କରିବ ବୋଲି ସେନା ପକ୍ଷରୁ ପରୋକ୍ଷ ଧମକ ଦିଆଯାଇଛି। ଇସଲାମାବାଦରେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ଇରାନର ଏଭଳି ଧମକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଇରାନ ଏବଂ ଆମେରିକା ମଧ୍ୟରେ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହର୍ମୁଜ୍ ପ୍ରଣାଳୀରୁ ସାମୁଦ୍ରିକ ମାଇନ୍ ହଟାଇବା କାର୍ଯ୍ୟରେ ତୁର୍କୀ ଅଂଶଗ୍ରହଣ କରିପାରେ ବୋଲି ତୁର୍କୀ ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ ପ୍ରକାଶ କରିଛନ୍ତି। ଶୁକ୍ରବାର ଲଣ୍ଡନଠାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଫିଦାନ କହିଛନ୍ତି ଯେ, ଏହି ସାମୁଦ୍ରିକ ପଥକୁ ମାଇନ୍ ମୁକ୍ତ କରିବା ପ୍ରୟାସକୁ ତୁର୍କୀ ଏକ ମାନବିକ କର୍ତ୍ତବ୍ୟ ଭାବରେ ଦେଖୁଛି। ଫିଦାନଙ୍କ ସୂଚନା ଅନୁଯାୟୀ, ଇରାନ-ଆମେରିକା ମଧ୍ୟରେ ଚୁକ୍ତିନାମା ପରେ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଷୟିକ ଦଳ ଗଠନ କରାଯିବାର ଯୋଜନା ରହିଛି। ଏହି ଦଳ ହର୍ମୁଜ୍ ପ୍ରଣାଳୀରେ ମାଇନ୍ ସଫେଇ କାର୍ଯ୍ୟ ସମ୍ପାଦନ କରିବେ। ତୁର୍କୀ ଏହି ଅନ୍ତର୍ଜାତୀୟ ବୈଷୟିକ ଦଳର ଅଂଶବିଶେଷ ହେବାକୁ ପ୍ରସ୍ତୁତ ଏବଂ ଏହି କାର୍ଯ୍ୟରେ ସାମିଲ ହେବା ପାଇଁ ଦେଶର କୌଣସି ଆପତ୍ତି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏହି ସହଯୋଗ ପାଇଁ ତୁର୍କୀ କିଛି ସର୍ତ୍ତ ମଧ୍ୟ ରଖିଛି। ଯଦି ଏହି ବୈଷୟିକ ଦଳ କିମ୍ବା ଏଥିରେ ସାମିଲ ଥିବା ଦେଶମାନେ ଭବିଷ୍ୟତରେ କୌଣସି ନୂତନ ସଂଘର୍ଷର ପକ୍ଷ ହୁଅନ୍ତି, ତେବେ ତୁର୍କୀ ନିଜର ସ୍ଥିତିର ପୁନଃ ସମୀକ୍ଷା କରିବ ବୋଲି ଫିଦାନ ସ୍ପଷ୍ଟ କରିଛନ୍ତି।

# ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ବିଜୁଳି ବିଭ୍ରାଟ: କାମ କରୁନି ସିସିଟିଭି, କ୍ୟାମେରା

ମୁର୍ଶିଦାବାଦ, ୨୫।୪: ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବାପରେ ଟିଏମସି ଏବଂ ବିଜେପି ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସେମାନେ ଅଧିକ ଆସନ ପାଇଥିବା ଦାବି ମଧ୍ୟ କରିବାରେ ଲାଗିଛନ୍ତି। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପୂର୍ବରୁ ଲୋକମାନଙ୍କ ମଧ୍ୟରେ ନିଜ ନିଜ ସପକ୍ଷରେ ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଏଭଳି ପରିସ୍ଥିତି ମଧ୍ୟରେ ମମତାଙ୍କ ଟିଏମ୍‌ସିର ଗଡ଼ କୁହାଯାଉଥିବା ମୁର୍ଶିଦାବାଦ ଜିଲ୍ଲାରୁ ଅଭାବନୀୟ ଖବର ଆସିଛି। ପ୍ରଥମ ପର୍ଯ୍ୟାୟରେ ଏଠାରେ ମତଦାନ ହୋଇଥିଲା। ମତଦାନ ପରେ ବିଭିନ୍ନ ସ୍ଥାନରେ ଷ୍ଟ୍ରଙ୍ଗରୁମରେ ରଖା ହୋଇଛି ଭୋଟିଂ ମେସିନ ବା ଇଭିଏମ୍। ତେବେ ଯେଉଁ ଷ୍ଟ୍ରଙ୍ଗରୁମରେ ଇଭିଏମ୍ ରଖାଯାଇଛି, ସେଠାରେ ବାରମ୍ବାର ବିଜୁଳି ବିଭ୍ରାଟ ଦେଖାଦେଇଛି। କେବଳ ଏତିକି ନୁହେଁ,

### ପଶ୍ଚିମ ବଙ୍ଗରେ ଅଭାବନୀୟ ପରିସ୍ଥିତି
### ସିସିଟିଭି ଲଗାଇଲେ ଟିଏମ୍‌ସି, କଂଗ୍ରେସ

ସିସିଟିଭି ଏବଂ କ୍ୟାମେରା ମଧ୍ୟ କାମ କରୁନି। ଏଗୁଡ଼ିକୁ ଅଚଳ କରିଦିଆଯାଇଛି। ଟିଏମସି ପ୍ରାର୍ଥୀ ଆଜି ଏଭଳି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ଟିଏମସିକୁ ହରାଇବା ଲାଗି କେନ୍ଦ୍ରୀୟ ବାହିନୀ ସହାୟତାରେ ବିଜେପି ଇଭିଏମରେ ଜାଲିଆତି ଚଳାଇଛି। ସେମାନେ ଏସଂପର୍କରେ ଅଭିଯୋଗ କରିଥିଲେ ମଧ୍ୟ କେନ୍ଦ୍ରୀୟ ଫୋର୍ସ ଶୁଣୁନଥିବା ବେଳେ ନିର୍ବାଚନ ଅଧିକାରୀ



ମଧ୍ୟ ଚୁପ ରହିଛନ୍ତି। ସାଗରଦିଘି ବିଧାୟକ ତଥା ଟିଏମସି ନେତା ଏହି ଅଭିଯୋଗ ଆଣିଛନ୍ତି। ଜଙ୍ଗିପୁର ପଲିଟେକନିକ୍ କଲେଜ ଷ୍ଟ୍ରଙ୍ଗରୁମରେ ୪ଟି ନିର୍ବାଚନମଣ୍ଡଳୀର ଇଭିଏମ୍ ରଖାଯାଇଛି ଏବଂ ଏହି ଷ୍ଟ୍ରଙ୍ଗରୁମରେ ଏଭଳି ବିଭ୍ରାଟ ଦେଖାଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ମୁର୍ଶିଦାବାଦ ଜିଲ୍ଲାର ଡୋମକାଲ ଗାର୍ଲସ କଲେଜ ଷ୍ଟ୍ରଙ୍ଗରୁମରେ ମଧ୍ୟ ଏଭଳି ବିଭ୍ରାଟ ନେଇ ମିଳିତ ଅଭିଯୋଗ କରିଛନ୍ତି ଟିଏମ୍‌ସି, କଂଗ୍ରେସ ଏବଂ ବାମ ସାମ୍ମୁଖ୍ୟ। ସେମାନେ ଏହି କଲେଜ କ୍ୟାମ୍ପସରେ ନିଜ ଆଡୁ ସିସିଟିଭି ଏବଂ କ୍ୟାମେରା ଲଗାଇବା ସହିତ ଷ୍ଟ୍ରଙ୍ଗରୁମ ଉପରେ ୨୪ ଘଣ୍ଟା ନଜର ରଖିବା ଲାଗି ଦଳୀୟ କର୍ମୀକମାନଙ୍କୁ ନିୟୋଜିତ କରିଛନ୍ତି। ଏହି ଷ୍ଟ୍ରଙ୍ଗରୁମରେ ତିନିଟି ନିର୍ବାଚନମଣ୍ଡଳୀର ଇଭିଏମ୍ ରହିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ।

## 'ନିତି ଆୟୋଗ' ପୁନର୍ଗଠିତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): କେନ୍ଦ୍ର ସରକାର ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା 'ନିତି ଆୟୋଗ'ର ପୁନର୍ଗଠନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଶୋକ କୁମାର ଲାହିରିଙ୍କୁ ନିତି ଆୟୋଗର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ଲାହିରି ୧୫ତମ ଅର୍ଥ କମିଶନର ଜଣେ ସଦସ୍ୟ ଥିଲେ ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗର ଜଣେ ବିଧାୟକ ଅଛନ୍ତି। ନିଯୁକ୍ତି ପରେ ଶନିବାର ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ସଦସ୍ୟମାନଙ୍କୁ ଶୁଭକାମନା ଜଣାଇବା ସହ ଆୟୋଗର ଭବିଷ୍ୟତର ରଣନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ସହିତ ସରକାର ୫ ଜଣ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ସଦସ୍ୟମାନେ ହେଲେ, ପୂର୍ବତନ କ୍ୟାବିନେଟ ସଚିବ ରାଜୀବ ଗୌବା, ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କେ.ଭି. ରାଜୁ, ବୈଜ୍ଞାନିକ ପ୍ରଫେସର ଗୋବର୍ଦ୍ଧନ ଦାସ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ପ୍ରଫେସର ଅଭୟ କରନ୍ଦିକର, ଏମ୍ସର ନିର୍ଦ୍ଦେଶକ ଡଃ ଏମ. ଶ୍ରୀନିବାସ।

## ଦୁଇ ମାସ ପରେ ଇରାନରୁ ବିମାନ ସେବା ଆରମ୍ଭ

ତେହେରାନ,୨୫।୪(ଏଜେନ୍ସି): ପ୍ରାୟ ଦୁଇ ମାସର ବ୍ୟବଧାନ ପରେ ଇରାନ ଏହାର ତେହେରାନ ସ୍ଥିତ ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣିଥରେ ବାଣିଜ୍ୟିକ ବିମାନ ସେବା ଆରମ୍ଭ କରିଛି। ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ କରି ଶନିବାର ଇସ୍ତାନବୁଲ, ମସ୍କାଟ ଏବଂ ମଦିନା ଅଭିମୁଖେ ବିମାନଗୁଡ଼ିକ ଯାତ୍ରା ଆରମ୍ଭ କରିଛନ୍ତି। ଆମେରିକା ସମର୍ଥିତ ଏକ ଅସ୍ଥାୟୀ ଯୁଦ୍ଧ ବିରତି ମଧ୍ୟରେ ଏହି ବିମାନ ଚଳାଚଳ ପୁନଃ ଚାଲୁ କରାଯାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ବର୍ତ୍ତମାନ ପାକିସ୍ତାନ ଗସ୍ତରେ ଅଛନ୍ତି। ସେଠାରେ ସେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନର ଶୀର୍ଷ ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି। ହ୍ୱାଇଟ୍ ହାଉସର ସୂଚନା ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବିଶେଷ ଦୂତ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନରଙ୍କୁ ମଧ୍ୟ ପାକିସ୍ତାନ ପଠାଇବାକୁ ସ୍ଥିର କରିଛନ୍ତି, ଯାହାଫଳରେ ଇରାନ ସହିତ ପରୋକ୍ଷ ଭାବେ ଆଲୋଚନା କରି ଯୁଦ୍ଧ ବିରତିକୁ ସ୍ଥାୟୀ କରାଯାଇପାରିବ।

# 'ଶୀଷ ମହଲ-୨'କୁ ନେଇ ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ନୂଆ ସରକାରୀ ବାସଭବନକୁ ନେଇ ବିଜେପି ଏବଂ ଆପ୍ ମଧ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। କେଜ୍ରିୱାଲ ତାଙ୍କର ନୂତନ ବାସଭବନ ୯୫ ଲୋଧି ଇଷ୍ଟେଟ୍‌କୁ ସ୍ଥାନାନ୍ତରିତ ହେବାର ମାତ୍ର ଦିନକ ପରେ ବିଜେପି ଏହାକୁ 'ଶୀଷ ମହଲ ୨' ବୋଲି ଅଭିହିତ କରିଛି। ବିଜେପି ନେତା ତଥା ଦିଲ୍ଲୀ ମନ୍ତ୍ରୀ ପ୍ରବେଶ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କେଜ୍ରିୱାଲଙ୍କ ନୂଆ ବଙ୍ଗଳାର କିଛି ଫଟୋ ଏବଂ ନକ୍ସା ଜାରି କରିଛନ୍ତି। ବର୍ମା ଅଭିଯୋଗ କରିଛନ୍ତି ଯେ ଏହି ବାସଭବନ ଅତି ଉଚ୍ଚମାନର ଏବଂ ବିଳାସପୂର୍ଣ୍ଣ ହୋଇଛି। ଏଥିରେ ବିଭିନ୍ନ ସୁବିଧା ସୁଯୋଗ ପାଇଁ ବିପୁଳ ପାଣ୍ଠି ବ୍ୟବହାର କରାଯାଇଛି। ତାଙ୍କ କହିବା ଅନୁଯାୟୀ, ସାଧାରଣତଃ ସରକାର ନେତାମାନଙ୍କ ବଙ୍ଗଳା ପାଇଁ ଏତେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରନ୍ତି ନାହିଁ। କେଜ୍ରିୱାଲଙ୍କୁ ଦିଲ୍ଲୀର 'ରହମାନ ଡକାୟତ' ବୋଲି କହି କଟାକ୍ଷ କରିଛନ୍ତି। ଏହାସହ ଏହି ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ଅର୍ଥ କେଉଁଠାରୁ ଆସିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ମା ଆହୁରି ମଧ୍ୟ ଦାବି କରିଛନ୍ତି ଯେ କେଜ୍ରିୱାଲ ନିଜର ସରଳ ଜୀବନଶୈଳୀର ଭାବମୂର୍ତ୍ତିକୁ



ସମ୍ପୂର୍ଣ୍ଣ ପରିତ୍ୟାଗ କରି ଏବେ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି। ସେପଟେ ଏହି ଅଭିଯୋଗକୁ ଆପ୍ ପ୍ରତ୍ୟାଖ୍ୟାନ କରିଛି। ଆପ୍ ନେତ୍ରୀ ଅତିଶୀ ବିଜେପି ଦ୍ୱାରା ଜାରି କରାଯାଇଥିବା ଫଟୋଗୁଡ଼ିକୁ ନକଲି ବୋଲି କହିଛନ୍ତି। ଏହି ଚିତ୍ରଗୁଡ଼ିକୁ ସୋସିଆଲ ମିଡିଆ ସାଇଟ୍‌ରୁ ଡାଉନଲୋଡ୍ କରାଯାଇଛି ବୋଲି ସେ କହିଛନ୍ତି। ଅତିଶୀ ବିଜେପି ଉପରେ ପାଲଟା ଆକ୍ରମଣ କରିଛନ୍ତି। ଯଦି ବିଜେପିକୁ ପ୍ରକୃତରେ ତୁଳନା କରିବାର ଅଛି, ତେବେ ଦିଲ୍ଲୀ ଉପରାଜ୍ୟପାଳ ଏବଂ ବିଜେପି ନେତା ରେଖା ଗୁପ୍ତା ନିଜ ନିଜ ଘରର ଦ୍ୱାର ଜନସାଧାରଣଙ୍କ ପାଇଁ ଖୋଲିଦିଅନ୍ତୁ, ଯାହାଦ୍ୱାରା ଲୋକେ ନିଜେ ନିଷ୍ପତ୍ତି ନେଇପାରିବେ କାହାର ଘର ଅଧିକ ବିଳାସପୂର୍ଣ୍ଣ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ସିଭିଲ୍ ଲାଇନ୍ସ ସ୍ଥିତ କେଜ୍ରିୱାଲଙ୍କର ସରକାରୀ ବାସଭବନର ନବୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବିଜେପି ଅଭିଯୋଗ କରିଥିଲା। ସେହି ସମୟରେ ମଧ୍ୟ ବିଜେପି ଏହାକୁ ଶୀଷ ମହଲ ବୋଲି କହିଥିଲା। ଏପରିକି ଏହି ପ୍ରସଙ୍ଗକୁ ବିଜେପି ନିର୍ବାଚନୀ ପ୍ରଚାରର ଏକ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଥିଲା।

# ୨୪ ଘଣ୍ଟାରେ ୧୫ ଲକ୍ଷ ଫଲୋଅର୍ସ ହରାଇଲେ ରାଘବ ଚଢ଼ା

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଛାଡି ବିଜେପିରେ ସାମିଲ ହେବା ପରେ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ଲୋକପ୍ରିୟତାରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଛି। ବିଶେଷ କରି ଯୁବପିଢ଼ି ବା ଜେନ ଜେଡ ମଧ୍ୟରେ ତାଙ୍କ ପ୍ରତି ଥିବା ଅସନ୍ତୋଷ ସ୍ପଷ୍ଟ ଦେଖାଦେଇଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପ୍ରାୟ ୧୫ ଲକ୍ଷ ଫଲୋଅର୍ସଙ୍କୁ ହରାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ୩୭ ବର୍ଷୀୟ ଏହି ସାଂସଦଙ୍କର ୧୪.୬ ନିୟୁତ ଫଲୋଅର୍ସ। କିନ୍ତୁ ଶନିବାର ଅପରାହ୍ଣ ସୁଦ୍ଧା ଏହି ସଂଖ୍ୟା ହ୍ରାସ ପାଇ ୧୩.୧ ନିୟୁତରେ ପହଞ୍ଚିଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ, ଏହି ଅନଫଲୋ ଅଭିଯାନ ମୁଖ୍ୟତଃ ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଘବ ଚଢ଼ା ପୂର୍ବରୁ ଯୁବପିଢ଼ିଙ୍କ ସହ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା- ପିତୃତ୍ୱ ଛୁଟି, ଟେଲିକମ୍ ଡାଟା ସୀମା ଏବଂ ଗିଗ୍ ୱାର୍କର୍ସଙ୍କ ଅଧିକାର ଭଳି ବିଷୟ ସଂସଦରେ ଉଠାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ଦିନକ ପାଇଁ ଜଣେ ଡେଲିଭରି ପାର୍ଟନର ଭାବେ କାମ କରି ସାଧାରଣ ଶ୍ରମିକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଜେପିରେ ସାମିଲ ହେବା ପରେ ତାଙ୍କର ଏହି ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ବର୍ତ୍ତମାନ 'ଅନଫଲୋ ରାଘବ ଚଢ଼ା' ହ୍ୟାସଟ୍ୟାଗ୍ ଟ୍ରେଣ୍ଡ କରୁଛି। ସେ ବିଜେପିରେ ଯୋଗଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

### ହରଭଜନଙ୍କ ଘରେ କଳା ବୋଲିଲେ ଆପ୍ କର୍ମୀ

ଏବଂ ବିଜେପି ବିରୋଧରେ ଥିବା ନିଜର ସମସ୍ତ ପୁରୁଣା ପୋଷ୍ଟଗୁଡିକୁ ଡିଲିଟ୍ କରିଦେଇଥିବା ଅନେକ କହିଛନ୍ତି। ସେହିପରି ପ୍ରସିଦ୍ଧ ପର୍ବତାରୋହୀ ରୋହତାଶ ଖିଲେରୀ ମଧ୍ୟ ତାଙ୍କୁ ଅନଫଲୋ କରିଥିବା ଜଣାପଡ଼ିଛି।

ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହ ଆପ୍ ଛାଡି ବିଜେପିରେ ସାମିଲ ହେବା ପରେ ପଞ୍ଜାବ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଶନିବାର ଜଳନ୍ଧର ସ୍ଥିତ ତାଙ୍କ ବାସଭବନ ବାହାରେ ଆପ୍ କର୍ମକର୍ତ୍ତାମାନେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରି ନିଜ ଅସନ୍ତୋଷ ଜାହିର କରିଛନ୍ତି। ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ କର୍ମୀମାନେ ହରଭଜନଙ୍କ ବାସଭବନ କାନ୍ଥରେ କଳା ରଙ୍ଗରେ ଗଦ୍ଦାର ବା ବିଶ୍ୱାସଘାତକ ବୋଲି ଲେଖିଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ହରଭଜନଙ୍କ ସମେତ ଆଉ ୬ ଜଣ ଆପ୍ ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି




ଘଟଣାକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ପ୍ରଦର୍ଶନକାରୀମାନେ କଳା ପଟି ବାନ୍ଧି ଏକ ନିଆରା ଶୈଳୀରେ ହରଭଜନଙ୍କ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ତେବେ ବିକ୍ଷୋଭ ସମୟରେ ହରଭଜନ ସିଂହ ଘରେ ଉପସ୍ଥିତ ନଥିଲେ ବୋଲି ଜଣାପଡ଼ିଛି।

## ଚାବାହାର ଅଂଶଧନ ଇରାନକୁ ହସ୍ତାନ୍ତର କରିପାରେ ଭାରତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଭାରତ-ଇରାନର ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚାବାହାର ବନ୍ଦରକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆମେରିକାର କଟକଣାରୁ ବର୍ତ୍ତିବା ପାଇଁ ଭାରତ ଏହି ବନ୍ଦରରେ ଥିବା ନିଜର କାର୍ଯ୍ୟକାରୀ ଅଂଶଧନକୁ ଏକ ଇରାନୀ କମ୍ପାନୀକୁ ଅସ୍ଥାୟୀ ଭାବେ ହସ୍ତାନ୍ତର କରିପାରେ ବୋଲି ସୂଚନା ମିଳିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଦ୍ୱାରା ଜାରି କରାଯାଇଥିବା କଟକଣା କୋହଳ ଅବଧି ଚଳିତ ମାସରେ ଶେଷ ହେବାକୁ ଯାଉଛି। ଏପରି ସ୍ଥିତିରେ ବନ୍ଦରର କାର୍ଯ୍ୟକୁ ନିରନ୍ତର ରଖିବା ପାଇଁ ଭାରତ ଏଭଳି ପଦକ୍ଷେପ ନେଇପାରେ ବୋଲି କୁହାଯାଇଛି। ଭାରତ ଏହି ପ୍ରକଳ୍ପରେ ପ୍ରାୟ ୧୨୦ ମିଲିୟନ ଡଲାର ପ୍ରାୟ ୧୧୦୦ କୋଟି ଟଙ୍କା ନିବେଶ କରିଛି। ଭାରତ ସରକାର ବର୍ତ୍ତମାନ ଏହି ପ୍ରସଙ୍ଗରେ ଆମେରିକା ଏବଂ ଇରାନ ଉଭୟଙ୍କ ସହ ପୃଥକ ଭାବେ ଆଲୋଚନା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୨୦୨୫ରେ ଆମେରିକା ଭାରତକୁ ୬ ମାସ ପାଇଁ କଟକଣାରୁ ରିହାତି ଦେଇଥିଲା, ଯାହାର ସମୟସୀମା ଏବେ ସମାପ୍ତ ହେଉଛି। ଏହି ଅସ୍ଥାୟୀ ହସ୍ତାନ୍ତର ପ୍ରକ୍ରିୟା ମାଧ୍ୟମରେ ଭାରତ ନିଜର ସ୍ୱାର୍ଥ ରକ୍ଷା କରିବା ସହ ଆମେରିକାର କଠୋର ଆଭିମୁଖ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚାହୁଁଛି। ପାକିସ୍ତାନକୁ ବାଦ୍ ଦେଇ ଆଫଗାନିସ୍ତାନ ସହ ସଂଯୋଗ ପାଇଁ ଚାବାହାର ବନ୍ଦର ଗୁରୁତ୍ୱପୂର୍ଣ୍ଣ। ଏହି ବନ୍ଦର ମାଧ୍ୟମରେ ଭାରତ ପାକିସ୍ତାନ ଉପରେ ନିର୍ଭର ନକରି ସିଧାସଳଖ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆର ଦେଶଗୁଡ଼ିକ ସହ ବାଣିଜ୍ୟିକ କାରବାର କରିପାରିବ। ପାକିସ୍ତାନର ଗ୍ୱାଦର ବନ୍ଦରରେ ଚୀନର ନିବେଶ ବିରୋଧରେ ଚାବାହାର ହେଉଛି ଭାରତର ଏକ ଶକ୍ତିଶାଳୀ ରଣନୈତିକ ବିକଳ୍ପ। ଭାରତ ଏହି ବନ୍ଦର ପାଇଁ ବିପୁଳ ପାଣ୍ଠି ଯୋଗାଇ ଦେଇଛି, ଯାହାର ସୁରକ୍ଷା ପାଇଁ ଏହାର କାର୍ଯ୍ୟକ୍ଷମ ରହିବା ଜରୁରୀ। ଚାବାହାର ବନ୍ଦର ନେଇ ଭାରତର ପ୍ରୟାସ ୨୦୦୩ରେ ବାଜପେୟୀ ସରକାରଙ୍କ ସମୟରୁ ଆରମ୍ଭ ହୋଇଥିଲା। ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏଥିପାଇଁ ୮୦୦ କୋଟି ଟଙ୍କାର ନିବେଶ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ଏବଂ ଆଫଗାନିସ୍ତାନ ସହ ମିଶି ଏହି ଚୁକ୍ତିକୁ ଆଗକୁ ବଢ଼ାଇଥିଲେ। ଏଥିରେ ଟର୍ମିନାଲ ପାଇଁ ୭୦୦ କୋଟି ଏବଂ ବନ୍ଦର ବିକାଶ ପାଇଁ ୧୨୫୦ କୋଟି ଟଙ୍କାର ଋଣ ସହାୟତା ଅନ୍ତର୍ଭୁକ୍ତ ଥିଲା।

## ମଣିପୁରରେ ଥମୁନି ହିଂସା
### ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

ଇମ୍ଫାଲ, ୨୫।୪(ଏଜେନ୍ସି): ମଣିପୁରର ରାଜଧାନୀ ଇମ୍ଫାଲରେ ଶନିବାର ଏକ ବୃହତ ବିକ୍ଷୋଭ ରାଲି ଅନୁଷ୍ଠିତ ହେବା ସମୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି ପକ୍ଷରୁ ଆୟୋଜିତ ଏହି ରାଲି ସମୟରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି। ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ଉପତ୍ୟକା ଜିଲ୍ଲାଗୁଡ଼ିକର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇ ଏହି ରାଲି ଆରମ୍ଭ କରିଥିଲେ। ପ୍ରଦର୍ଶନକାରୀମାନେ ମୁଖ୍ୟମନ୍ତ୍ରୀ ୟୁମ୍ନାମ ଖେମଚାନ୍ଦ ସିଂଙ୍କ ବାସଭବନ ଅଭିମୁଖେ ଯାଇ ରାଜ୍ୟର ଶାନ୍ତି ପ୍ରତିଷ୍ଠା ପାଇଁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲେ। ତେବେ ରାଲି ଆଗକୁ ବଢ଼ିବା ସହିତ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷ ହୋଇଥିଲା। ବିଶେଷ କରି ମହିଳାମାନଙ୍କ ଦ୍ୱାରା ପରିଚାଳିତ ଖ୍ୱାଇରାମବନ୍ଦ ଇମା କେଥେଲ ମଦର୍ସ ମାର୍କେଟ ନିକଟରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ପୁଲିସ ଭିଡ଼ ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଫଳରେ ବ୍ୟବସାୟୀ ଏବଂ ଗ୍ରାହକଙ୍କ ଧାଁ ଧପଡ଼ ହୋଇଥିଲା। ଏହି ଘଟଣାରେ ଅନେକ ଆହତ ହେବାର ଖବର ମିଳିଛି।

## ୩ ବର୍ଷର ପୁଅକୁ ହତ୍ୟା କରି ଆତ୍ମହତ୍ୟା କଲା ମଦ୍ୟପ ପିତା

ଝାନ୍ସୀ, ୨୫।୪(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ମଦ୍ୟପାନ କରି ପରିବାର ସହ ଝଗଡ଼ା କରିବା ପରେ ନିଜର ୩ ବର୍ଷର ନିଷ୍ପାପ ପୁଅକୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଝାନ୍ସୀର ଧୀମରପୁରା ଗାଁର ବାସିନ୍ଦା ପ୍ରେମ ସିଂ (୩୮) ଗତକାଲି ରାତିରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରିଥିଲେ। ସେ ଅତ୍ୟଧିକ ମଦ୍ୟପାନ କରିଥିଲେ। ଏହାକୁ ନେଇ ପରିବାରେ ତାଙ୍କର ଯୁକ୍ତିତର୍କ ହୋଇଥିଲା। ତାଙ୍କ ପତ୍ନୀ ଆଶାଙ୍କ କହିବା ଅନୁସାରେ, ମଦ୍ୟପାନକୁ ନେଇ ତାଙ୍କ ଶାଶୁ ମଧ୍ୟ ପ୍ରେମ ସିଂଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ, ରାତି ଅଧରେ ପ୍ରେମ ସିଂ ନିଜର ସବୁଠାରୁ ସାନ ପୁଅ ଭରତ (୩)କୁ ଧରି ଅନ୍ୟ ଏକ କୋଠରୀକୁ ଚାଲିଯାଇଥିଲେ ଏବଂ ଭିତରୁ କବାଟ ବନ୍ଦ କରିଦେଇଥିଲେ। ମାତ୍ର କିଛି ଘଣ୍ଟା ପରେ ପତ୍ନୀ ଆଶା ସନ୍ଦେହ ହେବାରୁ ସେ ଝରକା ବାଟେ ଚାହିଁ ଦେଖିଥିଲେ ଯେ ତାଙ୍କ ସ୍ୱାମୀ ଫାଶୀରେ ଝୁଲୁଛନ୍ତି ଏବଂ ପୁଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ରହିଛି। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଗୁଡ଼ିକୁ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡୁଛି ଯେ ବ୍ୟକ୍ତିଜଣକ ପ୍ରଥମେ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି।

## ୟୁକ୍ରେନ୍‌ରେ ରୁଷ ଆକ୍ରମଣ: ୭ ମୃତ

କିଭ୍, ୨୫।୪(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି। ଗତକାଲି ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଡ୍ରୋନ୍ ଆକ୍ରମଣରେ ୭ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଅନୁଯାୟୀ, ରୁଷ ୬୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିଲା। ସାଧାରଣ ନାଗରିକ ରହୁଥିବା ଅଞ୍ଚଳ ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଛି। ଦନିପ୍ରୋ ସହରରେ ଏକ ଆପାର୍ଟମେଣ୍ଟରେ ଡ୍ରୋନ୍ ମାଡ଼ରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ଚେର୍ନିହିଭ ଅଞ୍ଚଳରେ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ଓଡେସା ଏବଂ ଖାର୍କିଭ ଭଳି ପ୍ରମୁଖ ସହରରେ ମଧ୍ୟ ରୁଷର ମିସାଇଲ ଓ ଡ୍ରୋନ୍ ମାଡ଼ ହୋଇଛି।

## ରଥଖଳାରୁ...

# ଆଜି ବିନ୍ଧ ଅନୁକୂଳ



ପୁରୀ, ୨୫।୪ (ସମିସ): ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ତିଆରି କରାଯାଉଛି। ଶନିବାର ସୁଦ୍ଧା ତିନି ରଥର ମୋଟ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ରବିବାର ସକାଳେ ତିନିରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା ସହ ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ତିନିରଥ ମୁଖ୍ୟ ମହାରଣାମାନେ ନିଜ ନିଜର ସାଥୀ ମହାରଣା ସେବକଙ୍କ ସହ ମିଶି ମାପ ପ୍ରକାରେ ତୁମ୍ବଗୁଡ଼ିକର ସୂତା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ କରତି ମହାରଣାଙ୍କ ଦ୍ୱାରା ତୁମ୍ବଗୁଡ଼ିକର ଘେର କଟା ଏବଂ ସାଥୀ ସହଯୋଗୀ ମହାରଣାଙ୍କ ଦ୍ୱାରା ତୁମ୍ବଗୁଡ଼ିକର ଠେକ ତୁଲିଆ କାର୍ଯ୍ୟ (ତୁମ୍ବର ବଳକା ଅଂଶକୁ କାଟି ତୁମ୍ବର ମୁଖ ଭାଗକୁ ବଟାଳିରେ ଚାଞ୍ଛି ସମତୁଲ କରିବା) ତଦାରଖ ପୂର୍ବକ ତୁମ୍ବ ବିନ୍ଧ ଅନୁକୂଳ ପୂଜା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ତିନି ରଥର କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିବା ସହ ତୁମ୍ବ ବଳା ପ୍ରସ୍ତୁତ ପାଇଁ ବଳା ଶାଳ ପ୍ରସ୍ତୁତ ଶେଷ କରି କରିଛନ୍ତି।

ସୂଚନାଥାଉ କି, ଗୋଟିଏ ଚକରେ ୩୨ଟି ଅରକଣ୍ଟା ଲାଗିଥାଏ। ତେଣୁ ତିନିରଥର ମୋଟ ୪୨ଟି ଚକ ପାଇଁ ୧,୩୪୪ଟି ଅରକଣ୍ଟା ତିଆରି କରାଯିବ। ପ୍ରାଥମିକ ଭାବେ ୬ଟି ଚକ ପାଇଁ ଅରକଣ୍ଟା ତିଆରି ହେଉଛି। ଅନ୍ୟପକ୍ଷରେ, ଶନିବାର ମଧ୍ୟାହ୍ନରେ ରଥ ଖଳା ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବୁଝିଥିଲେ ରତ୍ନଭଣ୍ଡାର ଓଏସ୍‌ଡି ଜିତେନ୍ଦ୍ର କୁମାର ସାହୁ। ତିନି ରଥର ମୁଖ୍ୟ ମହାରଣା ଓ ଭୋଇ ସର୍ଦ୍ଦାର ରବି ଭୋଇ ତିନିରଥର ସମସ୍ତ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ପରେ ତୁମ୍ବଗୁଡ଼ିକରେ ସୂତାବାଡ଼ିଆ ଯାଇଛି। ରବିବାର ତୁମ୍ବ ବିନ୍ଧ ଅନୁକୂଳ ପୂଜା ଅନୁଷ୍ଠିତ ହେବା ସମ୍ପର୍କରେ ସୂଚନା ଦେଇଥିଲେ।

## ମନ୍ତ୍ରୀଙ୍କ ଘୋଷଣାକୁ ଦେଢ଼ବର୍ଷ

# ଭକ୍ତଙ୍କୁ କେବେ ବଣ୍ଟାଯିବ ମାଗଣା ମହାପ୍ରସାଦ

ପୁରୀ, ୨୫।୪ (ସମିସ): ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଏମିତି କିଛି ନିଷ୍ପତ୍ତି ହେଉଛି ଯାହାକୁ ସର୍ବସାଧାରଣରେ ଅଧିକାରୀ, ଏପରିକି ନେତା, ମନ୍ତ୍ରୀ ଘୋଷଣା କରି ବାହାବା ଗୋଟାଉଛନ୍ତି। ଗଣମାଧ୍ୟମରେ ଦୁଇ ଦିନ ଧରି ତାହା ଖବରର ଶିରୋନାମା ପାଲଟୁଛି। କିନ୍ତୁ, ବାସ୍ତବରେ ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ନା ନାହିଁ, ତା' ଉପରେ କେହି ଧ୍ୟାନ ରଖୁନାହାନ୍ତି। ଫଳରେ, କଥା କହି ବାହାବା ନେବାର ମାନସିକତା ଭିତରେ ହଜିଯାଉଛି ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ।

ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବା ଏଥି ମଧ୍ୟରୁ ଅନ୍ୟତମ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ଘୋଷଣା କରିବାକୁ ଇତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି। ହେଲେ ଏଯାଏ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହୋଇନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ, ସେନେଇ କୌଣସି ବୈଠକ ବସିନି କି ଏ ବିଷୟରେ ଆଉ କିଛି ଶୁଣିବାକୁ ମିଳୁନି।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଡ଼ା କିଣି ଖାଇବାକୁ ସମର୍ଥ ହୋଇ ନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାନ୍ତି। ତେଣୁ, ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଡ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା।

୨୦୧୬ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର-ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦବଜାରରୁ ଅବଡ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୯ବର୍ଷ ହେବ, ବନ୍ଦରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। କିନ୍ତୁ, ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିବା ପରେ ଶ୍ରଦ୍ଧାଳୁ ଖୁସି ହୋଇଥିଲେ।





୨୦୨୪ ଅଗଷ୍ଟରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ବର୍ଷକୁ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନମନ୍ତ୍ରୀ। ଇତିମଧ୍ୟରେ ଦୁଇଟି କାର୍ତ୍ତିକ ମାସ ସରି ଗଲାଣି। ହେଲେ ଏ ପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି।

ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ନୟାଗଡ଼ ଗଣିଆର ସରୋଜକାନ୍ତ ପ୍ରଧାନ କହିଛନ୍ତି, ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିବା ପରେ ଆମେ ବେଶ୍ ଖୁସି ହୋଇଥିଲୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ସବୁ ଶ୍ରଦ୍ଧାଳୁ ମହାପ୍ରସାଦ କିଣିବାକୁ ସମର୍ଥ ହୋଇ ନ ଥାନ୍ତି। ସରକାର ମାଗଣାରେ ମହାପ୍ରସାଦ ବାଣ୍ଟିଲେ ସମସ୍ତେ ପାଇପାରିବେ। କଣିକାଏ ହେଉ ବରଂ ମହାପ୍ରଭୁଙ୍କ ଅବଡ଼ା ପ୍ରତି ସମସ୍ତଙ୍କ ଦୁର୍ବଳତା ରହିଥାଏ। ହେଲେ ମନ୍ତ୍ରୀ ଘୋଷଣା କରିବା ଇତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି। କିନ୍ତୁ ଏଯାଏ ମିଳିଲା ନାହିଁ। ତେଣୁ, କିପରି ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ, ତା' ଉପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ମନ୍ତ୍ରୀ ବିଚାରବିମର୍ଶ କରି ଏହାକୁ କାର୍ଯ୍ୟକାରୀ କଲେ ଭକ୍ତମାନେ ଉପକୃତ ହୋଇପାରନ୍ତେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ତତଲା କଡ଼େଇରେ ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର, ୨୫।୪(ସମିସ): ଗତ କିଛି ଦିନ ଧରି ଅସହ୍ୟ ତାତି ଏବଂ ଗୁଳୁଗୁଳି କାରଣରୁ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ବିଶେଷକରି, ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଅଧିକ ରହୁଥିବା ବେଳେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପାରଦ ଅପେକ୍ଷାକୃତ ଅଧିକ ରହୁଥିବା ବେଳେ ଶନିବାର ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୪.୧ ଡିଗ୍ରୀ ରେକର୍ଡ ହୋଇଛି। ଏହା ପଛକୁ ଟିଟିଲାଗଡ଼ର ତାପମାତ୍ରା ୪୦ଡିଗ୍ରୀ ରହିଥିବା ବେଳେ ମୋଟ ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି।

- ୧୭ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ
- ଝାରସୁଗୁଡ଼ାରେ ସର୍ବାଧିକ ୪୪.୧ ଡିଗ୍ରୀ
- ୨୭ ଯାଏଁ ଜାରି ରହିବ ଗ୍ରୀଷ୍ମ ଲହରୀ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ଅନୁଗୋଳର ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୪୨.୬ଡିଗ୍ରୀ, ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ହୀରାକୁଦରେ ୪୨.୬ଡିଗ୍ରୀ, ତାଳଚେରରେ ୪୧.୨ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ବଲାଙ୍ଗିରରେ ୪୩.୫ ଡିଗ୍ରୀ, ଫୁଲବାଣୀରେ ୪୦.୧ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ମାଲକାନଗିରିରେ ୪୦.୬ ଡିଗ୍ରୀ, ସୋନପୁରରେ ୪୨.୩ଡିଗ୍ରୀ, ବୌଦ୍ଧରେ ୪୨ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୦ଡିଗ୍ରୀ, ବରଗଡ଼ରେ ୪୧ ଡିଗ୍ରୀ, ନୂଆପଡ଼ାରେ ୪୩ଡିଗ୍ରୀ ଓ ରାଉରକେଲାରେ ପାରଦ ୪୨.୬ଡିଗ୍ରୀ ଛୁଇଁଥିଲା। ଆସନ୍ତା ୨୭ତାରିଖ ଯାଏ ରାଜବ୍ୟାପୀ ତାତି ଅନୁଭୂତ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଏପଟେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଡପତି, ଝାରସୁଗୁଡ଼ା, ବଲାଙ୍ଗିର, ସମ୍ବଲପୁର ଓ ଅନୁଗୋଳରେ ଉଷ୍ମ ଓ ଆଦ୍ର ଜଳବାୟୁ ଅନୁଭୂତ ହୋଇପାରେ। ଏତଦ୍‌ବ୍ୟତୀତ କେତେକ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ଥିବାନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସଂପୃକ୍ତ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

## ପୁଅ ନାଁରେ କଳଙ୍କ

# ଫୁଙ୍କନଳୀରେ ପିଟି ମା'ଙ୍କୁ ମାରିଦେଲା

ନରସିଂହପୁର, ୨୫।୪(ସମିସ): ପୁଅ ନାଁରେ କଳଙ୍କ। ନିଜ ଜନ୍ମ କଲା ମା'ଙ୍କୁ ଫୁଙ୍କନଳୀରେ ପିଟିପିଟି ମାରିଦେଲା। କଟକ ଜିଲା ନରସିଂହପୁର ବ୍ଲକ୍, କାନପୁର ଥାନା ଅନ୍ତର୍ଗତ ସିଆରିଆ ପଞ୍ଚାୟତର ଆତଣ୍ଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ମିଲି ସେଠୀ। ପୁଲିସ ମିଲିଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ପୁଅ ସଞ୍ଜୟ କୁମାର ସେଠୀ (୨୫) ଓରଫ୍ ସୁକୁଟାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ସୁକୁଟା ମାଡ଼ରେ ବାପା ଗାନ୍ଧୀ ସେଠୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

**ବାପା ଗୁରୁତର**

ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ସଞ୍ଜୟ ଘରକୁ ଫେରିଥିଲା। କୌଣସି କଥାକୁ ନେଇ ମା' ମିଲି ସେଠୀଙ୍କ ସହ ତା'ର ପାଟିତୁଣ୍ଡ ହୋଇଥିଲା। ଏଥିରେ ସଞ୍ଜୟ ରାଗି ନିଆଁବାଣ ହୋଇଯାଇଥିଲା। ପାଖରେ ପଡ଼ିଥିବା ଲୁହା ଫୁଙ୍କନଳୀରେ ମିଲିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ମିଲି ଅଚେତ ହୋଇ ପଡ଼ିଯାଇଥିଲେ। ଏହା ଦେଖି ବାପା ଗାନ୍ଧୀ ସେଠୀ ବିରୋଧ କରିବାରୁ ସଞ୍ଜୟ ତାଙ୍କୁ ମଧ୍ୟ ମାଡ଼ ମାରି ଅଚେତ କରି ଦେଇଥିଲା। ପାଟିତୁଣ୍ଡ ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମିଲି ଓ ଗାନ୍ଧୀଙ୍କୁ ଚିକିତ୍ସା ଲାଗି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମିଲିଙ୍କୁ ମୃତ ଘୋଷଣା କରିଥିଲେ। ଗାନ୍ଧୀଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସାନ ପୁଅ ଅଜୟ ସେଠୀଙ୍କ ଅଭିଯୋଗ ପରେ ଶନିବାର କାନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଫୁଙ୍କନଳୀକୁ ଜବତ କରିବା ସହ ଅଭିଯୁକ୍ତ ସୁକୁଟାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଖରା ଖାଉଛି ଶିକ୍ଷାବର୍ଷ

## ବଢୁଛି ଖରାଛୁଟି; କମୁଛି ଶିକ୍ଷାଦାନ ଦିବସ

ଭୁବନେଶ୍ୱର, ୨୫।୪(ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ଆସନ୍ତା ୨୭ ତାରିଖ ଅର୍ଥାତ୍ ସୋମବାରଠାରୁ ସମସ୍ତ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମେ' ୬ ତାରିଖଠାରୁ ଖରା ଛୁଟି ହେବାକୁ ଥିବା ବେଳେ ଏହାର ୯ ଦିନ ପୂର୍ବରୁ ଶିକ୍ଷାଦାନ ବନ୍ଦ କରାଯାଇଛି। ଖରା ପାଇଁ ପ୍ରତିବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ୍ କଲେଜ ବନ୍ଦ ହେଉଥିବା ବେଳେ ନିର୍ଦ୍ଧାରିତ ସମୟର ବହୁଦିନ ପରେ ଯାଇ ଶିକ୍ଷାନୁଷ୍ଠାନ ଖୋଲୁଛି। ଅର୍ଥାତ୍ ଖରା ପାଇଁ କ୍ରମାଗତ ଭାବେ ଶିକ୍ଷା ଦିବସ କମିବାରେ ଲାଗିଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ, ଚଳିତବର୍ଷ ମେ' ୬ତାରିଖଠାରୁ ଜୁନ୍ ୧୯ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଏହାର ୯ ଦିନ ପୂର୍ବରୁ ସରକାର ଖରାଛୁଟି ଘୋଷଣା କରିଛନ୍ତି। ଏହାବ୍ୟତୀତ ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଚଳିତବର୍ଷ ପ୍ରାୟ ସପ୍ତାହେ ପୂର୍ବରୁ ଛୁଟି ହୋଇଛି। ଅର୍ଥାତ୍ ଏକାଧିକ ଜିଲ୍ଲାରେ ପ୍ରାୟ ୧୫ଦିନ ଆଗରୁ ଛୁଟି ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଖରା ପାଇଁ ୧୩ଦିନ ପୂର୍ବରୁ ଖରା ଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟଗୁଡ଼ିକ ଛୁଟି କରାଯାଇଥିଲା। ଖରା ପ୍ରଭାବିତ ଜିଲ୍ଲାରେ ଜିଲ୍ଲାପାଳ ୩ଦିନ ପୂର୍ବରୁ ଛୁଟି କରିଥିବା ବେଳେ ପ୍ରାୟ ୧୨ରୁ ୧୫ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଖରାଛୁଟିର ୧୫ଦିନ ପୂର୍ବରୁ ଛୁଟି ହୋଇଥିବା ବେଳେ ପ୍ରଚଣ୍ଡ ଖରା ପାଇଁ ନିର୍ଦ୍ଧାରିତ ସମୟର ୩ ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ୨୦୨୨-୨୩ ଶିକ୍ଷା ବର୍ଷରେ ମଧ୍ୟ ୧୪ଦିନ ଆଗରୁ ଛୁଟି ହୋଇଥିବାବେଳେ ୩ ଦିନ ପରେ ଛୁଟି ଖୋଲିବାରୁ ୧୭ ଦିନ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ପରିବର୍ତ୍ତିତ ଜଳବାୟୁ ପାଇଁ କ୍ରମାଗତ ଭାବେ ତାପମାତ୍ରା ବଢ଼ିବ। ଫଳରେ ବିଦ୍ୟାଳୟରେ ପାଠପଢ଼ା ମଧ୍ୟ ପ୍ରଭାବିତ ହେବ। ସମ୍ପ୍ରତି କେବଳ ଖରା ପାଇଁ ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଥିବା ବେଳେ ଆଉ ୧୦ ବର୍ଷ ବେଳକୁ ଏହା ଦ୍ୱିଗୁଣିତ ହେବ। ଅଧିକ ମାସେ ଛୁଟି ହେଲ ଶିକ୍ଷାଦାନ ବ୍ୟବସ୍ଥା ବାଟବଣା ହେବାର ଆଶଙ୍କା ରହିଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ଅପରପକ୍ଷରେ ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବାରୁ କମ୍ ସମୟରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ା ହେବ। ଯାହା ଛାତ୍ରଛାତ୍ରୀଙ୍କୁ ଅଧିକ ଚାପଗ୍ରସ୍ତ କରିବ ବୋଲି ଆଶଙ୍କା କରିଛନ୍ତି।

କରୋନା ମହାମାରୀ ସମୟରେ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ବହୁ ଛାତ୍ରଛାତ୍ରୀ ଏଥିରେ ଯୋଡ଼ି ହୋଇ ପାଠ ପଢ଼ିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ନେଟୱାର୍କ ସମସ୍ୟା ଥିବା ଓ ଅଭିଭାବକଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବା ଅଭିଯୋଗ ମଧ୍ୟ ହୋଇଛି। ସମୟ ସହିତ ଏହି ସମସ୍ୟାରେ ଉନ୍ନତି ଆସିଛି। ଅସର ରିପୋର୍ଟ ଅନୁଯାୟୀ ୨୦୧୮ ରେ ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ କେବଳ ୨୨ ପ୍ରତିଶତ ଲୋକଙ୍କ ପାଖରେ ସ୍ମାଟଫୋନ୍ ଥିଲା। ଯାହା ୨୦୨୨ ବେଳକୁ ଦୁଇଗୁଣାରୁ ଅଧିକ ଅର୍ଥାତ ୬୪.୧ ପ୍ରତିଶତରେ ପହଞ୍ଚିଛି। ୨୦୨୬ ବେଳକୁ ଏହି ତଥ୍ୟରେ ମଧ୍ୟ ଆହୁରି ଉନ୍ନତି ଆସିଥିବା ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ବଢ଼ିବା ସହ ନେଟୱାର୍କ ସମସ୍ୟା ଦୂର ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ଅଦ୍ୟାବଧି ଜାରି ରହିଛି। ଏଣୁ ସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ବା ଖରା ସମୟରେ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ଶିକ୍ଷାବିତମାନେ ଦାବି କରିଛନ୍ତି। ଚଳିତ ବର୍ଷ ଏନେଇ ଗଣଶିକ୍ଷା ବିବାଗ ପକ୍ଷରୁ ପଦକ୍ଷେପ ନିଆଯାଇ ୱାଟସଆପ୍ ମଧ୍ୟମରେ ପାଠପଢ଼ାଇବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାକୁ ଶିକ୍ଷାବିତମାନେ ସ୍ୱାଗତ କରିବା ସହ ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ପ୍ରତିଟି ପ୍ରତିକୂଳ ପରିସ୍ଥିତି ପାଇଁ ପ୍ରସ୍ତୁତି କରିବା ଆବଶ୍ୟକ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

- ପ୍ରତି ବର୍ଷ ୧୫ଦିନ ପାଠପଢ଼ା ବାଧାପ୍ରାପ୍ତ
- ଆଗକୁ ଆହୁରି ବଢ଼ିପାରେ ଛୁଟି ଦିବସ

## ଶନିବାର ତାପମାତ୍ରା

ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୩.୫ | ୨୫.୬ |
| ଚାନ୍ଦବାଲି | ୩୭.୪ | ୨୬.୬ |
| କଟକ | ୩୬.୬ | ୨୫.୨ |
| ପାରାଦୀପ | ୩୨.୫ | ୨୭.୩ |
| ଭୁବନେଶ୍ୱର | ୩୬.୮ | ୨୭.୪ |
| ଗୋପାଳପୁର | ୩୧.୮ | ୨୫.୮ |
| ପୁରୀ | ୩୨.୩ | ୨୮.୧ |
| ଅନୁଗୁଳ | ୪୧.୭ | ୨୬.୬ |
| ବାରିପଦା | ୩୭.୦ | ୨୬.୨ |
| ଝାରସୁଗୁଡ଼ା | ୪୪.୧ | ୨୨.୮ |
| କେନ୍ଦୁଝର | ୩୩.୮ | ୨୪.୬ |
| ସମ୍ବଲପୁର | ୪୨.୬ | ୨୬.୨ |
| ସୁନ୍ଦରଗଡ଼ | ୪୨.୮ | ୨୪.୮ |
| ହୀରାକୁଦ | ୪୨.୬ | ୨୫.୮ |
| ତାଳଚେର | ୪୧.୨ | ୨୫.୫ |
| ଭବାନୀପାଟଣା | ୪୨.୨ | ୨୪.୯ |
| ବଲାଙ୍ଗୀର | ୪୩.୫ | ୨୬.୦ |
| କୋରାପୁଟ | ୩୮.୦ | - |
| ଫୁଲବାଣୀ | ୪୦.୧ | ୨୧.୫ |
| ଟିଟିଲାଗଡ଼ | ୪୪.୦ | ୨୭.୦ |
| ମାଲକାନଗିରି | ୪୦.୬ | ୨୫.୮ |
| ସୋନପୁର | ୪୨.୩ | ୨୪.୮ |
| ଦାରିଙ୍ଗବାଡ଼ି | ୩୭.୦ | ୨୩.୫ |
| ନୟାଗଡ଼ | ୩୮.୦ | ୨୬.୦ |
| ବୌଦ୍ଧ | ୪୨.୦ | ୨୩.୩ |
| ଛତ୍ରପୁର | ୩୩.୪ | ୨୫.୪ |
| ପାରାଳାଖେମୁଣ୍ଡି | ୪୦.୦ | ୨୨.୫ |
| ନୟାଗଡ଼ | ୩୮.୦ | ୨୬.୦ |
| ଭଦ୍ରକ | ୩୮.୦ | ୨୯.୦ |
| ଯାଜପୁର | ୩୮.୬ | ୨୫.୦ |
| ଢେଙ୍କାନାଳ | ୩୮.୬ | ୨୪.୫ |
| ବରଗଡ଼ | ୪୧.୦ | ୨୫.୪ |
| ଦେଓଗଡ଼ | ୩୯.୭ | ୨୪.୨ |
| ନୂଆପଡ଼ା | ୪୩.୦ | ୨୫.୬ |
| ନବରଙ୍ଗପୁର | ୩୮.୦ | ୨୪.୦ |
| ଖୋର୍ଦ୍ଧା | ୩୯.୦ | ୨୬.୦ |
| ଜଗତସିଂହପୁର | ୩୫.୫ | ୨୩.୦ |
| କେନ୍ଦ୍ରାପଡ଼ା | ୩୬.୮ | ୨୩.୨ |
| ରାଉରକେଲା | ୪୨.୬ | ୨୩.୫ |

## ପ୍ରେମିକ ପରେ ପ୍ରେମିକାର ଆତ୍ମହତ୍ୟା

# ସଖୀ ସେଣ୍ଟର୍‌ରେ ଝୁଲି ପଡ଼ିଲେ ନାବାଳିକା

ଅନୁଗୋଳ, ୨୫।୪(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ସେଣ୍ଟର୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକଙ୍କ ଆତ୍ମହତ୍ୟାର କିଛି ଘଣ୍ଟା ପରେ ଜଣେ ନାବାଳିକା ସଖୀ ସେଣ୍ଟର୍ ଶୌଚାଳୟ ଭିତରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳିକାଜଣଙ୍କ ଅନୁଗୋଳ ସଦର ଥାନା ସମାକୋଇ ଗାଁର ବୋଲି ସୂଚନା ମିଳିଛି।

ନାବାଳିକାଜଣଙ୍କ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗାଁର ବେଣୁପାଣି ସାହୁଙ୍କ ସହ କିଛି ଦିନ ପୂର୍ବେ ମୁମ୍ବଇ ପଳାଇଥିଲେ। ଝିଅ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ବେଣୁପାଣିଙ୍କ ବାପା-ମାଆଙ୍କୁ ତିନିଦିନ ଧରି ଅଟକ ରଖିଥିଲା ପୁଲିସ। ବେଣୁପାଣି ମୁମ୍ବଇରୁ ଫେରି ଏ ସମ୍ପର୍କରେ ଜାଣିବା ପରେ ମର୍ମାହତ ହୋଇ ଗତକାଲି ନିଜ ଘରେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ଅପରପକ୍ଷେ, ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ସଖୀ ସେଣ୍ଟର୍‌ରେ ରଖିଥିବା ବେଳେ ଆଜି ସକାଳେ ସେ ଶୌଚ ବାହାନାରେ ଗାଧୁଆ ଘରେ ନିଜ ଓଢ଼ଣୀରେ ଝୁଲି ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଖୀ ସେଣ୍ଟର୍ ଭଳି ସୁରକ୍ଷିତ ସ୍ଥାନରେ କିଭଳି ନାବାଳିକାଜଣଙ୍କ ଆତ୍ମହତ୍ୟା କଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

# ୪୦ ବର୍ଷ ପୁରୁଣା ଇଗ୍‌ନୋ ଷ୍ଟଡି ସେଣ୍ଟର ହଟାଇବାକୁ ଷଡ଼ଯନ୍ତ୍ର

ବ୍ରହ୍ମପୁର, ୨୫।୪ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ହଟିବ ୪୦ବର୍ଷ ପୁରୁଣା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର୍ (ଇଗ୍‌ନୋ)। ଏବେ ଏଭଳି ଏକ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଗଞ୍ଜାମ ଜିଲ୍ଲା ବୁଦ୍ଧିଜୀବୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଖଲ୍ଲିକୋଟ ମହାବିଦ୍ୟାଳୟ ସମୟରୁ ଏଠାରେ ଚାଲି ଆସିଥିବା ଏହି ଷ୍ଟଡି ସେଣ୍ଟର୍ ଜରିଆରେ ବହୁ ଗରିବ, କର୍ମଜୀବୀ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଦୂର ନିରନ୍ତର ଶିକ୍ଷା ପାଠ୍ୟକ୍ରମ ଜରିଆରେ ଉଚ୍ଚଶିକ୍ଷା ପାଇ ଆସୁଥିଲେ। ଉଭୟ ସ୍ନାତକ ଓ ସ୍ନାତୋକତ୍ତର ବିଭାଗରେ ବିଭିନ୍ନ ବିଷୟରେ, ଏପରିକି ବୈଷୟିକ ପାଠ୍ୟକ୍ରମର ମଧ୍ୟ ସୁଯୋଗ ପାଇ ଆସୁଛନ୍ତି। ଏଭଳି ପରିସ୍ଥିତିରେ ହଠାତ୍ ଏହି ପୁରାତନ ଶିକ୍ଷାନୁଷ୍ଠାନରୁ ଇଗ୍‌ନୋ ଷ୍ଟଡି ସେଣ୍ଟର୍‌କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି।

ଖଲ୍ଲିକୋଟ ମହାବିଦ୍ୟାଳୟ ପର୍ଯ୍ୟାୟକ୍ରମେ ସ୍ୱୟଂଶାସିତ ମହାବିଦ୍ୟାଳୟ ପରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। କିନ୍ତୁ ଏଠାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ଅଧ୍ୟାପକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ଅଭାବକୁ ପୂରଣ କରାଯାଇନାହିଁ। ସେପଟେ ଯୁକ୍ତ ଦୁଇ ଶ୍ରେଣୀ ଓ ଯୁକ୍ତ ୩ ଶ୍ରେଣୀ ତଥା ପିଜି ଶ୍ରେଣୀ ଯଥାକ୍ରମେ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଚାଲିଯିବା ପରେ ଶିକ୍ଷାନୁଷ୍ଠାନରେ ସମସ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ପାଇଁ ଶ୍ରେଣୀ ପ୍ରକୋଷ୍ଠର ଅଭାବ ସାଙ୍ଗକୁ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି।

ନିକଟରେ ପ୍ରଫେସର୍ ଅସୀମା ସାହୁ ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ବିଭାଗ ଓ କ୍ୟାମ୍ପସ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ଶ୍ରେଣୀ ଅଭାବ ଓ ଶିକ୍ଷକଙ୍କ ଅଭାବ ଥିବା ବେଳେ ଏଠାରେ ଉଭୟ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ଖୋଲା ଯାଇଥିବା ଓ ସେଥିପାଇଁ ଏକାଧିକ ପ୍ରକୋଷ୍ଠ ବ୍ୟବହାର ହେଉଥିବା ଜାଣିବାକୁ ପାଇଥିଲେ। ଉଭୟ ଷ୍ଟଡି ସେଣ୍ଟର୍‌ରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟୋଜିତ ଥିବା ଜାଣିବାକୁ ପାଇଥିଲେ। ଅବଶ୍ୟ ସେଠାରେ ନିୟୋଜିତ କର୍ମଚାରୀ ନିଜର ଦାୟିତ୍ୱ ସମ୍ପାଦନ କରିବା ପରେ ରାତି ସମୟରେ ଏପରିକି ରବିବାର ଭଳି ଛୁଟି ଦିନରେ ସେଠାରେ ଅନୁମତି ସହିତ କାର୍ଯ୍ୟରତ ଥିବା ଜଣାପଡ଼ିଛି। ସେହିଭଳି ଦୂରଶିକ୍ଷା କାର୍ଯ୍ୟକ୍ରମରେ ପିଲାଙ୍କ ନାମଲେଖାଠାରୁ ଆରମ୍ଭ କରି ପାଠପଢ଼ା ସବୁ କିଛି ଅନଲାଇନ ମାଧ୍ୟମରେ ହିଁ କରାଯାଉଛି। ତେବେ ବିଶ୍ୱବିଦ୍ୟାଳୟରେ ସ୍ଥାନାଭାବ ସହ କର୍ମଚାରୀଙ୍କ ଅଭାବ ଦୃଷ୍ଟିରୁ ତଥା ଗୋଟିଏ ବିଶ୍ୱବିଦ୍ୟାଳୟରେ ଅନ୍ୟ ଏକ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ରହିବା ଅଯୁକ୍ତିକର ଦର୍ଶାଇ ଇଗନୋ ସେଣ୍ଟର୍‌କୁ ପ୍ରଥମ ପର୍ଯ୍ୟାୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା ଚାଲିଥିବା ଜଣାପଡ଼ିଛି।




ଗୋଟିଏ କ୍ୟାମ୍ପସରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର କାର୍ଯ୍ୟ କରୁଥିବା ବେଳେ କେବଳ ଇଗନୋକୁ ସ୍ଥାନାନ୍ତର କରିବା ନେଇ ଚାଲିଥିବା ମସୁଧାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଦୀର୍ଘ ୪୦ ବର୍ଷ ଧରି ଶିକ୍ଷାନୁଷ୍ଠାନରେ ଚାଲି ଆସିଥିବା ତଥା ଜିଲ୍ଲା ତଥା ଜିଲ୍ଲା ବାହାରର ପ୍ରାୟ ୩ ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ସୁବିଧା ଯୋଗାଇ ଆସୁଥିବା ଏଭଳି ଏକ ଷ୍ଟଡି ସେଣ୍ଟରକୁ ସ୍ଥାନାନ୍ତର କରିବା ପଛରେ କ'ଣ ରହସ୍ୟ ରହିଛି, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଏନେଇ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଅସୀମା ସାହୁ କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମଧ୍ୟ ନିକଟରେ ଇଗନୋକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ସ୍ଥାନାଭାବ ସହ ଅଧ୍ୟାପକଙ୍କ ଅଭାବ ରହିଛି। ଉଭୟ ଦୃଷ୍ଟିରୁ ଇଗନୋକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯଦିଓ ଚିନ୍ତା କରାଯାଇଛି, କିନ୍ତୁ ତାହା ଚୂଡ଼ାନ୍ତ ହୋଇନାହିଁ। ଏନେଇ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବ।

# ଏସଟିଏଫ୍ ଜାଲରେ ନିଶା ମାଫିଆ

ଭୁବନେଶ୍ୱର, ୨୫।୪ (ସମିସ): ବେଆଇନ ଗଞ୍ଜେଇ ଚାଲାଣ ବେଳେ ନିଶା ବେପାରୀକୁ ମାଡ଼ି ବସିଛି ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍)। ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ ଚେପଟିଗାଡ଼ିଆ ଗାଁର ଲିପୁ ନାଏକ (୨୮)।

ସୂଚନାନୁସାରେ, ହିନ୍ଦୋଳ ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସ୍ୱତନ୍ତ୍ର ଟାସ୍କଫୋର୍ସ ଖବର ପାଇଥିଲା। ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆମ୍ବିଥି ଉପକଣ୍ଠରେ ଥିବା କଂସରା ବନଦୁର୍ଗା ମନ୍ଦିର ନିକଟରେ ଚଢ଼ଉ କରିଥିଲା। ସେଠାରେ ଏକ ଧଳାରଙ୍ଗର କାରକୁ ଅଟକାଇବା ସହ ଲିପୁକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ମୋଟ ୧୫୪ କିଲୋ ୩୮୦ ଗ୍ରାମ ଓଜନର ଗଞ୍ଜେଇ ଥିବା ଓଜନ ପରେ ସ୍ପଷ୍ଟ ହୋଇଥିଲା। ଏହାସହ ଗଞ୍ଜେଇ ଭର୍ତ୍ତି ହୋଇଥିବା କାର୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲା। ତେବେ ଲିପୁ ଏତେ ପରିମାଣର ଗଞ୍ଜେଇ ବାବଦରେ କୌଣସି ସ୍ପଷ୍ଟ ସୂଚନା ବା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା। ସେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏନେଇ ଏସଟିଏଫ୍ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିବା ସହ ଲିପୁକୁ ଢେଙ୍କାନାଳ ଜିଲ୍ଲା କୋର୍ଟକୁ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେପଟେ ଲିପୁ ସହ ଆଉ କେଉଁମାନେ ଏହି ବେଆଇନ ଗଞ୍ଜେଇ କାରବାରରେ ସଂପୃକ୍ତ ଅଛନ୍ତି, ସେନେଇ ଏସଟିଏଫ୍ ଖୋଳତାଡ଼ ଜାରି ରଖିଛି।

**ଗଞ୍ଜେଇ ଭର୍ତ୍ତି କାର୍ ଜବତ**

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଗୋପ,୨୫।୪(ସମିସ): ଗୋପ ବ୍ଲକ୍ ଅଧୀନ ବନାଖଣ୍ଡି ପଞ୍ଚାୟତସ୍ଥିତ ବଗଲେଇ ପ୍ରାଥମିକ ବିଦ୍ୟାଳୟ ପରିସରରେ ସେବକ ସଂଗଠନ ଫାଉଣ୍ଡେସନ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୩୪୦ ଜଣଙ୍କ ଚିକିତ୍ସା କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗ ଡାକ୍ତର ବିଶ୍ୱଜିତ୍ ପାତ୍ର ଓ ହାଇଟେକ୍ ମେଡିକାଲ୍ କଲେଜ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ପୁଲକ ରଞ୍ଜନ ପଣ୍ଡା ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ସେବକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଏଭଳି ମାଗଣା ସ୍ୱାସ୍ଥ୍ୟସେବା ଶିବିର କରାଯାଉଥିବାବେଳେ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଗଠନର ନିର୍ଦ୍ଦେଶକ ଆଲୋକ ଜେନା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେଦାର ମଲ୍ଲିକ୍, ରଞ୍ଜିତ୍ ଦାସ, ଟୁକୁନା ମଲ୍ଲିକ୍ ପ୍ରମୁଖ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ



ଚାରିଛକ,୨୫।୪(ସମିସ): ଚାରିଛକ ନିକଟସ୍ଥ ଭୋଦର ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ୧୯୬୭ ମସିହାର ଛାତ୍ର ତଥା (ଭାରତୀୟ ରାଜସ୍ୱ ସେବା) କେନ୍ଦ୍ର ଅବକାରୀ ବିଭାଗର ପୂର୍ବତନ ଉପଆୟୁକ୍ତ ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇ ଆନୁଷ୍ଠାନିକ ଭାବେ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ବିଦ୍ୟାଳୟ ପରିସରରେ ପୂର୍ବରୁ ଆଜିର ଅତିଥିଙ୍କ ପ୍ରସ୍ତାବ କ୍ରମେ ସ୍ଥାପନ କରାଯାଇଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ନିମାପଡ଼ା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଘନଶ୍ୟାମ ସ୍ୱାଇଁ ସ୍ଥାପନ କରିଥିବାବେଳେ ଏକ ନୂତନ ବିବେକାନନ୍ଦ ମୂର୍ତ୍ତି ସ୍ଥାପନ କରିବା ପାଇଁ ଶ୍ରୀ ଦଳାଇଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ କୃପାସିନ୍ଧୁ ସିଂ, ସହକାରୀ ଶିକ୍ଷୟିତ୍ରୀ ବନଜା ନନ୍ଦିନୀ ସାହୁ, ଶିଶୁ ସେବିକା ରିଙ୍କି ବିନ୍ଧାଣିଙ୍କ ସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ନିଶା ନିବାରଣ କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଣାସ,୨୫।୪(ସମିସ): କଣାସ ଅଞ୍ଚଳରେ ମଦ ଓ ଅନ୍ୟାନ୍ୟ ନିଶା କାରଣରୁ ଆମ ସମାଜ ଯେଉଁ ନର୍କ ଯନ୍ତ୍ରଣା ଭୋଗୁଛି ତାହା ଭାଷାରେ ବର୍ଣ୍ଣନା କରିହେବନି। ମଦ ବିରୋଧୀ ଆନ୍ଦୋଳନର କଣାସ ଅଞ୍ଚଳର ସମାଜସେବୀ କୃଷ୍ଣ ଜଗଦେବ ଅଗ୍ର ଭାଗରେ ରହି ଅନେକବାର ମଦ ମାଫିଆଙ୍କ ଆକ୍ରୋଶର ଶିକାର ହୋଇ ଜୀବନ ବିପନ୍ନ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଯାଇଛି। ଏସବୁ ସତ୍ତ୍ୱେ ନିଶା ବିରୋଧୀ ଆନ୍ଦୋଳନ ଜାରି ରହିଛି ଓ ରହିବ। ପଦ ପ୍ରତିଷ୍ଠା ପଛରେ କେବେ ବି ମୁଁ ପଡ଼ିନାହିଁ। କଥା ଦେଇ କଥା ରଖିଲେ ମୋହନ ସରକାର ବୋଲି ସର୍ବତ୍ର ହୋର୍ଡିଂମାନ ଲାଗିଛି। ନିର୍ବାଚନ ଘୋଷଣାପତ୍ରରେ ସରକାରକୁ ଆସିଲେ ନିଶା ନିବାରଣ କରିବେ ବୋଲି ପାର୍ଟି କଥା ଦେଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଅନୁରୋଧ କରିବି ଯେ ସେ ଗମ୍ଭୀର ସ୍ଥିତିର ଅନୁଧ୍ୟାନ କରି ନିଶା ନିବାରଣ ଆଇନକୁ ସଂଶୋଧନ ସହିତ ରାଜ୍ୟରେ ଲାଗୁ କରନ୍ତୁ। ଏ କ୍ଷେତ୍ରରେ କ୍ଷତି ହେଉଥିବା ରାଜସ୍ୱର ଭରଣା ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଚିନ୍ତା କରାଯାଇପାରିବ।

# ଭାରତୀୟ ନ୍ୟାୟ ସଂହିତା ଦିବସ ପାଳିତ



ଖୋର୍ଦ୍ଧା,୨୫।୪(ସମିସ): ଭାରତୀୟ ନ୍ୟାୟ ସଂହିତା ରେ ନୂଆ ନୂଆ ଆଇନ ଏବଂ ଦଫା ସଂଯୋଗ କରାଯାଉଛି। ଏହି ସଂହିତା ସମ୍ପର୍କ ରେ ଜନ ସାଧାରଣ ଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଙ୍କ ପରାମର୍ଶ ରେ ଆଦର୍ଶ ଥାନା ଖୋର୍ଦ୍ଧା ଏବଂ ସିଗ୍‌ମା ପବ୍ଲିକ ସ୍କୁଲ ର ମିଳିତ ସହଯୋଗ ରେ ସ୍କୁଲ ରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ମାନଙ୍କୁ ନେଇ ଭାରତୀୟ ନ୍ୟାୟ ସଂହିତା ଦିବସ ସମ୍ପର୍କ ରେ ଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସସ୍ମିତା ବେହେରା, ଏଏସ୍‌ଆଇ ସୁଶାନ୍ତ ମଲ୍ଲିକ, କୁଳମଣି ହେମ୍ବ୍ରମ ପ୍ରମୁଖ ଯୋଗଦେଇ ନୂତନ ନ୍ୟାୟ ସଂହିତା ସମ୍ପର୍କ ରେ ପ୍ରତିପାଦନ କରିଥିଲେ। ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିରଂଚି ନାରାୟଣ ପଣ୍ଡା, ବସନ୍ତ କୁମାର ଖୁଁଟିଆ, ଦୀପ୍ତିରଞ୍ଜନ ରଣା ପ୍ରମୁଖ ପରିଚାଳନା କରିଥିଲେ। ବକ୍ତୃତା ରେ ବିଷ୍ଣୁ ପ୍ରସାଦ ସେଠୀ ଏବଂ ପ୍ରବନ୍ଧ ରେ ତୃପ୍ତିମୟୀ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସ୍କୁଲ ର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ବିପଦକୁ ଡାକୁଛି ପ୍ରାଚୀ ସେତୁ; ଭାଙ୍ଗିଦେଲେ ସୁରକ୍ଷା ବାଡ଼

ଗମ୍ଭାରୀପଦା,୨୫।୪(ସମିସ)



ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ବାଙ୍ଗୁରୀଗାଁ ଗ୍ରାମପଞ୍ଚାୟତ ଅଧୀନସ୍ଥ ପ୍ରାଚୀ ନଦୀ ଉପରେ ଥିବା ପ୍ରାଚୀ ସେତୁ ଏବେ ବିପଦସଙ୍କୁଳ ସ୍ଥିତିରେ ଥିବା ଦେଖିବାକୁ ମିଳିଛି। ସେତୁର ଦୁଇ ପାର୍ଶ୍ୱ ସୁରକ୍ଷା ବାଡ଼କୁ ପ୍ରଶାସନ ପକ୍ଷରୁ ମାସକ ତଳେ ଭାଙ୍ଗିଦେଲେ। ଗୋଟିଏ ପାର୍ଶ୍ୱ ସୁରକ୍ଷା ବାଡ଼ ଗଡ଼ିଦେଇ ଅନ୍ୟ ପାର୍ଶ୍ୱକୁ ମୁକୁଳା ପକାଇଦେଲେ। ସେତୁର ଗୋଟିଏ ପାର୍ଶ୍ୱ ସୁରକ୍ଷାବାଡ଼ ନ ଥିବାରୁ କେଉଁ ମୁହୂର୍ତ୍ତରେ ଯେ କ'ଣ ଅଘଟଣ ଘଟିବ ଏ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଖବରରୁ ପ୍ରକାଶ ଯେ, ଏହି ସେତୁକୁ ୨୦୦୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଓ ଗ୍ରାମ୍ୟ ଉନ୍ନୟନ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ସେତୁ କାକଟପୁରର ବାଙ୍ଗୁରୀଗାଁଠାରୁ ଅସ୍ତରଙ୍ଗ ବ୍ଲକ୍ ହୀରାଦେଇପୁରକୁ ସଂଯୋଗ କରୁଥିବାବେଳେ ଏବେ ସେତୁର ଉପର ସ୍ଲାବ୍‌ରୁ ଠାଏ ଠାଏ ସିମେଣ୍ଟ କଂକ୍ରିଟ୍ ଛାଡ଼ି ଖାଲଖମା ହୋଇ ପାଣି ଜମୁଛି। ସେତୁର ଦୁଇ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ରୁ ସିମେଣ୍ଟ ସବୁ ଛାଡ଼ି ଲୁହା ଛଡ଼ଗୁଡ଼ିକ ବାହାରକୁ ଦିଶୁଥିଲା। କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ମରାମତି ନ କରି କେବଳ ପ୍ରତିବର୍ଷ ସେତୁରେ ରଙ୍ଗ ବୋଳିବାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତର ଲୋକମାନେ ସହଜରେ ଯାତାୟାତ ପାଇଁ ଦୈନନ୍ଦିନ ଏହି ସେତୁ ଉପରେ ନିର୍ଭର କରିବା ସହିତ ଉଭୟ ବ୍ଲକ୍‌ର ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ଏହି ସେତୁ ଦେଇ ପ୍ରତ୍ୟହ ଯାତାୟାତ କରିଥାଏ। ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଚଳିତ ବର୍ଷ ଏହି ସେତୁର ମରାମତି କାର୍ଯ୍ୟ ପାଇଁ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଯଥେଷ୍ଟ ପୂର୍ବରୁ ଟେଣ୍ଡର ନ ଡାକି ଅତି ତରବରିଆ ଭାବେ ମାସକ ତଳେ ଟେଣ୍ଡର ଡାକିଥିଲେ। କାର୍ଯ୍ୟାଦେଶ ପାଇଥିବା ଠିକାଦାର ସେତୁର ଦୁଇ ପାର୍ଶ୍ୱ ସୁରକ୍ଷା ବାଡ଼ ଭାଙ୍ଗିଦେଇ ଗୋଟିଏ ପାର୍ଶ୍ୱ ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟ ଶେଷ କରିଦେଇଥିବା ବେଳେ ଅନ୍ୟ ପାର୍ଶ୍ୱ ସୁରକ୍ଷା ବାଡ଼ ନିର୍ମାଣ କରିବାର ନାଁ ଧରୁନାହାନ୍ତି। ଏହି ସେତୁ ଦେଇ ପ୍ରତ୍ୟହ ଶହଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାବେଳେ ବହୁ ଗୃହ ପାଳିତ ପଶୁ ଏହି ସେତୁ ପାର୍ ହୋଇ ନିକଟସ୍ଥ ଜଙ୍ଗଲକୁ ଚରିବାକୁ ଯାଇଥାନ୍ତି। ସେତୁର ବର୍ତ୍ତମାନ ଏଭଳି ସ୍ଥିତିକୁ ଦେଖି ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ କେଉଁ କାରଣରୁ

**ଗୋଟିଏ ପାର୍ଶ୍ୱ ଗଢ଼ିଲେ, ଅନ୍ୟ ପାର୍ଶ୍ୱକୁ ଛାଡ଼ିଦେଲେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ**

ଠିକାଦାର ସେତୁର ଗୋଟିଏ ପାଖର୍ ସୁରକ୍ଷା ବାଡ଼ ନିର୍ମାଣ କରି ଅନ୍ୟ ପାର୍ଶ୍ୱକୁ ମୁକୁଳା ପକାଇଛି।

ଏ ବିଷୟରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ନମ୍ବର ୨ ଯନ୍ତ୍ରୀଙ୍କୁ ପଚାରିଲେ ସେ ନିରବ ରହୁଥିବାବେଳେ ଏସ୍‌ଡିଓ କହୁଛନ୍ତି ଆମେ ଠିକାଦାରକୁ କହିଛୁ ମୁକୁଳା ପଡ଼ିଥିବା ସ୍ଥାନରେ ବାଉଁଶ ବାନ୍ଧିଦେବାକୁ। ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କହୁଛନ୍ତି, ଠିକାଦାର ମାସକ ମଧ୍ୟରେ କାର୍ଯ୍ୟ ଶେଷ ନ କରିବାରୁ ଟଙ୍କା ଫେରିଗଲା। ଲୋକ ଲେଖିକରି ଦିଅନ୍ତୁ ଆମେ ଚିଠି କରିବୁ। ଟଙ୍କା ଆସିଲେ ସୁରକ୍ଷା ବାଡ଼ ନିର୍ମାଣ ହେବ। ବାଙ୍ଗୁରୀଗାଁ ଜନସାଧାରଣଙ୍କ ସହ କେତେକ ଅଭିଜ୍ଞ ଠିକାଦାର ମତ ଦେଇଛନ୍ତି ଯେ ଯଦି ଲୋକଙ୍କ ଲେଖାରେ ବିଭାଗ ସବୁକିଛି କରିବ ବୋଲି କହୁଛି ତେବେ ଲୋକ ତ ଲେଖିକରି ଦେଇନାହାନ୍ତି, କାହା ଇଙ୍ଗିତରେ ମାର୍ଚ୍ଚ ମାସରେ ବିନା ଟେଣ୍ଡରରେ କାମ ଆରମ୍ଭ କରିଛନ୍ତି। ସ୍ପିଟ୍‌ଅପ୍ କାମଠାରୁ ଆରମ୍ଭ କରି ଏକାଧିକ ଏସ୍‌ଆର୍ କାର୍ଯ୍ୟ ସହିତ ନାନାଦି ନୂଆ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ଆବଶ୍ୟକ ନ ଥାଇ ବହୁ ଅନାବଶ୍ୟକସ୍ଥଳେ କୋଟି କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ହୋଇଛି ବୋଲି ବିଭାଗ ଦର୍ଶାଉଛି। କିଏ ଏହି କାର୍ଯ୍ୟକୁ ଅନୁମୋଦନ କଲା। ଏ ବାବଦରେ କେତେ ଟଙ୍କାର ବିଲ୍ ପୈଠ ହୋଇଛି, କେତେ ଟଙ୍କାର ବିଲ୍ ବାକି ରହିଛି। କେବଳ ପ୍ରାଚୀ ସେତୁ ନା ଏହା ସହିତ ଆଉ କେଉଁ ସ୍ଥାନରେ କାର୍ଯ୍ୟ ନ ହୋଇ ଅନୁଦାନ ଟଙ୍କା ଫେରିଯାଇଛି, ଏହାର ଭିଜିଲାନ୍ସ ତଦନ୍ତ ହେଲେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ବାଙ୍ଗୁରୀଗାଁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଦି ଆସନ୍ତା ୧୫ ଦିନ ମଧ୍ୟରେ ପ୍ରାଚୀ ସେତୁର ସୁରକ୍ଷା ବାଡ଼ ନିର୍ମାଣ କରା ନ ଯାଏ, ତେବେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି।

# ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ



ସାକ୍ଷୀଗୋପାଳ,୨୫।୪(ସମିସ): ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସାକ୍ଷୀଗୋପାଳର ୪୯ତମ ବାର୍ଷିକ ଉତ୍ସବରେ ଦୁଇ ଦିନିଆ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ପଞ୍ଚସଖା ପଡ଼ିଆରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଆୟୋଜିତ ଦୁଇ ଦିନିଆ ଉତ୍ସବକୁ ମୁଖ୍ୟଅତିଥି ଭାବରେ ସତ୍ୟବାଦୀ ମାଟିର ପୁଅ ତଥା ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଶିଳ୍ପୋଦ୍ୟୋଗୀ ନିଶିକାନ୍ତ ମିଶ୍ର, ଗୁରୁ ରତିକାନ୍ତ ମହାପାତ୍ର ଓ ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥି ଯୋଗଦେଇ ପ୍ରଥମ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ମହାବିଦ୍ୟାଳୟର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର। ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ସାମ୍ବାଦିକ ଅମର ଶତପଥୀ, ସୁଲେଖକ, ଶିକ୍ଷାବିତ୍, ନୃତ୍ୟ ଗୁରୁ ଓ ନୃତ୍ୟଶିଳ୍ପୀମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଗୁରୁ ବୈକୁଣ୍ଠ ସେଠୀଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃନ୍ଦ ତବଲା ବାଦନ କରିଥିଲେ। ଗୁରୁ ଅଶୋକ କୁମାର ସାହୁଙ୍କ ସହିତ ଛାତ୍ରଛାତ୍ରୀମାନେ ବୃନ୍ଦ ଓଡ଼ିଶୀ ସଙ୍ଗୀତ ଗାୟନ, ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପକ କୁମାର ପରିଡ଼ା ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂଯୋଜନାରେ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜ ଓଡ଼ିଶୀ ନୃତ୍ୟ, ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ବୃନ୍ଦ ଓଡ଼ିଶୀ ନୃତ୍ୟ ଭୁବନେଶ୍ୱରରୁ ଆସିଥିବା ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁ ଧନେଶ୍ୱର ସ୍ୱାଇଁ ନୃତ୍ୟ ଏବଂ ଗୁରୁ ସୁକାନ୍ତ କୁଣ୍ଡୁଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶ୍ରୀରାଧା ଓ ମୀରାବାଇଙ୍କ ଭକ୍ତି ଭାବନା ଉପରେ ଆଧାରିତ ନୃତ୍ୟାଭିନୟ ଆକର୍ଷଣୀୟ ଉପସ୍ଥାପନ କରିଥିଲେ। ଚିତ୍ରାଙ୍କନ ବିଭାଗର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନରେ ନିମଗ୍ନ ରହିଥିବା ଦେଖାଯାଇଥିଲା। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉପସଭାପତି ବ୍ରଜକିଶୋର ମହାପାତ୍ର, ଚିରସ୍ରୋତା ଖୁଣ୍ଟିଆ, ମୀରା ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ୧୫ତମ ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ



କାକଟପୁର,୨୫।୪(ସମିସ): କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ୧୫ତମ ମା' ମଙ୍ଗଳା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ସନ୍ଧ୍ୟାରେ ଶକ୍ତି ମିଶ୍ର ଓ ଜେସିକା ଆଜମେରୀଙ୍କ ସୁମଧୁର ଗୀତରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଗୋଟିଏ ପରେ ଗୋଟିଏ ସୁପରହିଟ ଗୀତ ଗାଇଥିଲେ। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସତ୍ୟବ୍ରତ ପାତ୍ର, ମା' ମଙ୍ଗଳା ମହୋତ୍ସବ ସଭାପତି ବିଧାୟକ ତୁଷାରକାନ୍ତି ବେହେରା, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସହସମ୍ପାଦକ ତଥା କାକଟପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରଚାର ସହ ସ୍ଥାନୀୟ ଲୁକ୍କାୟିତ ପ୍ରତିଭାକୁ ପ୍ରସାର କରିବା ଦିଗରେ ମହୋତ୍ସବ ବେଶ୍ ଭଲ। ପ୍ରଥମ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଦେଖି ମନୋରଞ୍ଜନ କରିଥିଲେ ଶହଶହ ଦର୍ଶକ। ମଞ୍ଚ ପରିଚାଳନାରେ ଶିକ୍ଷାବିତ୍ ପ୍ରତାପ ରାଉତ ଥିବାବେଳେ ସୁମଧୁର ବାକ୍ୟ ମାଧ୍ୟମରେ ଜଣାଶୁଣା ଆଙ୍କର ଅଭିଲିପ୍ସା ପଣ୍ଡା ନିଜର ଉପସ୍ଥାପନା କରିଥିଲେ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମା' ମଙ୍ଗଳା ମହୋତ୍ସବ କମିଟିର ସଦସ୍ୟ ବୃନ୍ଦ ପରିଚାଳନା କରିଥିଲେ।

## ମା' ହରଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଚାରିଛକ,୨୫।୪(ସମିସ): ଚାରିଛକ ନିକଟସ୍ଥ ଅନ୍ଧୋଟି ଗ୍ରାମର ଇଷ୍ଟଦେବୀ ମା' ହରଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ମନ୍ଦିର ରତ୍ନମୁଦ ଓ ଅଙ୍କୁରାଧିବାସ, ମଙ୍ଗଳବାର କଳସ ଯାତ୍ରା ଓ ନୂତନ ବିଗ୍ରହମାନଙ୍କର ଜଳାଧିବାସ, ବୁଧବାର ସୂର୍ଯ୍ୟପୂଜା ଓ ବିଗ୍ରହମାନଙ୍କ ମହାସ୍ନାନ, ଗୁରୁବାର ବିଗ୍ରହମାନଙ୍କ ପ୍ରଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା। ପୂଜକ ରବୀନ୍ଦ୍ର ମିଶ୍ର ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ କରିଥିଲେ। କର୍ତ୍ତାଭାବେ ପ୍ରଫୁଲ୍ଲ ପ୍ରଧାନ, ମୀନତି ପ୍ରଧାନ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ଏଥିରେ ଅନ୍ଧୋଟି ଗ୍ରାମର ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ମହାବୀର ମନ୍ଦିରର ପ୍ରତିଷ୍ଠା ଉତ୍ସବ



ସାକ୍ଷୀଗୋପାଳ,୨୫।୪(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବଳପୁର ପଞ୍ଚାୟତର ବାଇଁଶିବାଡ଼ି ଗାଁ ମୁଣ୍ଡରେ ଅବସ୍ଥିତ ଶ୍ରୀଶ୍ରୀ ମହାବୀର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗ୍ରାମର ସମସ୍ତ ସଦସ୍ୟଙ୍କ ସହାୟତାରେ ପ୍ରଭୁଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୈଳାଶ ଗୋଟିପୁଅ ନୃତ୍ୟର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ, ଓଡ଼ିଶୀ ଓ ହନୁମାନ ଅଭିନୟ ଅତି ମନମୁଗ୍ଧ ହୋଇଥିବାରୁ ଦର୍ଶକମାନେ ଆନନ୍ଦରେ ଉପଭୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ପ୍ରଫୁଲ୍ଲ ମହାପାତ୍ର, ଜ୍ୟୋତ୍ସ୍ନାମୟୀ ଦେବୀ, ମୋହନ ଦୀକ୍ଷିତ ଓ ବଳପୁର ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ପଣ୍ଡାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ବିବରଣୀ ପଠନ କରିଥିଲେ ସମ୍ପାଦକ ଜିତେନ୍ଦ୍ର ପଲେଇ, ସଭାପତିତ୍ୱ କରିଥିଲେ ଶରତ ଚନ୍ଦ୍ର ଓଝା, ମଞ୍ଚ ପରିଚାଳନା କରିଥିଲେ ସମାଜସେବୀ ବସନ୍ତ ସ୍ୱାଇଁ।

# ଓଳଙ୍ଗର ଓ କୁହୁଡ଼ିକୁ ଐତିହ୍ୟ ଆଦର୍ଶ ଗ୍ରାମ ଘୋଷଣା ଦାବି

କାକଟପୁର,୨୫।୪(ସମିସ): ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କେତୋଟି ପ୍ରମୁଖ ପୀଠ ସ୍ୱୀକୃତ ଗଣନାରେ ଗୌରବାନ୍। ୧୯୩୦ ମେ' ୨୦ ତାରିଖରେ କାକଟପୁର ବ୍ଲକ୍ ଅନ୍ତର୍ଗତ ଓଳଙ୍ଗର ଗ୍ରାମରେ ସତ୍ୟାଗ୍ରହୀମାନେ ଲବଣ ଆଇନ ଭଙ୍ଗ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ସାରିବା ପରେ ମେ' ୨୧ ତାରିଖରେ ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ି ଗ୍ରାମ ନିକଟରେ ଇଂରେଜ ସରକାରଙ୍କ ବିରୋଧରେ ସଂଗ୍ରାମ କରି ଲବଣ ଆଇନ ଭଙ୍ଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ପୁରୀ ଜିଲ୍ଲାର କାକଟପୁର ବ୍ଲକ୍‌ର ଓଳଙ୍ଗର ଓ ଅସ୍ତରଙ୍ଗ ବ୍ଲକ୍‌ର କୁହୁଡ଼ି ଗ୍ରାମକୁ ଐତିହ୍ୟ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିବା ପାଇଁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ତରଫରୁ ସଭାପତି ଅମିୟ କୁମାର ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ଆଶୁ ପଦକ୍ଷେପ ଗ୍ରହଣ ପାଇଁ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀଙ୍କ ନିକଟକୁ ପୃଥକ୍ ପୃଥକ୍ ଭାବେ ସ୍ମାରକପତ୍ର ପଠାଇଛନ୍ତି।

# ଗଡ଼ିଆକୁ ଓଲଟିଲା କାର୍; ଅଳ୍ପେକ ରକ୍ଷା ପାଇଲେ ଯାତ୍ରୀ

କଣାସ,୨୫।୪(ସମିସ): ବାଣପୁରରୁ କରମଳା ଅଭିମୁଖେ ଯାଉଥିବା ଏକ କାର୍ ଅଡାଳ ଛକ ନିକଟରେ ଭରସାମ୍ୟ ହରାଇ ରାସ୍ତାକଡ଼ ଗଡ଼ିଆକୁ ଓଲଟି ପଡ଼ିଥିଲା। କାର୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଚନ୍ତି। କାର୍‌ଟି ଲେଉଟିବା ମାତ୍ରେ ପାଖରେ ଥିବା ସ୍ଥାନୀୟ ଲୋକମାନେ ତୁରନ୍ତ କାର୍‌ର ଡୋର୍ ଭାଙ୍ଗି ଭିତରେ ଥିବା ମାଆ ଓ ପୁଅ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ। ମାଆ ଓ ପୁଅ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନଙ୍କ ଯୋଗୁଁ ମାଆ, ପୁଅ ବଞ୍ଚି ଯାଇଛନ୍ତି। ଖବର ପାଇ



ଗଡ଼ିଶାଗୋଡା ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିଛନ୍ତି।

# କମେଣ୍ଟ ମରାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଜଟଣୀ, ୨୫।୪ (ସମିସ): କମେଣ୍ଟ ମରାକୁ କେନ୍ଦ୍ରକରି ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତକୁ ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳରେ ରହୁଥିବା ଏସ କେ ଇମ୍ରାନ ଓରଫ ସଦ୍ଦାମ। ସୂଚନାଯୋଗ୍ୟ ଯେ, ଗତ ୭ ତାରିଖରେ ଦୁର୍ଗା ବେହେରା ମନ୍ଦିର ଯାଉଥିବା ସମୟରେ ଏସ୍.କେ. ସଦାମ, ରୁବେନ, ମୋଗଲି ଏବଂ ରାଜୁ ତାଙ୍କୁ କମେଣ୍ଟ ମାରିବାକୁ ନେଇ ଜଟଣୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମହିଳା ଜଣକ ପ୍ରତିବାଦ କରିବା ସମୟରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ । ତେବେ ଗତ ୨୨ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କ ସ୍ୱାମୀ ସିଦ୍ଧାନ୍ତ ବେହେରା ଜଟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ତାଙ୍କ ଟେଣ୍ଟ ହାଉସରେ ଥିଲେ। ସେହି ସମୟରେ ରାଜା ବଜାରର ଏସ୍.କେ. ସଦ୍ଦାମ, ତାଙ୍କ ସାନ ଭାଇ ଇମନୁ, ରୁବେନ ନାୟକ ଏବଂ ଅନ୍ୟ ଦୁଇ ସହଯୋଗୀ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥି ସହ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ମୁଣ୍ଡରେ ବନ୍ଧୁକ ଦ୍ୱାରା ଆଘାତ ମଧ୍ୟ କରିଥିଲେ। ସେ ତଳେ ପଡ଼ିଯିବା ପରେ, ଅଭିଯୁକ୍ତମାନେ ତାଙ୍କୁ ଚାପଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଲିସର ତଦନ୍ତ ସମୟରେ ଅଭିଯୁକ୍ତ ଏସକେ ଇମ୍ରାନ ଓରଫ ସଦାମ ଓରଫ ଏସକେ ଇବ୍ରାହିମଙ୍କ ସମ୍ପୃକ୍ତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଏସକେ ଇମ୍ରାନ ଓରଫ ସଦାମ ଓରଫ ଏସକେ ଇବ୍ରାହିମ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ଜଟଣୀ ଥାନାରେ ୫ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା, ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅନ୍ୟପଟେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ବୋଲି ଜଟଣୀ ଥାନା ପୁଲିସ ପକ୍ଷରୁ କୁହାଯାଇଛି।

# ବଢ଼ୁଛି ମାଟି ପାତ୍ରର ଚାହିଦା; ସରକାରୀ ପ୍ରୋତ୍ସାହନ ଦାବି

ନିମାପଡ଼ା,୨୫।୪(ସମିସ)




ପ୍ରବଳ ଖରା ଓ ଗରମରେ ଲୋକମାନଙ୍କ ଜୀବନ ଅସହ୍ୟ ହୋଇପଡ଼ିଛି। ଦିନକୁ ଦିନ ତାପମାତ୍ରା ବଢ଼ୁଥିବାରୁ ପାଣି ମଧ୍ୟ ଗରମ ହେଉଛି। ଯାହା ଫଳରେ ପାଣି ପିଇବାକୁ ଇଚ୍ଛା ଲାଗୁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ଡିହାଇଡ୍ରେସନ୍ ଆଶଙ୍କା ବଢ଼ିବାରୁ ଚିନ୍ତା ବୃଦ୍ଧି ପାଇଛି। ଧନୀ ଶ୍ରେଣୀର ଲୋକେ ଫ୍ରିଜ୍ ଓ ଆଧୁନିକ ଉପକରଣରେ ଥଣ୍ଡା ପାଣି ପାଇଁ ସୁବିଧା ନେଉଥିବାବେଳେ, ଗରିବ ଓ ଗ୍ରାମାଞ୍ଚଳର ଲୋକମାନେ ଆଜି ବି ପାରମ୍ପରିକ ମାଟି ହାଣ୍ଡିକୁ ଭରସା କରୁଛନ୍ତି। ମାଟି ହାଣ୍ଡିରେ ରଖା ପାଣି ସ୍ୱାଭାବିକ ଭାବରେ ଥଣ୍ଡା ଓ ସୁସ୍ୱାଦୁ ରହିଥାଏ। ହାଣ୍ଡିର ତଳେ ବାଲି ପକାଇ ତା' ଉପରେ ପାଣି ଭରି ରଖିଲେ କିଛି ସମୟ ପରେ ସେହି ପାଣି ଫ୍ରିଜ୍ ପାଣି ପରି ଶୀତଳ ହୋଇଯାଏ। ଏହି ପ୍ରାକୃତିକ ପଦ୍ଧତି ଆଜି ବି ଗ୍ରାମାଞ୍ଚଳରେ ବ୍ୟାପକ ଭାବରେ ଚାଲିଆସୁଛି। ପୁରୀ ଜିଲ୍ଲାର କୁମ୍ଭାର ସମ୍ପ୍ରଦାୟ ପାଇଁ ଖରା ଋତୁ ଏକ ସୁଯୋଗ ନେଇଆସିଛି। ମାଟି ହାଣ୍ଡିର ଚାହିଦା ବଢ଼ିବା ସହ ତାଙ୍କ ଜୀବିକାରେ ଚଞ୍ଚଳତା ଆସିଛି। ଦିନରାତି ପରିଶ୍ରମ କରି ସେମାନେ ବିଭିନ୍ନ ପ୍ରକାର ହାଣ୍ଡି ତିଆରି କରୁଛନ୍ତି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଖୋଲାଯାଉଥିବା ପାଣି ଛତ୍ର ମାଟି ହାଣ୍ଡିର ପାଣି ଦେଇ ସାଧାରଣ ଲୋକଙ୍କୁ ଖରାରୁ ଆଶ୍ୱସ୍ତି ମିଳିଛି। ନିମାପଡ଼ା ବ୍ଲକ୍‌ର ବ୍ରମକୁଣ୍ଡି ଗ୍ରାମର କୁମ୍ଭକାର ପ୍ରକାଶ ମୁଦୁଲି ଏହି ପାରମ୍ପରିକ କଳାକୁ ଆଜି ବି ଜୀବନ୍ତ ରଖିଛନ୍ତି। ସେ କହିଛନ୍ତି, ଖରାଦିନ ଆସିଲେ ଆମର କାମ ବଢ଼ିଯାଏ। ମାଟି ହାଣ୍ଡି ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ଚାହିଦା ରହେ। ଆମେ ପରିବାର ସହ ମିଶି ଦିନରାତି କାମ କରୁଛୁ। ଏହା ଆମର ପୁରୁଣା ପେସା ଓ ଏହାକୁ ଆମେ ଜୀବନ୍ତ ରଖିବାକୁ ଚାହୁଁଛୁ। ସରକାରଙ୍କ ତରଫରୁ ସହଯୋଗ ମିଳିଲେ ଆମ ପରି କୁମ୍ଭକାରମାନେ ଆଉ ଭଲ ଭାବେ ଆଗକୁ ବଢ଼ିପାରିବେ। ଖରା ବଢ଼ୁଥିବା ସହ ମାଟି ହାଣ୍ଡି ପ୍ରତି ଲୋକମାନଙ୍କ ଆସ୍ଥା ପୁନର୍ବାର ବଢ଼ୁଛି। ପରିବେଶ ମିତ୍ର ଓ ସ୍ୱାସ୍ଥ୍ୟକର ଏହି ପଦ୍ଧତି ଆଜିର ଆଧୁନିକ ଯୁଗରେ ମଧ୍ୟ ନିଜର ଗୁରୁତ୍ୱକୁ ଅବିକଳ ରଖିଛି। ସରକାର କୁମ୍ଭକାରମାନଙ୍କ ପାଇଁ କିଛି ଆର୍ଥିକ ବ୍ୟବସ୍ଥା କଲେ ସେମାନେ ଅଧିକ ରୋଜଗାର କରି ପରିବାର ପ୍ରତିପୋଷଣ କରିପାରନ୍ତେ।

# ଶ୍ରୀକ୍ଷେତ୍ର ସିଟି

୨୫/୪/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୭,୫୪୮/- ସୁନା: ୦୨.୧୦୦ ଗ୍ରାମ୍ ରୂପା: ୧୭.୮୦୦ ଗ୍ରାମ୍





### ୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା

# ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ପୁରୀ/ବ୍ରହ୍ମଗିରି,୨୫।୪(ସମିସ)

ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରହ୍ମଗିରି ଅଞ୍ଚଳରେ ଏହିଭଳି ଗୋଟିକ ପରେ ଗୋଟିଏ ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି। ଏହି ପରିପ୍ରେକ୍ଷୀରେ ଶନିବାର କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ ଏସ୍‌ପିଙ୍କୁ ସାକ୍ଷାତ୍ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ଦାବି ରଖିଛନ୍ତି। ପରେ ଏହି ଟିମ୍ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।




**ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ଦାବି**

ସତ୍ୟବ୍ରତ ପାତ୍ରଙ୍କ ନେତୃତ୍ୱରେ ୨୧ ଜଣିଆ ଟିମ୍ ପ୍ରଥମେ ଏସ୍‌ପିଙ୍କୁ ସାକ୍ଷାତ୍ କରିଥିଲେ। ପୁରୀ ଜିଲ୍ଲା ବିଶେଷକରି ବ୍ରହ୍ମଗିରି ଅଞ୍ଚଳରେ କିପରି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ୬ ବର୍ଷର ଶିଶୁ ଦୁଷ୍କର୍ମ କରାଯିବା ଭଳି ଲଜ୍ଜାଜନକ ଘଟଣା ଜିଲ୍ଲାକୁ ବଦନାମ କରିଛି ବୋଲି କହିଥିଲେ। ତେଣୁ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବ୍ରହ୍ମଗିରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ନିକଟରେ ବାଲିହରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏବେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ହୋଇଛି। ବ୍ରହ୍ମଗିରିରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଭବିଷ୍ୟତରେ ଯେଭଳି ଏହିପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ପୁଲିସ ପ୍ରଶାସନ ସତର୍କ ରହିବାକୁ ଦଳ ଦାବି ରଖିଛି। ସେହିପରି ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦଳ ଦାବି କରିଛି। ପରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ୍ ପୀଡ଼ିତାଙ୍କ ଗାଁକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ଗାଁ ଲୋକେ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କହିଥିଲେ। ଅନ୍ୟପକ୍ଷରେ ଟିମ୍ ସଦସ୍ୟ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯାତନା, ଅତ୍ୟାଚାର, ଦୁଷ୍କର୍ମ ଘଟଣା ବଢ଼ିଚାଲିଛି। ସରକାର ବଡ଼ ବଡ଼ ଭାଷଣ ମାରୁଛନ୍ତି। ହେଲେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ରଖୁନାହାନ୍ତି। ଫଳରେ ଅପରାଧମୂଳକ ଘଟଣା ବଢ଼ିଚାଲିଛି ବୋଲି କହିଥିଲେ।

## ଗଡ଼ିଆ ପାଣିରେ ବୁଡ଼ି ଯୁବକ ମୃତ

ଡେଲାଙ୍ଗ,୨୫।୪(ସମିସ): ଡେଲାଙ୍ଗ ଥାନା ଅନ୍ତର୍ଗତ ବେରବୋଇ ଗ୍ରାମର ଜଣେ ଯୁବକଙ୍କର ଗଡ଼ିଆ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବେରବୋଇ ଗ୍ରାମର କେଳୁଚରଣ ବେହେରା (୫୩) ତାଙ୍କ ନାତୁଣୀ ସହ ନିକଟରେ ଥିବା ଏକ ଗଡ଼ିଆକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଇବା ସମୟରେ ଅସାବଧାନତା ବଶତଃ ଗଡ଼ିଆରେ ପଡ଼ିଯାଇ ପାଣିରେ ବୁଡ଼ି ଯାଇଥିଲେ। କୁନି ନାତୁଣୀ ଏହା ଦେଖି ଦୌଡ଼ି ଯାଇ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗଡ଼ିଆ ପାଣିରୁ କେଳୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗରୁ ଖବର ପାଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପୁଲିସ ଶବକୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ୪୦୦ ଲିଟର ପୋଚ ଜବତ; ୨ ମହିଳା ଗିରଫ

ପୁରୀ,୨୫।୪(ସମିସ): ବେଆଇନ ଭାବରେ ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରୟ କରୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି ଦୁଇଟି ଭିନ୍ନ ଭିନ୍ନ ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ମାଦକଦ୍ରବ୍ୟ ଉପରେ ଚଢ଼ଉ କରାଯାଉଥିବାବେଳେ ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା କି ସିଟି ରୋଡ୍ ନୂଆ ସାହିର ତାରା ମହାନ୍ତି ନାମକ ଜଣେ ମହିଳା ବେଆଇନ ଭାବରେ ଦେଶୀ ମଦ ପ୍ରସ୍ତୁତ କରିବା ସହ ବିକ୍ରୟ କରୁଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତ ନିକଟରୁ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ଆଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଟିଣର ପାତ୍ର ଜବତ କରିଛି। ଏହି ଘଟଣାରେ ପୁଲିସ କେସ୍ ନଂ ୧୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ପୁଲିସ ସିଟି ରୋଡ୍ ନୂଆ ସାହିର ଅଙ୍କା ନିଲାମାନ ନାମକ ମହିଳାଙ୍କୁ ଗିରଫ କରିଛି। ତାଙ୍କଠାରୁ ମଧ୍ୟ ପୁଲିସ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ଆଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଟିଣ ପାତ୍ର ଜବତ କରି କେସ୍ ନଂ ୧୨୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସୂର୍ଯ୍ୟମନ୍ଦିର ପରିସରରେ ସାପ କାମୁଡ଼ାରେ ମହିଳା ଗୁରୁତର

କୋଣାର୍କ,୨୫।୪(ସମିସ): ଶନିବାର ପୂର୍ବାହ୍ଣରେ ସୂର୍ଯ୍ୟମନ୍ଦିର ପରିସରରେ ଜଣେ ମହିଳା ଶ୍ରଦ୍ଧାଳୁ ସାପ କାମୁଡ଼ା ଯୋଗୁଁ ଗୁରୁତର ଆହତ ହୋଇଛନ୍ତି। ବୈଶାଖ ମାସ ଶେଷ ଶନିବାର ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଶେଷ କରିବା ପରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ମଧୁବନ ଅଞ୍ଚଳର ରିଙ୍କି ସେନାପତି (୩୦) ମନ୍ଦିର ବେଢ଼ାରେ ବସିଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଅବିଳମ୍ବେ ଆମ୍ବୁଲାନ୍ସ ସେବା ପାଇଁ ଯୋଗାଯୋଗ କରାଯାଇଥିଲା। ମେଡିକାଲ ଛକଠାରୁ ନବଗ୍ରହ ମନ୍ଦିର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍‌ରେ ରାସ୍ତା ମଝିରେ ବେଆଇନ ଭାବେ ଉଠାଦୋକାନୀଙ୍କ ଖଟ ପଡ଼ିଥିବା ସହିତ ଗାଡ଼ି ପାର୍କିଂ ଯୋଗୁଁ ଆମ୍ବୁଲାନ୍ସ ଭିତରକୁ ଯାଇପାରି ନ ଥିଲା। ନବଗ୍ରହ ପୀଠରୁ ଶ୍ରଦ୍ଧାଳୁ ଭକ୍ତମାନେ ସମ୍ପୃକ୍ତ ମହିଳାଙ୍କୁ କାନ୍ଧରେ ବସାଇ ପ୍ରଥମେ ଚିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜେକ୍ସନ୍ ଉପଲବ୍ଧ ନ ଥିବାରୁ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

**ଜବରଦଖଲ ସମସ୍ୟା ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ**

## ଛୁରାମାଡ଼ରେ ଯୁବକ ଗୁରୁତର

ପୁରୀ,୨୫।୪(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଛି। ସେ ହେଉଛନ୍ତି ରାମଚଣ୍ଡୀ ବାଲି ଉପରର ଚଗଲା ନାୟକ (୩୦)। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚଗଲାର ବାମ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ, ଶନିବାର ସନ୍ଧ୍ୟା ସମୟରେ ଚଗଲା ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ସେ କିଛି ବୁଝିପାରି ନ ଥିଲେ।



ପାଟି କରିବାରୁ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଏ ନେଇ କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି**

## ୨୫ ଦିନରେ ପ୍ରତିବାଦ ପଦଯାତ୍ରା

ପୁରୀ,୨୫।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଏହି ଦାବିପ୍ରତି ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ଶନିବାର ୨୫ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଦିନକୁ ଦିନ ଏଥିରେ ନୂଆ ନୂଆ ଅଂଶଗ୍ରହଣକାରୀ ସାମିଲ୍ ହେଉଛନ୍ତି। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ପ୍ରୀୟାନ୍ସି ଦାସ, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ବିଜୟ ମିଶ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ନିରଞ୍ଜନ ବିଶ୍ୱାଳ, ବାସୁଦେବ ଲେଙ୍କା, କିଶୋର ଚନ୍ଦ୍ର ଦାସ, ଦେବକୀ ମା', ବିଜୟ ପଣ୍ଡା, ମମତା ଦାସ, ଗୌରୀ ସାହୁ, ଅରୁନ୍ଧତୀ ବେହେରା, ରାମକୃଷ୍ଣ ମହାନ୍ତି, ସୁକାନ୍ତ ପରିଡ଼ା, ଅମୂଲ୍ୟ ଦାସ, ମୀନାକ୍ଷୀ ଦାସ, ଯାଦବାନନ୍ଦ ରାୟ, ପ୍ରଣତି ରାୟ, ଦାଶରଥି ପ୍ରକାଶ ଦାସ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



**ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୁଲିସ ହଟହଟା**

## ପୁଲିସକୁ ମାଡ଼ ମାରି ଏକ ଘରେ ବନ୍ଦ କରିଦେଲେ

ଡେଲାଙ୍ଗ,୨୫।୪(ସମିସ)

ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୁଲିସ ହଟହଟା ହୋଇଥିବା ଘଟଣା ଏବେ ସାରା ଜିଲ୍ଲାରେ ଚହଳ ସୃଷ୍ଟି କରିଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମ ମେଳଣ ପଡ଼ିଆରେ ଜୁଆ ଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୀ ଜିଲ୍ଲା ମୁଖ୍ୟାଳୟରୁ ୬ ଜଣ ସ୍ୱତନ୍ତ୍ର ପୁଲିସର ଏକ ଦଳ ସାଦା ପୋଷାକରେ ଆସି ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ପୁଲିସ ସାଦା ପୋଷାକରେ ଥିବାରୁ ଜୁଆ ଖେଳ ସହ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ପୁଲିସଙ୍କୁ ଚିହ୍ନି ନ ପାରି ପ୍ରତିବାଦ କରିବା ସହ ଧସ୍ତାଧସ୍ତି ହୋଇଥିଲେ। ଜୁଆଡ଼ିଙ୍କ ଆକ୍ରମଣରେ ଦୁଇ ପୁଲିସ ଆହତ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ୨ ଜୁଆଡ଼ିଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଜଣାପଡ଼ିଛି।

**ଦୁଇ ପୁଲିସ ଆହତ; ୨ ଜୁଆଡ଼ି ଅଟକ**

ମିଳିଥିବା ସୂଚନା ଅନୁସାରେ, କଲ୍ୟାଣପୁର ଗ୍ରାମରେ ମେଳଣ ଚାଲିଥିବାବେଳେ ସାଦା ପୋଷାକଧାରୀ ପୁଲିସ ପ୍ରଥମେ ଜୁଆଡ଼ିଙ୍କଠାରୁ ଟଙ୍କାକୁ ନେଇଯାଇଥିଲେ। ପରିଚୟ ପଚାରିବାରୁ ସେମାନେ ପୁଲିସ ବୋଲି କହିଥିଲେ। ତେବେ ପୁଲିସ ସାଦା ପୋଷାକରେ ଥିବାରୁ ଉପସ୍ଥିତ ଲୋକେ ସନ୍ଦେହ ପ୍ରକାଶ କରିବା ସହ କୌଣସି ବ୍ୟକ୍ତି ଦାଦାବଟି ପାଇଁ ଆସି ଚଢ଼ଉ କରି ଟଙ୍କା ନେଇଯାଉଥିବା ଆରୋପ ପ୍ରତ୍ୟାରୋପ କରିଥିଲେ। ଫଳରେ ସାଦା ପୋଷାକଧାରୀ ପୁଲିସ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ସେମାନଙ୍କୁ ଗ୍ରାମର ଏକ ଘରେ କିଛି ସମୟ ଅଟକ ରଖାଯାଇଥିଲା। ସ୍ଥାନୀୟ ପୁଲିସ ପହଞ୍ଚି ସେଠାରୁ ଉଦ୍ଧାର କରି ଆହତ ହୋଇଥିବା ଦୁଇଜଣ ପୁଲିସ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ। ପୁଲିସ ଉପରେ ଆକ୍ରମଣ ହୋଇଥିବାରୁ ଏହି ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱର ଭାବେ ନେଇ ଘଟଣାର ଛାନ୍‌ଭିନ୍ ଚଳାଇଥିବା ସୂଚନା ମିଳିଛି।

ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା ଚଳାଇଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି କଲ୍ୟାଣପୁର ଗ୍ରାମରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ପୁଲିସ ଜ୍ଞାତସାରରେ ଜୁଆ ଖେଳ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ପୁରୀ ଏସ୍‌ପି ସ୍ୱତନ୍ତ୍ର ପୁଲିସ ଦଳ ପଠାଇଥିବା ଏଠାରେ ଚର୍ଚ୍ଚା ହେଉଛି। ଡେଲାଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ସଂଖ୍ୟା ବଢ଼ୁଥିବାରୁ ଜୁଆଆଡ୍ଡା ଉପରେ କେହି ଦୁର୍ବୃତ୍ତ ଚଢ଼ଉ କରିପାରିଥା'ନ୍ତି ବୋଲି ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ପୁଲିସ ଭୟରେ କଲ୍ୟାଣପୁର ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି।

**ମହିଳା ବିଲ୍‌କୁ ନେଇ ବିଜେପିର ପ୍ରତିବାଦ ସଭା**

## ଏମ୍‌ବିକେ, ସିଆର୍‌ପିଙ୍କୁ ଯୋଗଦେବାକୁ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶ!

ପୁରୀ,୨୫।୪(ସମିସ): ମହିଳା ସଂରକ୍ଷଣ ବିଲ୍‌କୁ ନେଇ ତେଜିଛି ରାଜନୀତି। ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ୨୦୨୬ ସଂସଦରେ କାଟ୍ ଖାଇବା ପରେ ବିଜେପି ନିଜ ରାଜନୈତିକ ଫାଇଦା ହାସଲ ପାଇଁ ଉଦ୍ୟମ ଚଳାଇଛି। ମହିଳାଙ୍କୁ ଏକଜୁଟ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରୁଛି। ଶନିବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା କରାଯାଇ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ ବିଜେପିର ନେତୃତ୍ୱ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଗ୍ରାମୀଣସ୍ତରରେ କାର୍ଯ୍ୟରତ ସିଆର୍‌ପି ଓ ଏମ୍‌ବିକେମାନଙ୍କୁ ସରକାରୀ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ଶୁଣିବାକୁ ମିଳିଛି। ଫଳରେ ବିରୋଧୀ ଏହାକୁ ଗଣତନ୍ତ୍ର ବିରୋଧୀ ବୋଲି ଆଖ୍ୟା ଦେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ବିକେ ଏବଂ ସିଆର୍‌ପିମାନଙ୍କ ହ୍ୱାଟ୍ସଆପ୍‌କୁ ଏଭଳି ବାର୍ତ୍ତା ଯାଇଛି। ଯେଉଁଥିରେ ଲେଖାଯାଇଛି ଯେ, ୨୪ ତାରିଖ ଅପରାହ୍ଣ ୪ଟାରେ ଆପଣମାନେ ନିଜ ନିଜ ଅଞ୍ଚଳର ଏମ୍‌ବିକେ ଏବଂ ସିଆର୍‌ପିମାନଙ୍କୁ ଧରି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବେ। ସେଠାରେ ମହିଳାମାନଙ୍କର ଏକ ସଦ୍‌ଭାବନା ରାଲି ରହିଛି। କିନ୍ତୁ କେହି ଡ୍ରେସ୍‌କୋଡ୍‌ରେ ଆସିବେ ନାହିଁ। ଏସ୍‌ଏଚ୍‌ଜି ମହିଳାମାନଙ୍କୁ ମଧ୍ୟ ଆସିବା ପାଇଁ ଏଥିରେ କୁହାଯାଇଛି। ଏହି ବାର୍ତ୍ତା ବିଭିନ୍ନ ଏମ୍‌ବିକେ, ସିଆର୍‌ପିଙ୍କ ମୋବାଇଲ୍‌କୁ ଛଡ଼ାଯାଇଥିଲା। ସମସ୍ତଙ୍କୁ ଯେମିତି ହେଉ ପହଞ୍ଚିବାକୁ ସେଥିରେ ଉଲ୍ଲେଖ ଥିଲା। ତେବେ କିଛି ସିଆର୍‌ପି ଓ ଏମ୍‌ବିକେ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସେମାନଙ୍କୁ ସରକାରୀ କାମ ଛାଡ଼ି ଦଳୀୟ କାର୍ଯ୍ୟରେ ଲାଗିବାକୁ ଚାପ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ସମ୍ପୂର୍ଣ୍ଣ ଦଳୀୟ କାର୍ଯ୍ୟକ୍ରମ ଥିଲା। ଏଥିରେ ବିଜେପି ମହିଳା ବିଲ୍‌କୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆର୍‌ପି ପ୍ରମୁଖଙ୍କୁ ଯୋଗଦେବା ପାଇଁ କାହିଁକି ସରକାରୀସ୍ତରରେ ଉଦ୍ୟମ ହୋଇଥିଲା। ତାହାକୁ ନେଇ ପୁରୀରେ ବେଶ୍ ଚର୍ଚ୍ଚା, ଆଲୋଚନା କରାଯାଉଛି। ଏ ସମ୍ପର୍କରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମିତି କିଛି ବାର୍ତ୍ତା ଏମ୍‌ବିକେ ଏବଂ ସିଆର୍‌ପିଙ୍କୁ ଦିଆଯାଇ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଥା ଉଠୁଛି ଯଦି ସେମିତି କିଛି ଉଦ୍ଦେଶ୍ୟ ନ ଥିଲା ତେବେ ବିଭିନ୍ନ ହ୍ୱାଟ୍ସଆପ୍‌ରେ ଘୂରି ବୁଲୁଥିବା ଏହି ମେସେଜ କେଉଁଠୁ ଆସିଲା। ପୁଣି ଡ୍ରେସ୍‌କୋଡ୍‌ରେ ଆସିବାକୁ ବାରଣ କରାଯାଇଥିଲା କାହିଁକି?

## 'ମଧୁ ଜ୍ୟୋତି' ସମ୍ମାନ ପାଇବେ ବରିଷ୍ଠ ଆଇନଜୀବୀ ରାମପ୍ରସାଦ ଦାଶ

ପୁରୀ,୨୫।୪(ସମିସ): ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ସମ୍ପ୍ରତିକ୍ରମେ ପୁରୀ ବାର୍‌ର ବରିଷ୍ଠ ଅଧିବକ୍ତା ରାମପ୍ରସାଦ ଦାଶଙ୍କୁ ପ୍ରତିଷ୍ଠିତ 'ମଧୁ ଜ୍ୟୋତି' ପୁରସ୍କାରରେ ସମ୍ମାନିତ କରାଯିବ। ଯାହାକି ପୁରୀ ବାର୍ ଆସୋସିଏସନ ପାଇଁ ଏକ ଗୌରବର ବିଷୟ। ଆସନ୍ତା ୨୮ ତାରିଖରେ ଝାରସୁଗୁଡ଼ାର ନବ ଦାସ ଅଡିଟୋରିୟମ୍‌ରେ ଆୟୋଜିତ 'ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ' କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ। ପୁରୀର ଜଣେ ପ୍ରତିଷ୍ଠିତ ଆଇନଜୀବୀ ଭାବେ ଶ୍ରୀ ଦାଶ ବେଶ୍ ପରିଚିତ। ତାଙ୍କୁ ଏହି ସମ୍ମାନ ମିଳିବା ନିଶ୍ଚିତ ପୁରୀ ବାର୍ ଆସୋସିଏସନ ସହ ସମଗ୍ର ଜିଲ୍ଲାର ଆଇନଜୀବୀମାନଙ୍କ ପାଇଁ ଗର୍ବର ବିଷୟ ବୋଲି କୁହାଯାଉଛି।



## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଆରମ୍ଭ



ପୁରୀ,୨୫।୪(ସମିସ): ମୋଚିସାହିସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଉଦ୍‌ଘାଟିତ ହୋଇଛି ୧୯ତମ କିରୋଗୀ ଓ ୧୧ତମ ଫୁସି ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା। ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ ପୁରୀ ଓ ଦି ସ୍କୁଲ ଅଫ୍ ତାଏକ୍ୱୋଣ୍ଡୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪୮ ବାଳକ ଓ ୧୦୫ ବାଳିକା ସମୁଦାୟ ୨୫୩ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ୧୦ଟି ଟ୍ରେନିଂ ସେଣ୍ଟରରୁ ଆସିଥିବା ବାଳକ ଓ ବାଳିକାମାନେ କିରୋଗୀ ଓ ଫୁସି ଇଭେଣ୍ଟରେ ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ପ୍ରତିଯୋଗିତାରେ ଆଧୁନିକ ଇଲେକ୍ଟ୍ରୋନିକ୍ ସେନ୍‌ସର ମାଧ୍ୟମରେ ସ୍କୋରିଂ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ୧୮ ଜଣ ଜାତୀୟ ରେଫରୀ ପ୍ରତିଯୋଗିତାକୁ ପରିଚାଳନା କରୁଥିବାବେଳେ ମୌଳିନ୍ଦୁ କୁମାର ମହାନ୍ତ ଓ ଏମ୍‌ଡି ରାମ୍‌ଜାନ ମୁଖ୍ୟ ଟେକ୍‌ନିକାଲ ଅଫିସିଆଲ ଭାବେ ଦାୟିତ୍ୱ ନିଭାଉଛନ୍ତି। ଉଦ୍‌ଘାଟନୀ ଅବସରରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କ ସହ ରବିଶଙ୍କର ପ୍ରତିହାରୀ, ବ୍ୟୋମକେଶ ଅଭିଳାଷ ପ୍ରସାଦ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

**ଶିକ୍ଷାଶ୍ରୀ ଶିଶୁ ପାଠାଗାରର ବାର୍ଷିକ ଉତ୍ସବ**

# 'ସଭ୍ୟତା ସଂସ୍କୃତିର ବିକାଶକୁ ଆଗକୁ ନିଏ ପାଠାଗାର'

ପୁରୀ,୨୫।୪(ସମିସ): ପାଠାଗାର ହେଉଛି ଏକମାତ୍ର ସ୍ଥାନ, ଯେଉଁଠି ବିନା ଖର୍ଚ୍ଚରେ ପୃଥିବୀକୁ ଆବିଷ୍କାର କରିହୁଏ। ମନ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ପାଠାଗାର, ଯାହାକି ମଣିଷକୁ ମୁକ୍ତି ପ୍ରଦାନ କରେ ଏବଂ ସଭ୍ୟତା ସଂସ୍କୃତିର ବିକାଶକୁ ଆଗକୁ ନିଏ। ସୁତରାଂ ପ୍ରତି ପଞ୍ଚାୟତରେ ପାଠାଗାର ସ୍ଥାପନ ସହିତ ପାଠାଗାର ଆନ୍ଦୋଳନକୁ ଅଧିକରୁ ଅଧିକ କ୍ରିୟାଶୀଳ କରାଯିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି।


ଶନିବାର ଶିକ୍ଷାଶ୍ରୀ ଶିଶୁ ପାଠାଗାରର ୨୨ତମ ବାର୍ଷିକ ଉତ୍ସବ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସାହିତ୍ୟିକ ଡ. କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ "ଆମ ପରଶମଣି'ର ସମ୍ପାଦକ ବର୍ଷୀୟାନ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ଦେଓ ଉଦ୍‌ଘାଟକ, କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟବକ୍ତା, ଶିଶୁ କିଶୋର ସାହିତ୍ୟ ଏକାଡେମୀ ଓଡ଼ିଶାର ସାଧାରଣ ସମ୍ପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

ସମାରୋହ ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ।



ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ସେନାପତି। ଉତ୍ସବରେ ରମେଶ ଚନ୍ଦ୍ର ଦାଶଙ୍କ ରଚିତ 'ପରୋପକାରୀ କୁକୁର ଓ ଅନ୍ୟାନ୍ୟ କାହାଣୀ' ଏବଂ "ପିଲାଙ୍କ ଉତ୍କଳମଣି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରଗଡ଼ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପ୍ରତିଷ୍ଠାତା ଡ. ରବିନାରାୟଣ ସାହୁ, ନୟାଗଡ଼ ନୂଆଗାଁସ୍ଥିତ ଦାଶରଥି ପଟ୍ଟନାୟକ ପାଠାଗାର ଓ ସଂଗ୍ରହାଳୟର ଦୀପକ କୁମାର ପଟ୍ଟନାୟକ, ଶିକ୍ଷକ ଓ ନାଟ୍ୟ ସଂଗଠକ ବିକାଶ ଦତ୍ତ, ବାଲେଶ୍ୱରସ୍ଥିତ ଲୋକନାଥ ପାଠାଗାରର ପ୍ରତିଷ୍ଠାତା ତଥା ଶିଶୁ ପତ୍ରିକା 'ବାଇ ଚଢ଼େଇ'ର ସମ୍ପାଦକ ବିକାଶ କୁମାର ଶତପଥୀ, ଶିଶୁ ସାହିତ୍ୟିକା ସୁଜାତା ସିହ୍ନା ଏବଂ ବ୍ରହ୍ମଗିରି ବିଜିପୁରର କୃତୀ ଛାତ୍ର ସାଦ୍ୟାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀପ୍ରିୟା ଦାଶ, ପ୍ରଶାନ୍ତ କୁମାର ମଙ୍ଗରାଜ, ଦୁର୍ଗାବତୀ ପ୍ରଧାନ, କବିତା ମିଶ୍ର, ଲକ୍ଷ୍ମୀଧର ମାଝୀ, ପର୍ଶୁରାମ ପାତ୍ର ମାନପତ୍ର ପାଠ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ପ୍ରଜ୍ଞା ସାହୁ। କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ଶିଶୁ କବିତା ପାଠ କରିଥିଲେ ପ୍ରଶାନ୍ତ କୁମାର ତ୍ରିପାଠୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବି କ୍ରିଷ୍ଣା ମହାପାତ୍ର। ରାକେଶ ଦାଶ, ରାଖେଲ ଦାଶ, କାଶୀନାଥ ମହାପାତ୍ର, ପୂଜା ସାହୁ, ଜଳନ୍ଧର ବିଶୋଇ, ଶିବ ପ୍ରସାଦ ମିଶ୍ର, ରଶ୍ମି ବେହେରା, ସିଦ୍ଧେଶ୍ୱର ବେହେରା, ଦେବସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୋକ ଓ ଭୟ





ମୂଳ ହିନ୍ଦୀ: ଭବତୋଷ ପାଣ୍ଡିୟ

ଅନୁବାଦ: କନକ ମଞ୍ଜରୀ ପଟ୍ଟନାୟକ

ସକାଳେ ବହୁ ସମୟ ଯାଏ ଶାଶୁ ସୁମନ ଓ ବୋହୂ କୁସୁମର ଲଢ଼େଇ ଚାଲିଥିଲା । ଘର ଭିତରେ ଶାଶୁ ଓ ବୋହୂର ଲଢ଼େଇ ସାଧାରଣ କଥା । ଆଜି କିନ୍ତୁ କୌଣସି ବିଶେଷ ପ୍ରସଙ୍ଗକୁ କେନ୍ଦ୍ର କରି ଲଢ଼େଇ ଚାଲିଥିଲା, ଯାହାକି ଦୀର୍ଘ ସମୟ ଯାଏ ଲମ୍ବି ଥିଲା ।

"ତାଙ୍କର ତ ମେମ୍ ସାହେବମାନଙ୍କ ଘରଗୁଡ଼ିକରେ ହାଲୁଆ, ପୁରି, ଲହୁଣି, ପାଉଁରୁଟି ଖାଇବା ଅଭ୍ୟାସ ହୋଇଗଲାଣି । ସେଥିପାଇଁ ସେ ସକାଳ ହେଉ ହେଉ କାମ କରିବାକୁ ଦୌଡ଼ି ଯାଆନ୍ତି । ଘରର କୌଣସି କାମ ଉପରେ ତ ନଜର ହିଁ ନାହିଁ ।" କୁସୁମ ଗୁଜୁ ଗୁଜୁ ହେଉଥିଲା ।

ସୁମନ ନିଜ ଘରଠାରୁ କିଛି ଦୂର ସହରରେ ଥିବା ଗୋଟାଏ ସୋସାଇଟିରେ ବାସନ ମଜା ଓ ଝାଡୁ ପୋଛା କାମ କରେ । ସେ ଦିନ ମନ ଫଟା ଫଟି ହେତୁ ସେ ଦାନା ଖାନା ଛାଡ଼ି ଶୀଘ୍ର ଶୀଘ୍ର ସହର ଆଡ଼କୁ ଦୌଡ଼ିଲା ।

"ଆଜି କାମବାଲୀ ଆଚ୍ଛା ବିଳମ୍ବ କଲା । ମନେ ହେଉଛି ନିତି ନିତି ଜଳଖିଆ ଟା' ପାଇଁ ତା'ର ଡର ନାହିଁ । ଆସୁ ତାକୁ ଜଳଖିଆ ଖୁଆଇବି ।"

ବିଳମ୍ବ ହେବା କାରଣରୁ ସୁମନ ଡରି ଡରି ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ପହଞ୍ଚି ବାସନ ଧୋଇବା କାମରେ ଲାଗିଗଲା ।

"କେଉଁଠି ମରି ପଡ଼ିଥିଲୁ, ଏତେବେଳେ ଯାଏ? ତୁ' ମୋ ଘରକୁ ସକାଳୁ ସକାଳୁ ଆସେ । ବେଶୀ ବେଳ ଯାଏ ଘରେ ବାସନ ଅମଜା ହୋଇ ପଡ଼ି ରହିଲେ, ଘର ପୋଛା ନ ହେଲେ ମତେ ଭଲ ଲାଗେନା । କାଲିଠୁ ଡେରିରେ ଆସିବୁ ନାହିଁ । ନ ହେଲେ ମୁଁ ଅନ୍ୟ କାମବାଲୀ ଖୋଜିବି ।"

ସୁମନକୁ ଜଳଖିଆ କିଏ ଦେବ ? ସେ ତ କାମ ଚାଲିଯିବା ବିପଦକୁ ନେଇ ଚିନ୍ତିତ ।

"ବାର ବାଜିବାକୁ ହେଲାଣି । ମ୍ୟାଡମ୍ ଏତେ ବେଳ ଯାଏ ଆସି ନାହାଁନ୍ତି, ଯାହା ଜଣାପଡୁଛି ଶ୍ରୀମତୀ ଅଗ୍ରୱାଲ ଘରେ ଛପନ ଭୋଗ ଖାଉଛି ।" ଶ୍ରୀମତୀ ବର୍ମା ଶ୍ରୀମତୀ ସିଦ୍ଧିକଙ୍କ ଘରକୁ ଫୋନ୍ କରି କହିଲେ ।

ଶୀଘ୍ର ଶୀଘ୍ର କାମ ସାରି ସୁମନ ଶ୍ରୀମତୀ ବର୍ମାଙ୍କ ଘରେ ପହଞ୍ଚିଲା ।

"ତୁ ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ଏତେବେଳ ଯାଏ କ'ଣ କରୁଥିଲୁ? ବେତନ ସାଙ୍ଗକୁ ସେ ତତେ ପିଜା, ବର୍ଗର ନିତି ଖାଇବାକୁ ଦେଉଛନ୍ତି ନା କ'ଣ?"

ଶ୍ରୀମତୀ ବର୍ମାଙ୍କ ମୁରବି ପଣ ଦେଖି ସୁମନ ବୁଝି ପାରିଥିଲା, ଆଜି ଏଠୁ କିଛି ମିଳିବା କଷ୍ଟ । ସେ ମନେ ମନେ ଝଂପିଲା ।

ଭୋକିଲା ସୁମନ ଦୁଇ-ତିନି ଘରେ ଦିନ ତିନିଟା ଯାଏ କାମ କରି ଚାଲିଥିଲା । ସେ ଦିନ ତା' ଭାଗ୍ୟରେ କେଉଁଠୁ ବି କିଛି ଖାଇବା ମିଳିଲା ନାହିଁ ।

ନିଜ ବୋହୂ ଉପରେ ରାଗ ଓ ନିଜର ନିତି ଦିନିଆ କମାଣି ହାତଛଡ଼ା ଭୟ ମନର ଅବସ୍ଥାକୁ ନେଇ ସୁମନ ତା' ଗାଁ ଆଡ଼କୁ ବଢ଼ିବାକୁ ଲାଗିଲା ।

ଭୋକରେ ବ୍ୟାକୁଳ ଦୁଇ-ତିନି କୋଶ ପାଦରେ ଚାଲି ଚାଲି ଘରେ ପହଞ୍ଚିଲା । ଖାଇବା ପିଇବା ତ ଦୂର କଥା, ବୋହୂ କୁସୁମ ସକାଳେ ଅଧାରେ ଥିବା ଝଗଡ଼ା ପୁଣି ଆରମ୍ଭ କଲା ।

"ସହରରୁ ହାଲୁଆ- ପୁରି ଖାଇ ଆସି ଗଲନା?"


ଅନ୍ୟ ମନସ୍କ ସୁମନ ଭାବୁଥିଲା, କାଲି ମୁଁ ଶୀଘ୍ର ଶୀଘ୍ର ନ ପହଞ୍ଚିଲେ, ମେମ୍ ସାହେବ ମତେ କାମରୁ ବାହାର କରିଦେବେ ।

ଲୁହ ଝରି ଚାଲିଥିଲା ।

ସୁମନ ମନରେ ଘର କରି ଥିବା 'ଭୟ', ଶରୀରରେ ଉପସ୍ଥିତ 'ଭୋକ'କୁ ବାରମ୍ବାର ଆଡ଼େଇ ଚାଲିଥିଲା । ■

ଶିବା କୃପା ସାରଦା-ନନ୍ଦିତା ନିଳୟ
ତଳ ମହଲା, ପ୍ଲଟ୍ ନଂ- ୧୩୮୮
ବ୍ରହ୍ମେଶ୍ୱର ପାଟଣା, ବ୍ରହ୍ମେଶ୍ୱର ମନ୍ଦିର ପଛପାଖ
ଭୁବନେଶ୍ୱର - ୭୫୧୦୧୮
ମୋ:୮୭୬୩୪୭୨୧୬୨

# ଯଦି ପୃଥ୍ୱୀ ବିଶ୍ରାମ ନିଏ



ମୂଳ ହିନ୍ଦୀ: ଜୟପ୍ରକାଶ ମାନସ

ଅନୁବାଦ: ବିଜୟ କୁମାର ପ୍ରଧାନ

ଯଦି ଦିନେ ସକାଳେ ପୃଥ୍ୱୀ କହିବ-
ଆଜି ମୁଁ ଅବକାଶରେ ଅଛି
ତ... ନିଜର ସୁନେଲି ଚିଠିମାନଙ୍କୁ
ପଢ଼ି ଶୁଣାଉଥିବା ସୂରୁଜ
ହଠାତ ନୀରବି ଯିବ ।
ନଦୀମାନେ ସ୍ଥିର ହୋଇ
ନିଜନିଜର ପ୍ରତିବିମ୍ବକୁ ଉଙ୍କି ମାରିବେ
ଆଉ ଗଛମାନେ
ନିଜ ପତ୍ରମାନଙ୍କୁ ପଚାରିବେ -
ଏବେ ପବନ କାହାକୁ ଖୋଜିବ?
'ସ୍ତ୍ରୀ', ଯାହା ପୃଥ୍ୱୀର ଅନ୍ୟ ଏକ ନାମ
ଯଦି ଦିନେ ବସିଯିବ ଚୁପ୍‌ଚାପ୍ -
ତ... ସମୟର ଘଣ୍ଟାଘର
ହଜେଇଦେବ ତା'ର କଣ୍ଟା
ଆଉ, ଆମର ସକଳ ସଭ୍ୟତା
ଅଚାନକ ଡରିଯିବ
ନିଜର ହିଁ ନୀରବତାରେ । ■



# ଛତାବାଲା



ଛତା ମରାମତି କରୁଥିବା ସେ ଲୋକଟି
ଯିଏ ଭଙ୍ଗା ଫ୍ରେମ୍ ଉପରେ
ନୂଆ କପଡ଼ାର ଚମକ ଛାଆଣି କରୁଛି
ବାସ୍ତବରେ କେଉଁ ଭଙ୍ଗା-ବିଶ୍ୱାସ ଉପରେ
ସହଜ-ସରଳ ବିଶ୍ୱାସର
କଠିନସ୍ତରଟିଏ ଥାପୁଛି
ତା' ଆଙ୍ଗୁଳିମାନେ
ଛୁଞ୍ଚି ଓ ସୂତାର ସହାୟତାରେ ବୁଣୁଛନ୍ତି
ଭଗ୍ନ ଆଶ୍ରୟମାନଙ୍କର ସ୍ୱପ୍ନ
ପ୍ରତ୍ୟେକ ଛିଦ୍ରକୁ ବୁଜୁଛନ୍ତି
ଖରା ଓ ବର୍ଷାରୁ
ରକ୍ଷା କରିବାର ପ୍ରତିଜ୍ଞାରେ
ସେ କିନ୍ତୁ ଜାଣିଛି ଯେ ଏ ଛତା
ଏବେ ଆଉ ସେତିକି ମଜଭୁତ ନୁହେଁ
ଯେତିକି ପୂର୍ବରୁ ଥିଲା
ଟାଙ୍କ (ସିଲେଇ) ଛିଣ୍ଡିଗଲାଣି ଠାଏଁ-ଠାଏଁ
ତଥାପି ସେ ସିଲାଉଛି ସେମିତି
ଯେମିତି କେଉଁ ଡାକ୍ତର
ବଞ୍ଚାଉଛି ଗୋଟିଏ ପ୍ରାଣ
ଏଇଆ ନ ଭାବି ଯେ
ଏ ପ୍ରାଣଟା ବି ପୁଣି କେବେ ରୋଗଗ୍ରସ୍ତ ହେବ
ତା' ଦୋକାନରେ ରହିଛି
ଭଙ୍ଗାଛତାଙ୍କ ପାହାଡ଼
ଯାହା ପ୍ରମାଣିତ କରୁଛି ଯେ
ଦୁନିଆରେ ଏବେ ବି ବାକି ଅଛି
ଆଶ୍ରୟସ୍ଥଳମାନଙ୍କର ମରାମତି କାମ
ଏବଂ... ସେ ଗୋଟେଗୋଟେ ଟାଙ୍କ ମାରୁଛି
କଳା କପଡ଼ା ଜାଗାରେ
କିଟିମିଟି ଅନ୍ଧାରକୁ ଛୁଞ୍ଚି ଫୋଡୁଛି
ଖୁସି ହେଉଛି
ଯେତେବେଳେ କେଉଁ ଭଙ୍ଗା ଆକାଶ
ପୁଣି କାହାସାଥୀରେ ସଂପର୍କ ଯୋଡୁଛି ।। ■

ଗୌତମ ନଗର (ଷଷ୍ଠ ସରଣୀ),
କୋରାପୁଟ
ମୋ: ୯୪୩୭୯୦୯୪୨୮

# 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ସଂଘର୍ଷର ପ୍ରତିଫଳନ



ଡକ୍ଟର ନିଖିଳେଶ ମହାନ୍ତି

ଗୁଜରାଟୀ ସାହିତ୍ୟର ସୁପ୍ରସିଦ୍ଧ କାବ୍ୟକାର ବିନୋଦ ଯୋଶୀ । ତାଙ୍କର କବିତାଗୁଡ଼ିକରେ ଗ୍ରାମ୍ୟ ଜୀବନର ଚିତ୍ର ପ୍ରତିଫଳିତ ହୋଇଥାଏ । ବିଶେଷ କରି ନିଜ କାବ୍ୟକବିତାରେ ନାରୀ ମନର ଅନ୍ତର୍ଭାବନାକୁ ରୂପ ଦେବାରେ ସେ ବେଶ୍ ସଫଳ ହୋଇଛନ୍ତି । କବି ବିନୋଦ ଯୋଶୀଙ୍କ ରଚିତ 'ଅଭିପ୍ରେତ', 'ଅମୃତ ଘାୟଲ', 'ବ୍ୟଙ୍ଗ ବିନୋଦ', 'ସୈରିନ୍ଧ୍ରୀ', 'ମୋରପିଚ୍ଛ', 'ସିଙ୍ଗଡ଼ି' ଆଦି ପୁସ୍ତକ ବହୁ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ତାଙ୍କ ଲିଖିତ 'ସୈରିନ୍ଧ୍ରୀ' ଏକ ଉଚ୍ଚକୋଟୀର ହୃଦୟସ୍ପର୍ଶୀ ପ୍ରବନ୍ଧ କାବ୍ୟ । ଏହି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଛନ୍ତି ରେଣୁକା ଶ୍ରୀରାମ ସୋନି ।

ମହାଭାରତର ବିରାଟ ପର୍ବରେ ସୈରିନ୍ଧ୍ରୀ ଚରିତ୍ର ବିଶଦ ଭାବେ ବର୍ଣ୍ଣିତ । ଅଜ୍ଞାତବାସର ଏକ - ବର୍ଷ ମତ୍ସ୍ୟଦେଶର ରାଜା ବିରାଟଙ୍କ ନଗରୀରେ ଗୁପ୍ତ ଭାବେ ଥିବା ସମୟରେ 'ଦ୍ରୌପଦୀ' ସୈରିନ୍ଧ୍ରୀ ନାମରେ ସୁଦେଷ୍ଣା ରାଣୀଙ୍କ ସହଚରୀ ଥିଲେ । ପ୍ରତିକ୍ଷଣ ମରୁଥିବା ନିଜତ୍ୱ; ଖୋଜୁଥିବା ମୁହଁଲୁଚା ଜୀବନର ଅର୍ଥ; ଭ୍ରମ ବିଭ୍ରମର ଦୋଳିରେ ଝୁଲୁଥିବା ନାରୀତ୍ୱ; ନିଜ ଗୌରବ ସହ ନିରନ୍ତର ଯୁଦ୍ଧ କରୁଥିବା ଅସହାୟତା; ନିଜ ବିରୂପ ସହ ନିଜକୁ ଅଲଗା କରିନେଇଥିବା ଚୁକ୍ତିନାମା; ରାଜନନ୍ଦିନୀରୁ ଦାସୀ ପାଲଟି ଯାଇଥିବା ଇଚ୍ଛାକୃତ ଦାସତ୍ୱ, ପରାକ୍ରମୀ, ପତିମାନଙ୍କ ଗହଣରେ କେହି ନୁହେଁର ନିପୁଣ ଅଭିନୟ ଭିତରେ ନିଜକୁ ବାରମ୍ବାର ପ୍ରଶ୍ନର ମାୟାଜାଲରେ ଛନ୍ଦି ହୋଇ କିଛି ବି ଉତ୍ତର ପାଉନଥିବା ନାରୀଟିକୁ ଆମେ ଅବଳା ଦୁର୍ବଳା କହିଦେଲେ ନାରୀଟିଏ ଯେ ଚୁପ ପଡ଼ିଯିବ; ଅନେକ ବନ୍ଧନୀ ଭିତରେ ଏଡ଼େ ଟିକିଏ ଖୁବ୍ ହେୟ ପାଲଟିଯିବ ତାହା କଦାପି ନୁହେଁ । ଏକଥା ଦୃଢ଼ ସ୍ୱରରେ ପ୍ରତିବାଦ କରନ୍ତି ଲେଖକ ବିନୋଦ ଯୋଶୀ ।

ସାତଟି ସର୍ଗରେ ଲିଖିତ 'ସୈରିନ୍ଧ୍ରୀ ପ୍ରବନ୍ଧ କାବ୍ୟ । ଏହି କାବ୍ୟରେ ଆମେ ଜଣେ ଭିନ୍ନ ନାରୀଙ୍କୁ ଦେଖୁ ଯେ, ବ୍ୟାସକୃତ କାହାଣୀଠୁ ଭିନ୍ନ ହୋଇ ଯେ କୌଣସି ନାରୀର ଆଭ୍ୟନ୍ତରରେ ନିଜ ନିଜ ମହାଭାରତକୁ ଭେଟନ୍ତି । ନିଜ ନିଜ କୁରୁକ୍ଷେତ୍ରରେ ପ୍ରତିନିୟତ ଜୀବନ ଯୁଦ୍ଧରେ ଲିପ୍ତ ଥାଆନ୍ତି । ଗୋଟିଏ ସଂଘର୍ଷର ଉଦ୍‌ଗୀରଣ ଏ କାବ୍ୟର ଅନ୍ତସତ୍ତା । 'ଶୃଙ୍ଗାର କରହେ ଦାସୀ, ନୃପ ସଙ୍ଗର ମୁଁ ଅଭିଳାଷୀ" । ଜଣେ କହୁଛି ମୋର ରମ୍ୟରୂପକୁ ବିଭୋର କର । ପ୍ରଗାଢ଼ ରଙ୍ଗ ସୁହାସୀ ମୁଁ, ରାତ୍ରେ ନିବିଡ଼ ହେବ ଅନଙ୍ଗ ପ୍ରପୀଡ଼ିତ ଶିହରିତ ତନୁ; ମାତ୍ର ବେଶକାରିଣୀ କମ୍ ରୂପବାନ୍ ନୁହେଁ କି ରତିକ୍ରୀଡ଼ା ପ୍ରବୀଣା ନୁହେଁ ! ହେଲେ ନିଜ ଭାଗ୍ୟ, ଅନ୍ୟର ଅଯୋଗ୍ୟତା କିମ୍ବା ଅଭିନୟର ପାରଦର୍ଶିତାରେ ନିଜ ମନକୁ ଖାଲି ସଂଯତ ନୁହେଁ, ବରଂ ଭୟର ନିର୍ମୋକକୁ ଲୁଚାଇବାକୁ ପଡୁଛି । ନିଜେ ବିବର୍ଣ୍ଣା ଓ ନିର୍ଲିପ୍ତା ହେବା ଏକ ବାହ୍ୟ ଆଡ଼ମ୍ବର ହୋଇପାରେ । ବାସ୍ତବତା ଏହା ଯେ ସେ ଯୁବତୀ, ପତ୍ନୀ ନାରୀ; ତା'ର ବି ମନ ଅଛି । ନିଜେ କେଳିଦୀପ ପ୍ରଜ୍ୱଳିତ ନ କରି ଦୀପ ହୋଇ ଜଳୁଛି ଓ ଜ୍ୱଳନ ସହୁଛି ।



ଚକ୍ଷୁ ବୁଜି ନିଦ୍ରାକୁ କଲେ ଆମନ୍ତ୍ରଣ ଅସହ୍ୟ ଇଶାରାରେ ପ୍ରାଣ ଜର୍ଜରିତ ହୁଏ । 'କୀଚକ ସ୍ପର୍ଶିଲା ଅଙ୍ଗ ସେହି କ୍ଷଣ' କ'ଣ ସାହାଯ୍ୟ କାହାର ମାଗିହେବ କି ? ଗୋଟିଏ ସ୍ୱପ୍ନଭରା ଅଭିସାର ଘଟିସାରିଛି କର୍ଣ୍ଣ ସହ । ସେହି ସମର୍ଥ ଏ ବିପଦରୁ ଉଦ୍ଧାର କରିପାରିବ । ଏ ଦେହକୁ ପାଞ୍ଚ ଜଣଙ୍କୁ ବାଣ୍ଟିବା ଅପେକ୍ଷା ସୁତପୁତ୍ର, ଯଥେଷ୍ଟ ଯୋଗ୍ୟ; ଯାହା ସ୍ମୃତିରୁ ଫିଙ୍ଗି ହେଉ ନାହିଁ । ନିଶାର୍ଦ୍ଧରେ କୀଚକର ଅଧିକାର ସାବ୍ୟସ୍ତରୁ ନିଜକୁ ବଞ୍ଚାଇବାକୁ ତୀକ୍ଷଣ ଛୁରୀରେ ଆଘାତ କରିଛି । ପରେ ମୃତ୍ୟୁ ଦଣ୍ଡରେ ଅଗ୍ନିରେ ବିସର୍ଜନ ହୋଇଛି । ନିଜକୁ ସଚେତନ, ଭୟମୁକ୍ତା, ଆତ୍ମନିର୍ଭର, ରୁଦ୍ରଭୀଷଣ ମୂର୍ତ୍ତି ସ୍ୱରୂପିଣୀ, ନାରାୟଣୀ ବୋଲି ପ୍ରମାଣିତ କରିଛି । ଜଣେ କୀଚକକୁ ମାରିଲା ସିନା, କିନ୍ତୁ ଅନେକ କୀଚକ । ସେ ମୃତ୍ୟୁ ଦଣ୍ଡ ଲାଭ ପୂର୍ବରୁ ବି କର୍ଣ୍ଣକୁ ମନେ ମନେ ଆଲିଙ୍ଗନ କରିଛି । ଅଶେଷ ବାର ତନୁ ସମର୍ପଣ କରିଛି । ଚକ୍ଷୁ ଭେଦିବାର ସାମର୍ଥ ଯାହାର ଥିଲା ତାକୁ ପରିଚୟ ମାଗି ଯେଉଁମାନେ ସ୍ଥବିର କରିଥିଲେ ସେମାନଙ୍କୁ ବହେ ତିରସ୍କାର କରିଛି । ସୁରକ୍ଷା ଦେଇପାରୁ ନଥିବା ଅଥଚ ପାଖରେ ଥିବା ଅଯୋଗ୍ୟମାନଙ୍କୁ ଯାହା ଖାଲି ଧିକ୍କାର ନକରି ଦୟା ଦେଖାଇଛି ।


ଜନ୍ମରୁ ଅବିରତ ଜଳୁଥିବା, ନିଜ ସଙ୍ଗେ ଛଳ ଓ ଖେଳ ଖେଳୁଥିବା ନାରୀଟିଏ କେତେ ବା ସମ୍ମାନ ପାଇଲା? ତାହା ଏକ ପ୍ରଶ୍ନବାଚୀ । ଏ ଦୁନିଆରେ ସମସ୍ତେ ନିଜଠାରୁ ବିଚ୍ଛିନ୍ନ । ବାହାର ଓ ଭିତରର ଐକ୍ୟତା ଭିନ୍ନ ଫଳତଃ .ମାନସିକ ସ୍ଥିତି ଦ୍ୱନ୍ଦ୍ୱାୟିତ । ସୈରିନ୍ଧ୍ରୀ ଗୋଟେ ଦୁଃଖର ପାହାଡ଼, ଯାହା ଭିତରେ ପ୍ରତିକ୍ରିୟାର ଲାଭା ସଦା ସର୍ବଦା ଲୁକ୍‌କାୟିତ ନୁହେଁ । ଦ୍ରୌପଦୀ ଗୋଟେ ନାରୀ ଯେ ନିଜକୁ ନିଜେ ରକ୍ଷା କରିପାରେ । ପରିଚୟହୀନ ପାଣ୍ଡବ ପତିମାନଙ୍କ ନୀରବ ଅସହାୟତା ଓ କରୁଣ ଚାହାଣି ଆଗରେ ଦ୍ରୌପଦୀ ଦେବୀ ପାଲଟି ଯାଏ । କାଳ୍ପନିକ କାହାଣୀର ଅନ୍ତରାଳରେ ନାରୀମନର ଯେଉଁ ଚେତନସ୍ତରକୁ ଲେଖକ ସ୍ପର୍ଶ କରିଛନ୍ତି, ତାହା ଅଭିନବ ଓ ସଂବେଦନଶୀଳ । 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ମନର ଅନ୍ତର୍ବେଦନାକୁ ଲିପିବଦ୍ଧ କରିବାରେ କବି ବିନୋଦ ଯୋଶୀ ବେଶ୍ ସଫଳ ହୋଇଛନ୍ତି । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ, କଟକ
ମୋ: ୯୪୩୭୯୦୫୪୯୦

## ପତ୍ରିକା ପରିଚୟ

### କଥା କଥା କବିତା କବିତା

ସଂପାଦକ: ଅକ୍ଷୟ ବେହେରା





ଏନ୍.-୪/୨୦୮, ଆଇ.ଆର୍.ସି. ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୨୦୦ ଟଙ୍କା

ଅକ୍ଷୟ ବେହେରାଙ୍କ ସଂପାଦନାରେ 'କଥା କଥା କବିତା କବିତା'ର ସପ୍ତବିଂଶତମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ 'ଭୟ, ଭବିଷ୍ୟତ ଓ ବିଭୀଷିକାର ଭାଷ୍ୟକାର ହଙ୍ଗେରୀର ଲାସ୍‌ଲୋ କ୍ରିଷ୍ଣା ହୋରକାଇ', ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ 'ୟୁରୋପୀୟ ସାହିତ୍ୟ-ମଞ୍ଚରେ ଭାରତୀୟ ତତ୍ତ୍ୱଚିନ୍ତନର ଦୃଶ୍ୟପଟ', ଡକ୍ଟର ଶ୍ରୀକାନ୍ତ ମହାନ୍ତିଙ୍କ 'ଶବ୍ଦର କୁହୁକ', ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ 'ଗୋପବନ୍ଧୁଙ୍କ ଜାତୀୟ ଅନ୍ୱେଷା' ଆଦି ପ୍ରବନ୍ଧ ଓ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ଫନୀ ମହାନ୍ତି, ଗିରିବାଳା ମହାନ୍ତି, ମମତା ଦାଶ, ଅମରେନ୍ଦ୍ର ଖଟୁଆ, ବିପିନ ନାୟକ, ସୌଭାଗ୍ୟବନ୍ତ ମହାରଣା, ରକ୍ଷକ ନାୟକ, ପ୍ରଭାସିନୀ ମହାକୁଡ଼, ପୀତାମ୍ବର ତରାଇ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଜୟନ୍ତୀ ରଥଙ୍କ 'ଡୋରି', ମନୋଜ କୁମାର ମହାପାତ୍ରଙ୍କ 'ନାଲିଘୋଡ଼ା', ମୋନାଲିସା ମିଶ୍ରଙ୍କ 'ମିଃ ନାୟାର୍ ଆଉ ଗୋଟେ ମୋତି ମାଳ' ପ୍ରଭୃତି ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗର ଚିତ୍ର ପ୍ରତିଫଳିତ । ସଂପାଦକୀୟଠାରୁ ଆରମ୍ଭ କରି ଅନୁବାଦ ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖା ଉଚ୍ଚକୋଟୀର ଓ ମନଛୁଆଁ ହୋଇପାରିଛି । ■

### ଶତରୂପା

ସଂପାଦକ : ମନୋଜ କୁମାର ନାୟକ




ସା: ଅଣ୍ଡେଇଗୋଡ଼ା, ପୋ: ଓଡ଼ିଶୋ
ଧର୍ମଶାଳା, ଜି: ଯାଜପୁର-୭୫୫୦୦୮

'ଉତ୍କଳ ଶତରୂପା ସାହିତ୍ୟାୟନ'ର ମୁଖପତ୍ର 'ଶତରୂପା-୨୦୨୬' ମନୋଜ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି । ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ 'ସନ୍ଥ କବି ପରଶୁରାମ ବିହାରୀ : ଗବେଷଣାତ୍ମକ ପୁସ୍ତକ ସଂପର୍କରେ', ଡ. ରୁଦ୍ର ନାରାୟଣ ପୃଷ୍ଟିଙ୍କ 'କୃତ୍ରିମ ବୁଦ୍ଧିମତା: ଏକ ଆକଳନ', ଡକ୍ଟର ରବୀନ୍ଦ୍ର ବିହାରୀଙ୍କ 'ବିବର୍ତ୍ତିତ କବିତା ଓ ସମକାଳ ଅନୁଚିନ୍ତା', ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ରଙ୍କ 'ଆବେଗ ଓ ଅନୁଭବର ରଚନା: ଜିଜ୍ଞାସା ଓ ଅନୁସନ୍ଧିତ୍ସାର ସଂରଚନା' ଆଦି ପ୍ରବନ୍ଧ ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି । ଡକ୍ଟର ରମାକାନ୍ତ ଜେନା, ରାଜକିଶୋର ପାଢ଼ୀ, ପିନାକୀ ମିଶ୍ର, ଡକ୍ଟର ତୁହିନାଂଶୁ ରଥ, ବିମଳ ପତି, ରବି ଶତପଥୀ ପ୍ରମୁଖଙ୍କ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଛି । ସେହିପରି ମାୟାଧର ନାୟକ, ଡକ୍ଟର ଚିତ୍ତରଞ୍ଜନ ବେହେରା, ସଚ୍ଚିଦାନନ୍ଦ କର ପ୍ରମୁଖଙ୍କ ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ପ୍ରେମ, ଜୀବନର ସଂଘର୍ଷ ଆଦିର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି । 'ଶତରୂପା'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବିନୋଦ ଶତବାର୍ଷିକୀ

ସଂପାଦନା : ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ଗଙ୍ଗାଧର ମେହେର ପ୍ରତିଷ୍ଠାନ
ଭୁବନେଶ୍ୱର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ୧୦୦ ତମ ଜୟନ୍ତୀ ଅବସରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଂପାଦନାରେ 'ବିନୋଦ ଶତବାର୍ଷିକୀ' ସ୍ମରଣିକା ପ୍ରକାଶ ପାଇଛି । କବି ପୌତ୍ର ବିନୋଦ ଚନ୍ଦ୍ର ଏକାଧାରରେ ଥିଲେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଲେଖକ ଓ ଆଦର୍ଶ ଶିକ୍ଷକ । ଏହି ସ୍ମରଣିକାରେ ଓଡ଼ିଶାର ବହୁ ଲେଖକ, ଲେଖିକା, କବି ପରିବାରର ସଦସ୍ୟ ସ୍ୱର୍ଗତ ବିନୋଦ ଚନ୍ଦ୍ରଙ୍କ ସ୍ମୃତିଚାରଣ କରିଛନ୍ତି । ରଘୁନାଥ ପୂଜାରୀଙ୍କ 'ମନେ ପଡ଼ନ୍ତି ବିନୋଦ ସାର୍', ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ସେ ସାଧାରଣ ଭିତରେ ଥିଲେ ଆସାଧାରଣ', ଡକ୍ଟର ଅଶ୍ୱିନୀ କୁମାର ରାୟଙ୍କ 'ମୋ ସ୍ମୃତିର ତନ୍ମୟ ତୀର୍ଥ: କବିପୌତ୍ର ବିନୋଦ ଚନ୍ଦ୍ର', ଗୁରୁ କଲ୍ୟାଣ ମହାପାତ୍ରଙ୍କ 'କବି ଗଙ୍ଗାଧରଙ୍କ ସୁପୌତ୍ର', ନରେନ୍ଦ୍ର କୁମାର ମିଶ୍ରଙ୍କ 'ସଂସ୍କୃତି ପ୍ରେମୀ ବିନୋଦ ଚନ୍ଦ୍ର', ଡ. ରବୀନ୍ଦ୍ର କୁମାର ଗଡ଼ତିଆଙ୍କ 'ସ୍ମୃତି ଅର୍ଘ୍ୟ', ଡକ୍ଟର ଶୁକମୁନି ମେହେରଙ୍କ 'କଳା ଓ ସଙ୍ଗୀତପ୍ରାଣ କବି ପୌତ୍ର ବିନୋଦ ଚନ୍ଦ୍ର' ଆଦି ପ୍ରବନ୍ଧରେ ବିନୋଦଚନ୍ଦ୍ରଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ଓ କଳାଜଗତକୁ ଅବଦାନ ସଂପର୍କରେ ବର୍ଣ୍ଣନା କରାଯାଇଛି । କବି ପୌତ୍ର ବିନୋଦଚନ୍ଦ୍ରଙ୍କୁ ଜାଣିବା ପାଇଁ ଏହି ସ୍ମରଣିକାଟି ସହାୟକ ହେବ ନିଶ୍ଚୟ । ■

**ଆମେରିକାର ବଡ଼ କାର୍ଯ୍ୟାନୁଷ୍ଠାନ**

# ଚୀନ୍ ରିଫାଇନେରୀ, ୪୦ ଜାହାଜ ଉପରେ ଲଗାଇଲା କଟକଣା

ୱାଶିଂଟନ୍, ୨୫।୪(ଏଜେନ୍ସି): କଠୋର ପଦକ୍ଷେପ ଗ୍ରହଣ ସ୍ୱରୂପ ଆମେରିକା ଏକ ପ୍ରମୁଖ ଚୀନ୍ ତୈଳ ବିଶୋଧନାଗାର ଏବଂ ପ୍ରାୟ ୪୦ଟି ଜାହାଜ କମ୍ପାନୀ ଏବଂ ଟ୍ୟାଙ୍କର ଉପରେ ଆର୍ଥିକ କଟକଣା ଲଗାଇଛି। ସେମାନଙ୍କ ଉପରେ ଇରାନରୁ ତେଲ କିଣି ବିଶ୍ୱ ବଜାରକୁ ପରିବହନ କରିବାର ଅଭିଯୋଗ ରହିଛି। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଇରାନର ରାଜସ୍ୱର ମୁଖ୍ୟ ଉତ୍ସ, ତୈଳ ରପ୍ତାନିକୁ ବନ୍ଦ କରିବାକୁ ଚେଷ୍ଟା କରୁଛି। ଏହି ପଦକ୍ଷେପ ମାଧ୍ୟମରେ ଆମେରିକା ସ୍ପଷ୍ଟ ଭାବରେ ସୂଚାଇଛି ଯେ ଇରାନ ସହିତ ବାଣିଜ୍ୟ କରୁଥିବା କମ୍ପାନୀ ଏବଂ ଦେଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କ୍ଷତି ସହିପାରନ୍ତି। ଏହାବ୍ୟତୀତ, ଏହି କାର୍ଯ୍ୟାନୁଷ୍ଠାନ ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଉତ୍ତେଜନା ସମୟରେ ଆସିଛି ଏବଂ ଦୁଇ ଦେଶର ନେତାଙ୍କ ମଧ୍ୟରେ ସମ୍ଭାବ୍ୟ ବୈଠକ ପୂର୍ବରୁ ଏହାକୁ କୂଟନୈତିକ ଚାପ ଭାବରେ ଦେଖାଯାଉଛି।

ଇରାନ ସହିତ ବାଣିଜ୍ୟ କରୁଥିବା ଲୋକଙ୍କ ଉପରେ ଦ୍ୱିତୀୟ କଟକଣା ଲଗାଇବାର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଆମେରିକା ଏହି ପଦକ୍ଷେପ ନେଇଛି। ଏହାର ଅର୍ଥ ହେଉଛି ଯଦିଓ କୌଣସି କମ୍ପାନୀ ସିଧାସଳଖ ଆମେରିକା ସହିତ ଜଡିତ ନୁହେଁ, ତଥାପି ତାକୁ ଦଣ୍ଡ ଦିଆଯାଇପାରେ। ଏହି କାର୍ଯ୍ୟାନୁଷ୍ଠାନର ଲକ୍ଷ୍ୟ ହେଉଛି ଇରାନର ତୈଳ ବ୍ୟବସାୟକୁ ସମ୍ପୂର୍ଣ୍ଣ ଦୁର୍ବଳ କରିବା ଏବଂ ଏହାର ଆୟ ହ୍ରାସ କରିବା। ଏହି କଟକଣାରେ ଡାଲିଆନ୍‌ରେ ଥିବା ଚୀନ୍‌ର ହେଙ୍ଗଲି ପେଟ୍ରୋକେମିକାଲ୍ ରିଫାଇନାରୀକୁ ମଧ୍ୟ ଟାର୍ଗେଟ କରାଯାଇଛି। ଏହି ରିଫାଇନାରୀଗୁଡ଼ିକ ଦୈନିକ ପ୍ରାୟ ୪ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ପ୍ରକ୍ରିୟାକରଣ କରିବାର କ୍ଷମତା

**ଇରାନରୁ ତେଲ କିଣି ବିଶ୍ୱ ବଜାରକୁ ପରିବହନ କରିବା ନେଇ ଅଭିଯୋଗ**

ରଖିଛି। ଏହାକୁ ଚୀନ୍‌ର ସର୍ବବୃହତ ସ୍ୱାଧୀନ ରିଫାଇନାରୀ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକାର ଟ୍ରେଜେରୀ ଡିପାର୍ଟମେଣ୍ଟ ଅନୁଯାୟୀ, ଏହି ରିଫାଇନାରୀ ୨୦୨୩ରୁ ନିରନ୍ତର ଭାବେ ଇରାନ ତେଲ କ୍ରୟ କରିଆସୁଛି, ଯାହା ଇରାନ ସେନାକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପ୍ରଦାନ କରୁଛି। ଆମେରିକା ବିଶ୍ୱାସ କରେ ଯେ ଇରାନ ତେଲ ବିକ୍ରି କରି ରୋଜଗାର କରୁଥିବା ଟଙ୍କାକୁ ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରେ। ତେଣୁ, ଏହା ଏହି ଆୟକୁ ବନ୍ଦ କରିବାକୁ ଚାହୁଁଛି। ଏକ ରିପୋର୍ଟ ଅନୁଯାୟୀ, ଅନେକ ଚୀନ୍ କମ୍ପାନୀ ଇରାନରୁ ତେଲ କ୍ରୟ କରୁଛନ୍ତି ଏବଂ ଏହି ନେଟୱାର୍କ ବହୁତ ବ୍ୟାପକ, ଯାହାକୁ ଆମେରିକା ଏବେ ଟାର୍ଗେଟ କରୁଛି।

ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ତାଙ୍କ ସରକାର ସମସ୍ତ ପରିବହନକାରୀ, ମଧ୍ୟସ୍ଥି ଏବଂ କ୍ରେତାମାନଙ୍କୁ ଟାର୍ଗେଟ କରିବା ଜାରି ରଖିବ, ଯେଉଁମାନେ ଇରାନ ତେଲକୁ ବଜାରକୁ ପରିବହନ କରିବାରେ ସାହାଯ୍ୟ କରନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଇରାନ ଟଙ୍କାକୁ ବ୍ୟାଙ୍କରେ ରଖିଥିବା କିମ୍ବା ସେମାନଙ୍କ ମାଧ୍ୟମରେ କାରବାର କରୁଥିବା ଯେକୌଣସି ଦେଶ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଆମେରିକା ପୂର୍ବରୁ ଚୀନ୍, ହଂକଂ, ୟୁଏଇ ଏବଂ ଓମାନର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଚେତାବନୀ ଦେଇସାରିଛି ଯେ ଯଦି ସେମାନେ ଇରାନ ସହିତ ଜଡିତ କାରବାର ଜାରି ରଖନ୍ତି ତେବେ ସେମାନେ କଠୋର ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଏହି ପଦକ୍ଷେପ ସ୍ପଷ୍ଟ ଭାବରେ ବିଶ୍ୱ ଚାପ ପ୍ରୟୋଗ କରିବାର ଏକ ରଣନୀତିର ଅଂଶ। ଏହି ପ୍ରତିବନ୍ଧକ ପୂର୍ବରୁ ଚାପଗ୍ରସ୍ତ ବିଶ୍ୱ ଶକ୍ତି ବଜାରକୁ ଆହୁରି ଅସ୍ଥିର କରିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏବଂ ଯୋଗାଣ ବାଧା ଯୋଗୁଁ ତୈଳ ଏବଂ ଗ୍ୟାସ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

**ସଭାମଞ୍ଚରେ ଲୋକପ୍ରତିନିଧିଙ୍କୁ ଅଣଦେଖା ଓ ଅସମ୍ମାନ**

# ଉଦ୍‌ବେଗ ପ୍ରକାଶ କଲେ ରୋହିତ

ସମ୍ବଲପୁର,୨୫।୪(ସମିସ): ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଜେଏସଡବ୍ଲ୍ୟୁ ଗସ୍ତ କାର୍ଯ୍ୟକ୍ରମ ସଭାମଞ୍ଚରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଶ୍ଚିମାଞ୍ଚଳ ଓ ସମ୍ବଲପୁରର ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଅଣଦେଖା ଓ ଅସମ୍ମାନ କରାଯାଇଥିବା ଘଟଣା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ସମ୍ବଲପୁର ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ କରିଛନ୍ତି। ଏହି ଘଟଣାକୁ ନେଇ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି, ଏହା କେବଳ ଗୋଟିଏ କମ୍ପାନୀର ଘଟଣା ନୁହେଁ, ପଶ୍ଚିମାଞ୍ଚଳରେ ପ୍ରତିଷ୍ଠିତ ପ୍ରାୟ ସମସ୍ତ ବୃହତ୍ ଶିଳ୍ପାନୁଷ୍ଠାନମାନେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ଓ ଭୁବନେଶ୍ୱର କୈନ୍ଦ୍ରିକ କିଛି ନେତା ତଥା ପ୍ରଶାସନିକ ଅଧିକାରୀମାନଙ୍କୁ ଖୁସି କରି ବିଭିନ୍ନ ବେନିୟମ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଏହାର ପରିଣାମସ୍ୱରୂପ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଖଣି ଓ ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳତା ଦେଖାଯାଉଛି। ଜଙ୍ଗଲ ଓ ଜମି ଲୁଟ୍ ହେଉଛି। ବିଷାକ୍ତ ଜଳ ନଦୀ ଓ ନାଳରେ ଛାଡ଼ି ପାନୀୟ ଜଳକୁ ପ୍ରଦୂଷିତ କରାଯାଉଛି। ପ୍ଲାଣ୍ଟରୁ ନିର୍ଗତ ପାଉଁଶ ଓ ବର୍ଜ୍ୟବସ୍ତୁଗୁଡ଼ିକୁ ନିୟମିତ ଭାବେ ପକାଇ ମାଟିର ଉର୍ବରତା କ୍ଷୟ କରାଯାଉଛି ଓ ଚାଷ ଜମିକୁ ବିଷାକ୍ତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ତତ୍‌କାଳ ତଦନ୍ତ କରିବା ସହ ସ୍ଥାନୀୟ ଲୋକ ଓ ପ୍ରତିନିଧିମାନଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଶ୍ରୀ ପୂଜାରୀ ସରକାରଙ୍କୁ ଦାବି କରିଛନ୍ତି।

ଉପରୋକ୍ତ ସଭା ମଞ୍ଚରେ ଝାରସୁଗୁଡ଼ା ଓ ସମ୍ବଲପୁର ବିଧାୟକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ନ କରିବା ଏବଂ ସେମାନଙ୍କ ସହ ସ୍ଥାନୀୟ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭାଷଣ ରଖିବାକୁ ସୁଯୋଗ ନ ଦେବା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ସେ କହିଛନ୍ତି। କିନ୍ତୁ, ଅନ୍ୟପଟେ କମ୍ପାନୀ କର୍ତ୍ତୃପକ୍ଷ ମୁଖ୍ୟ ଶାସନ ସଚିବଙ୍କୁ ଭାଷଣ ଦେବା ପାଇଁ ଆମନ୍ତ୍ରିତ କରିଥିଲେ। ଏହା କମ୍ପାନୀ କର୍ତ୍ତୃପକ୍ଷଙ୍କ ଚାଟୁକାରିତାକୁ ଦର୍ଶାଉଛି। ସ୍ଥାନୀୟ ଜନପ୍ରତିନିଧିମାନଙ୍କ ମୁହଁ ବନ୍ଦ କରି ପଶ୍ଚିମ ଓଡ଼ିଶାର ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଏହା ଏକ ଚାଲ୍ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସେ କହିଛନ୍ତି। ତେଣୁ, ଦଳମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାବାସୀ, ଜନପ୍ରତିନିଧି ଓ ନେତୃତ୍ୱ ଏକ ହୋଇ ଏହି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାଧାରଣ ଜନତାଙ୍କୁ ଶୋଷଣରୁ ବଞ୍ଚିତ ଓ ନ୍ୟାୟ ପ୍ରଦାନ ଦାବିରେ ଆଗେଇ ଆସିବା ଦରକାର ବୋଲି ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି।

**ଇରାନ୍ ଯୁଦ୍ଧରେ ହରମୁଜ୍ ଗେଟ୍ ବନ୍ଦ**

# ପାନାମା ମାଲେମାଲ, ପ୍ରତି ଟ୍ୟାଙ୍କରରୁ ଅସୁଲ କରୁଛି ୩୭ କୋଟି

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଇରାନ-ଆମେରିକା/ଇସ୍ରାଏଲ ଯୁଦ୍ଧ ଯୋଗୁଁ ଭାରତ ସମେତ ବିଶ୍ୱର ଅନେକ ଦେଶ ଆର୍ଥିକ କଷ୍ଟର ସମ୍ମୁଖୀନ ହେଉଥିବାବେଳେ, ଗୋଟିଏ ଛୋଟ ଦେଶରେ ହେଉଛି ଟଙ୍କାର ବନ୍ୟା। ଏହି ଦେଶ ହେଉଛି ପାନାମା। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ହରମୁଜ୍ ପ୍ରଣାଳୀର ଅବରୋଧ ବିଶ୍ୱ ବାଣିଜ୍ୟର ଗତି ବଦଳିଯାଇଛି। ଏହି ବିଶ୍ୱ ସଙ୍କଟ ମଧ୍ୟରେ ପାନାମା ସରକାର ଯଥେଷ୍ଟ ଲାଭ କରୁଛନ୍ତି। ହରମୁଜ୍ ସଙ୍କଟରେ ପାନାମା ଏହାର ରୁଟ୍ ଦେଇ ଯାଉଥିବା ଜାହାଜ ଗୁଡିକଠାରୁ ଟ୍ୟାଙ୍କର ପିଛା ୩୭ କୋଟି ଟଙ୍କା ଅସୁଲ କରୁଛି।

ପ୍ରକୃତରେ, ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ୨୦% ହରମୁଜ୍ ପ୍ରଣାଳୀ ଦେଇ ଗତି କରେ। ଇରାନ ଏବଂ ଆମେରିକା ମଧ୍ୟରେ ସାମରିକ ସଂଘର୍ଷ ଯୋଗୁଁ ଏହି ପଥ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି। ଏପରି ପରିସ୍ଥିତିରେ, ପାନାମା କେନାଲ ହେଉଛି ଜାହାଜ କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ସବୁଠାରୁ ନିରାପଦ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ପଥ। ତେଲ ଏବଂ ଗ୍ୟାସ ବହନ କରୁଥିବା ଜାହାଜଗୁଡ଼ିକ କ୍ରମଶଃ ପାନାମା କେନାଲକୁ ଡାଇଭର୍ଟ ହେଉଛି, ଯାହା ଫଳରେ ଟ୍ରାଫିକ ରେକର୍ଡ ସ୍ତରରେ ପହଞ୍ଚିଛି। ପାନାମା କେନାଲ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଜାହାଜ କମ୍ପାନୀଗୁଡ଼ିକ ଏହି ରାସ୍ତା ଦେଇ ଶୀଘ୍ର ଯିବା ପାଇଁ ୪ ନିୟୁତ ଡଲାର (ପ୍ରାୟ ୩୭ କୋଟି ଟଙ୍କା) ପର୍ଯ୍ୟନ୍ତ ଅତିରିକ୍ତ ବିଡ୍ ଦାଖଲ କରିଛନ୍ତି।

ହର୍ମୁଜ୍ ପ୍ରଣାଳୀରେ ଅବରୋଧ ଯୋଗୁଁ ପାନାମା କେନାଲ ଦେଇ ଯିବା ପାଇଁ ଜାହାଜ ସଂଖ୍ୟା ଏତେ ବୃଦ୍ଧି ପାଇଛି ଯେ ସେଠାରେ ଏବେ ଜାହାଜଗୁଡିକ ଲାଗି ଅପେକ୍ଷା ସମୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ ଜାହାଜଗୁଡିକର ଯାତ୍ରା ଶୀଘ୍ର ସୁଗମ କରିବା ଲାଗି ନିଲାମର ଆଶ୍ରୟ ନେବାକୁ ପଡ଼ିଛି। ଏକ ଜାହାଜର ପରିବହନର ହାରାହାରି ମୂଲ୍ୟ ୩ଲକ୍ଷରୁ ୪ ଲକ୍ଷ ଡଲାର ମଧ୍ୟରେ ରହିଛି। ପୂର୍ବରୁ, କମ୍ପାନୀଗୁଡ଼ିକ ଶୀଘ୍ର ଯିବା ପାଇଁ ଦୁଇ ଲକ୍ଷ ଡଲାରରୁ ୩ ଲକ୍ଷ ଡଲାର ଅତିରିକ୍ତ ଅର୍ଥ ଦେଉଥିଲେ। ହେଲେ ଗତ କିଛି ସପ୍ତାହ ମଧ୍ୟରେ ଏହି ବାବଦରେ ହାରାହାରି ଅତିରିକ୍ତ ଖର୍ଚ୍ଚ ୪.୨୫ ଲକ୍ଷ ଡଲାରରେ ପହଞ୍ଚିଛି। ପାନାମା କେନାଲ ପ୍ରଶାସକ ରିକୋର୍ତେ ଭାସକେଜ୍ ପ୍ରକାଶ କରିଛନ୍ତି ଯେ ଏକ ଇନ୍ଧନ ଜାହାଜ ତାର ଗନ୍ତବ୍ୟସ୍ଥଳ ପରିବର୍ତ୍ତନ କରିବା ଏବଂ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଅତିରିକ୍ତ ୪୦ ନିୟୁତ ଡଲାର ବିଡ୍ କରିଥିଲା। ଜାହାଜଟି ୟୁରୋପ ଅଭିମୁଖେ ଯାଉଥିଲା, କିନ୍ତୁ ଇନ୍ଧନ ଅଭାବ ଯୋଗୁଁ ସିଙ୍ଗାପୁରକୁ ସ୍ଥାନାନ୍ତରିତ କରାଯାଇଥିଲା।

ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଯୋଗୁଁ, ହର୍ମୁଜ୍ ପ୍ରଣାଳୀ ଅତ୍ୟନ୍ତ ବିପଜ୍ଜନକ ହୋଇଯାଇଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଭୟରେ କମ୍ପାନୀଗୁଡ଼ିକ ପାନାମା କେନାଲକୁ ଏକ ସୁରକ୍ଷିତ ବିକଳ୍ପ ମାର୍ଗ ଭାବରେ ବିଚାର କରୁଛନ୍ତି। ପ୍ରସିଦ୍ଧ ପାନାମା ବିଶ୍ଲେଷକ ରୋଡ୍ରିଗୋ ନୋରିଗାଙ୍କ ଅନୁଯାୟୀ, ପାନାମା ସରକାର ଏହି ବିଶ୍ୱ ସଙ୍କଟରୁ ସର୍ବାଧିକ ଲାଭ ପାଇବାକୁ ଚେଷ୍ଟା କରୁଛି। ତଥାପି, ଏହା ବିଶ୍ୱ ଯୋଗାଣ ଶୃଙ୍ଖଳ ଉପରେ ଯଥେଷ୍ଟ ଚାପ ପକାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସଲାମାବାଦରେ ହାଇଡ୍ରାମା...

ପାକିସ୍ତାନ ପଠାଇଛନ୍ତି। ସେମାନେ ଯେକୌଣସି ମୁହୂର୍ତ୍ତରେ ଇସଲାମାବାଦରେ ଆସି ପହଞ୍ଚିବେ। ପ୍ରତିନିଧି ଦଳ ପଠାଇବା ପରେ ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଦାବିଗୁଡ଼ିକୁ ଇରାନ ଗ୍ରହଣ କରିବ ବୋଲି ସଙ୍କେତ ଦେଇଛି। ଏନେଇ ଇରାନ ନୂତନ ପ୍ରସ୍ତାବ ପ୍ରସ୍ତୁତ କରୁଛି। ତେବେ ଇରାନ କି ପ୍ରକାର ନୂଆ ପ୍ରସ୍ତାବ ଦେଉଛି ତାହା ଦେଖିବାକୁ ବାକି ଅଛି। ତେବେ ସେ ନିଜର ଦାବିରେ ଅଟଳ ରହିଛନ୍ତି। ତାଙ୍କ ଅନୁସାରେ, କୌଣସି ବି ଚୁକ୍ତି ପାଇଁ ଇରାନକୁ ନିଜର ୟୁରାନିୟମ ସମୃଦ୍ଧୀକରଣ ତ୍ୟାଗ କରିବାକୁ ହେବ। ଏହାସହ ହର୍ମୁଜ ପ୍ରଣାଳୀ ଦେଇ ମୁକ୍ତ ଭାବେ ତୈଳ ପରିବହନ ପାଇଁ ଅନୁମତି ଦେବାକୁ ପଡ଼ିବ। ଯେ ପର୍ଯ୍ୟନ୍ତ ଏକ ସନ୍ତୋଷଜନକ ଚୁକ୍ତି ନହୋଇଛି, ସେ ପର୍ଯ୍ୟନ୍ତ ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକା ସେନାର ସାମରିକ ଅବରୋଧ ଜାରି ରହିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ପକ୍ଷରୁ କି କି ପ୍ରସ୍ତାବ ଆଗତ ହେଉଛି ତାହାର ବିଚାର ପରେ ହିଁ ଅବରୋଧ ହଟାଇବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଇରାନର ବର୍ତ୍ତମାନର ନେତୃତ୍ୱକୁ ନେଇ ମଧ୍ୟ ଟ୍ରମ୍ପ ଚିନ୍ତା ପ୍ରକଟ କରିଛନ୍ତି। ଆମେରିକା ପ୍ରଶାସନର ବିଶ୍ୱାସ ଯେ ଇରାନର ଶାସନ ବ୍ୟବସ୍ଥା ବର୍ତ୍ତମାନ ବିଭାଜିତ ହୋଇ ରହିଛି। କାହା ସହିତ ଆଲୋଚନା ଚାଲିଛି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ ଯେ, ବର୍ତ୍ତମାନ ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ଆମେ ସେମାନଙ୍କ ସହ କଥାବାର୍ତ୍ତା କରୁଛୁ। କିନ୍ତୁ ସେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛନ୍ତି।

ଇତିମଧ୍ୟରେ ଖବର ମିଳିଛି ଆମେରିକା ପ୍ରତିନିଧି ଦଳର ଇସଲାମାବାଦ ଗସ୍ତକୁ ବାତିଲ କରିଛନ୍ତି ଟ୍ରମ୍ପ। ସେ କହିଛନ୍ତି, ପାକିସ୍ତାନରେ ଇରାନ ପ୍ରତିନିଧି ଦଳ ନଥିବାରୁ ସେଠାକୁ ଯିବାର କୌଣସି ମୂଲ୍ୟ ନାହିଁ। ତେବେ ଇରାନ ଯେତେବେଳେ ଚାହିବ ଆାମେରିକା ପ୍ରତିନିଧି ଦଳ ଇସଲାମାବାଦ ଯିବାକୁ ପ୍ରସ୍ତୁତ ଅଛି। କଥାବାର୍ତ୍ତା ଅଚଳାବସ୍ଥା ଯୋଗୁଁ ଇରାନ ଉପରେ ଆକ୍ରମଣର କୌଣସି ଯୋଜନା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ବର୍ତ୍ତମାନ ଏହି ଆଲୋଚନାରୁ ବର୍ତ୍ତମାନ ପାଇଁ ଦୂରେଇ ରହିଛନ୍ତି। ବର୍ତ୍ତମାନ ସେ ଆମେରିକାରେ ହିଁ ରହିଛନ୍ତି। ଇସଲାମାବାଦରେ ହେବାକୁ ଥିବା ଆଲୋଚନା ସଫଳତା ଆଡକୁ ଗତିକଲେ ସେ ତୁରନ୍ତ ପାକିସ୍ତାନ ଯାତ୍ରା କରିବେ ବୋଲି କୁହାଯାଇଛି। ଏହି ପ୍ରକ୍ରିୟାରେ ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଜାତୀୟ ସୁରକ୍ଷା ଦଳ ମଧ୍ୟ ସକ୍ରିୟ ଭାବେ ସଂପୃକ୍ତ ଅଛନ୍ତି। ଗତ ଏପ୍ରିଲ ୨୧ ରେ ହର୍ମୁଜ ପ୍ରଣାଳୀରୁ ନୌସେନା ଅବରୋଧ ହଟାଇବା ପ୍ରସଙ୍ଗରେ ଆଲୋଚନା ବନ୍ଦ ହୋଇଯାଇଥିଲା। ଇରାନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯୁଦ୍ଧ ସମାପ୍ତ କରିବା ଏବଂ ସେମାନଙ୍କ ସ୍ୱାର୍ଥ ରକ୍ଷା କରିବା ହିଁ ମୁଖ୍ୟ ପ୍ରସଙ୍ଗ ହେବ। ସେପଟେ ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନର ଅନୁରୋଧ କ୍ରମେ ଇରାନ ସହିତ ଅସ୍ତ୍ରବିରତି ସୀମାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଛନ୍ତି। ତଥାପି, ହର୍ମୁଜ ପ୍ରଣାଳୀର ଅବରୋଧ ହଟାଇବାକୁ ନେଇ ଦୁଇ ଦେଶ ମଧ୍ୟରେ ଏବେ ମଧ୍ୟ ମତଭେଦ ରହିଛି।

### ଦେଶରେ ଅଧିକ ବର୍ଷିବ...

ଥିବାବେଳେ ଓଡ଼ିଶାରେ ଏହା ୯୮ ପ୍ରତିଶତ ରହିପାରେ। ଜୁଲାଇରେ ବର୍ଷାର ପରିମାଣ ଭାରତରେ ବୃଦ୍ଧି ପାଇ ୧୦୪ ପ୍ରତିଶତ ରହିବାର ଅନୁମାନ କରାଯାଉଥିବା ବେଳେ ଓଡ଼ିଶାରେ ଏହା ୧୦୫ ପ୍ରତିଶତ ରହିବ। ସେହିପରି ଅଗଷ୍ଟରେ ଭାରତରେ ଏହା ୧୦୮ ପ୍ରତିଶତ ରହିବା ନେଇ ଆକଳନ ପ୍ରକାଶ ପାଇଥିବା ବେଳେ ଓଡ଼ିଶାରେ ୧୧୦ ପ୍ରତିଶତ ବର୍ଷା ହେବା ନେଇ ଆକଳନ କରାଯାଇଛି। ତେବେ ସେପ୍ଟେମ୍ବରରେ ଭାରତରେ ବର୍ଷାର ପରିମାଣ କମିବା ସହ ଏହା ୧୦୫ ପ୍ରତିଶତ ରହିବାର ସମ୍ଭାବନା ଥିବାବେଳେ ଓଡ଼ିଶାର ମଧ୍ୟ ହ୍ରାସ ପାଇ ୧୦୨ ପ୍ରତିଶତ ରହିବା ନେଇ ଆକଳନ କରିଛନ୍ତି ଡ. ପଶୁପାଳକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ। ମାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ବର୍ଷାର ପ୍ରକୋପ ବିଶେଷ କରି ଅଗଷ୍ଟ ମାସରେ ଅଧିକ ରହିପାରେ, କିନ୍ତୁ ମୋଟାମୋଟି ଭାବେ ଏହା ସ୍ୱାଭାବିକ ସୀମା ମଧ୍ୟରେ ରହିବାର ଆକଳନ କରାଯାଉଛି। ଡ. ପଶୁପାଳକଙ୍କ ଅନୁଯାୟୀ ବୈଶ୍ୱିକ ପାଣିପାଗ ଆକଳନକାରୀ ସଂସ୍ଥା ଅଥବା ମଡେଲ ଯଥା ଇସିଏମ୍‌ଡବ୍ଲ୍ୟୁଏଫ୍ ଏବଂ ଜିଏସଏଫ୍ ମୌସୁମୀର ଦ୍ୱିତୀୟାର୍ଦ୍ଧ (ଅଗଷ୍ଟ-ସେପ୍ଟେମ୍ବର) ଅଧିକ ବର୍ଷା ପ୍ରଦାନ କରିବ ବୋଲି ସହମତ ହେଉଛନ୍ତି। ଲା-ନିନା ଏବଂ ପଜିଟିଭ୍ ଆଇଓଡି(ଇଣ୍ଡିଆନ ଓସନ୍ ଡାଇପୋଲ)ର ମିଳିତ ପ୍ରଭାବ ଏହାର ମୁଖ୍ୟ କାରଣ ବୋଲି ସମସ୍ତେ କାରଣ ଭାବେ ଦର୍ଶାଉଛନ୍ତି। ତେବେ ଇସିଏମଡବ୍ଲ୍ୟୁଏଫ୍ ଅନୁଯାୟୀ ମୌସୁମୀର ଆଗମନ ସମୟରେ ବର୍ଷା ସ୍ୱାଭାବିକ ରହିବ। କିନ୍ତୁ ଜିଏଫଏସ୍ ମଡେଲ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭାରତରେ ସାମାନ୍ୟ ଅସ୍ଥିରତା ଦେଖାଦେଇପାରେ ବୋଲି ଡ. ପଶୁପାଳକ ମତପ୍ରକାଶ କରିଛନ୍ତି। ଅପରପକ୍ଷେ କୃଷି ଓ ପାଣିପାଗ ସତର୍କତା ନେଇ ଡ. ପଶୁପାଳକ ପୂର୍ବାନୁମାନ ଜାରି କରି କହିଛନ୍ତି, ଯଦିଓ ମୌସୁମୀ ପୂର୍ବାନୁମାନ ଭଲ ଅଛି; ତଥାପି ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଅବ୍ୟାହତ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ପର୍ଯ୍ୟନ୍ତ ପଶ୍ଚିମାଞ୍ଚଳରେ ତାପମାତ୍ରା ଅଧିକ ରହିବ। ଆସନ୍ତା ୨୬ ତାରିଖ ରାତିରୁ କାଳବୈଶାଖୀର ସମ୍ଭାବନା ବୃଦ୍ଧି ପାଇବ, ଯାହା ଚାଷୀମାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେବ ବୋଲି ସେ ଆକଳନ କରିଛନ୍ତି।

### ର୍‍ୟାଗିଂରେ ଲାଗୁନି...

ତଦନୁଯାୟୀ ୟୁଜିସି ପକ୍ଷରୁ ୨୦୦୯ ମସିହାରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରତି ଶିକ୍ଷାବର୍ଷ ପ୍ରାରମ୍ଭରେ ଏହାକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ କୁହାଯାଉଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ୭ଟି ପରାମର୍ଶ ସମ୍ବଳିତ ନିର୍ଦ୍ଦେଶନାମା ୨୦୧୩ ମସିହାରେ ଜାରି ହୋଇଛି। ନାମଲେଖା ସମୟରେ ଛାତ୍ରଛାତ୍ରୀମାନେ ର୍‍ୟାଗିଂରେ ସଂପୃକ୍ତ ରହିବେ ନାହିଁ ବୋଲି ସତ୍ୟପାଠ ଦାଖଲ କରିବେ। ର୍‍ୟାଗିଂରେ ସମ୍ପୃକ୍ତ ରହିଲେ ପୁଲିସ ଏହାକୁ ଅପରାଧିକ ମାମଲା ଭାବେ ବିଚାର କରି ତଦନ୍ତ କରିପାରିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ୩ରୁ ୪ଜଣ ବରିଷ୍ଠ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଆଣ୍ଟି ର୍‍ୟାଗିଂ କମିଟି ଗଠନ ହେବ। ଶିକ୍ଷାନୁଷ୍ଠାନରେ ଥିବା ହଷ୍ଟେଲରେ ବିଭିନ୍ନ ସମୟରେ ଅତର୍କିତ ଯାଞ୍ଚ କରି ସ୍ଥିତି ଅନୁଧ୍ୟାନ କରିବେ। ନବାଗତ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ସମୟରେ ମତାମତ ସଂଗ୍ରହ କରିବା ସହ ତାଙ୍କ ପାଇଁ ଅଲଗା ହଷ୍ଟେଲ ବ୍ୟବସ୍ଥା କରିବେ। ସେହି ହଷ୍ଟେଲକୁ ରାତି ୯ଟା ପରେ ବରିଷ୍ଠ ପିଲା ଯାଇ ପାରିବେ ନାହିଁ। ଶିକ୍ଷାନୁଷ୍ଠାନ, ହଷ୍ଟେଲ ଓ ସର୍ବସାଧାରଣ ଜାଗାରେ ସିସିଟିଭି ଲଗାଯିବ। ସେହିପରି ଜିଲ୍ଲା, ରାଜ୍ୟ ଓ ଉଚ୍ଚଶିକ୍ଷା ବିଭାଗ ସ୍ତରରେ ମଧ୍ୟ ଆଣ୍ଟି ର୍‍ୟାଗିଂ ସ୍କ୍ୱାଡ୍ ଗଠନ ହେବ। ଏହି ସ୍କ୍ୱାଡ୍ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ହଠାତ୍ ଗସ୍ତ କରି ସ୍ଥିତି ପରଖିବ। ର୍‍ୟାଗିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ସହ ଶିକ୍ଷାନୁଷ୍ଠାନର ମୁଖ୍ୟ, ଆଣ୍ଟି ର୍‍ୟାଗିଂ କମିଟି ସଦସ୍ୟଙ୍କ ଫୋନ୍ ନମ୍ବର, ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ଆଦି ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ। ସେହିପରି ବସ୍ ଷ୍ଟପ୍‌ରେ ମଧ୍ୟ ନିୟମିତ ଚେକିଂ କରିବାକୁ ନିୟମ ରହିଛି। ମାତ୍ର ନାମଲେଖା ସମୟରେ ସତ୍ୟପାଠ ସଂଗ୍ରହକୁ ବାଦ୍ ଦେଲେ ଅନ୍ୟ କୌଣସି ନିୟମକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଘଟଣା ବାରମ୍ବାର ଦେଖାଦେଉଥିବା ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

### ଝୁଲିପଡ଼ିଲେ ଦମ୍ପତି...

ଝିଅରେ ଗୋଟିଏ ପୁଅ। ଦୁର୍ଭାଗ୍ୟକୁ ୪ମାସ ତଳେ ଏକମାତ୍ର ପୁଅର ମୃତ୍ୟୁ ଘଟିଥିଲା। ପାଞ୍ଚ ଝିଅଙ୍କ ମଧ୍ୟରୁ ପୂର୍ବରୁ ଚାରି ଝିଅ ବିବାହ କରିସାରିଥିବା ବେଳେ ଗତ ୨୧ ତାରିଖରେ ସବା ସାନ ଝିଅର ବାହାଘର କରାଇଥିଲେ। ଏଥିପାଇଁ ସୀମାଞ୍ଚଳ ବହୁ ଲୋକଙ୍କଠାରୁ ଧାରକରଜ କରିଥିଲେ। ଗତ ଶୁକ୍ରବାର ରାତିରେ ସୀମାଞ୍ଚଳ ଓ ନମିତା ଖାଇପିଇ ଶୋଇବାକୁ ଯାଇଥିଲେ। କିନ୍ତୁ ସକାଳୁ ସେମାନେ ଘରୁ ନ ବାହାରିବାରୁ ସାହି ପଡ଼ିଶାଙ୍କ ସନ୍ଦେହ ହୋଇଥିଲା। କିଛି ପଡ଼ୋଶୀ ତାଙ୍କ ଘର କବାଟ ଖୋଲିବା ବେଳକୁ ଦମ୍ପତିଙ୍କ ଶବ ରଶିରେ ଝୁଲୁଥିଲା। ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଋଣଚାପ ଯୋଗୁଁ ଦମ୍ପତି ଆତ୍ମହତ୍ୟା କରିଥିବା କୁହାଯାଉଛି। ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁଙ୍କ ସହାୟତାରେ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

**ସରକାରୀ ଅର୍ଥ ଲୁଟ୍**

# ଭିଜିଲାନ୍ସ ଅଦାଲତରେ ୨ ଯନ୍ତ୍ରୀ ଦଣ୍ଡିତ

ସମ୍ବଲପୁର, ୨୫।୪ (ସମିସ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍‌ର ଦୁଇଜଣ ପୂର୍ବତନ ଯନ୍ତ୍ରୀ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶା ଭିଜିଲାନ୍ସ ଏକ ଦୁର୍ନୀତି ମାମଲାରେ ଆଜି ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍‌ର ଦୁଇଜଣ ପୂର୍ବତନ ଇଞ୍ଜିନିୟରଙ୍କୁ ଦୋଷୀ ସାବ୍ୟସ୍ତ କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ, ସଦାନନ୍ଦ ପ୍ରଧାନ, ପୂର୍ବତନ ସହକାରୀ ଇଞ୍ଜିନିୟର (ଅବସରପ୍ରାପ୍ତ), ମାନେଶ୍ୱର ବ୍ଲକ ଏବଂ ବିରଞ୍ଚି ନାରାୟଣ ଦାସ, ପୂର୍ବତନ ଜୁନିଅର ଇଞ୍ଜିନିୟର।

ସମ୍ପ୍ରତି ବିରଞ୍ଚି ନୟାଗଡ଼ ଜିଲ୍ଲା ଦଶପଲ୍ଲାସ୍ଥିତ ବୁଟାଙ୍ଗ ଜଳସେଚନ ପ୍ରକଳ୍ପରେ ସହକାରୀ ଇଞ୍ଜିନିୟର୍(ଏଇ) ଭାବେ କାର୍ଯ୍ୟରତ। ମାନେଶ୍ୱର ବ୍ଲକରେ ୨୦୦୮-୨୦୦୯ ମସିହାରେ ମନରେଗା ଯୋଜନାରେ ଏକ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଅଧିକ ମାପ ପୁନଃକୋଡିଂ କରି ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦଫା ୧୩(୨) ଆର୍/ଡବ୍ଲୁ ୧୩(୧)(ସି)(ଡି) ପିସି ଆକ୍ଟ ଏବଂ ୪୦୯/୪୬୮/୧୨୦-ବି ଆଇପିସିରେ ମାମଲା ରୁଜୁ ହୋଇଥିଲା। ଉଭୟ ଅଭିଯୁକ୍ତ ଶ୍ରୀ ଦାଶ ଏବଂ ଶ୍ରୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇଛି। ଅଦାଲତ ପ୍ରତ୍ୟେକ ଦୋଷୀଙ୍କୁ ୨ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ଏବେ ସଦାନନ୍ଦଙ୍କ ପେନସନ୍ ବନ୍ଦ କରିବା ଏବଂ ବିରଞ୍ଚିଙ୍କୁ ବହିଷ୍କାର କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ। ଭିଜିଲାନ୍ସ, ସମ୍ବଲପୁର ଡିଭିଜନ୍‌ର ପୂର୍ବତନ ଡିଏସପି ଦିଲ୍ଲୀପ କୁମାର କର ଏହି ମାମଲାର ତଦନ୍ତ କରିଥିଲେ ଏବଂ ସ୍ପେଶାଲ ପିପି ଶୋଭନ ଆନନ୍ଦ ଗୁରୁ ଏବଂ ଅତିରିକ୍ତ ପିପି, ଭିଜିଲାନ୍ସ, ସମ୍ବଲପୁର ଦେବାଶିଷ ପ୍ରସାଦ ଦାଶ ମିଳିତ ଭାବରେ ମାମଲା ପରିଚାଳନା କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବାଲେଶ୍ୱର,୨୫।୪(ସମିସ): ୨୦୨୪ ମସିହାରେ ସିମୁଳିଆ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରାଇବା ମାମଲାର ଆଜି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ପେଶାଲ ପକ୍ସୋ ଜଜ୍ ଇନ୍ଦ୍ରା ପ୍ରିୟଦର୍ଶିନୀ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ବରୁଆଁ ଅଞ୍ଚଳର କୃତିବାସ ବନ୍ଧକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ଦୁଷ୍କର୍ମକାରୀକୁ କୋର୍ଟ ୨୦ବର୍ଷ ଜେଲ୍ ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ଏହାଛଡ଼ା, ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ରାଇମୋହନ ପଟ୍ଟନାୟକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ ଏହି ଦୁଷ୍କର୍ମ ମାମଲା କୋର୍ଟରେ ବିଚାରାଧୀନ ଥିବା ସମୟରେ ପୀଡ଼ିତାଙ୍କ ମା'ଙ୍କ ମୃତ୍ୟୁ ହୋଇଯାଇଥିଲା।

**ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅଶାଳୀନ ବ୍ୟବହାର**

# ପ୍ରଧାନ ଶିକ୍ଷକ ନିଲମ୍ବିତ

ତେନ୍ତୁଳିଖୁଣ୍ଟି,୨୫।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳରେ ଥିବା ଏକ ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜଣେ ଅନ୍ତେବାସୀ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ଅଭିଯୋଗ ପରେ ଆଜି ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ପ୍ରଧାନଶିକ୍ଷକ ହେଲେ, ସୁକାନ୍ତ ଷଡ଼ଙ୍ଗୀ। ଅନ୍ତେବାସୀ ଛାତ୍ରୀଙ୍କ ପକ୍ଷରୁ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ଗତ ୧୫ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ଛାତ୍ରୀଙ୍କ ସହ ଅଶାଳୀନ ବ୍ୟବହାର କରିଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ଅଭିଯୋଗ କରିବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରିଥିଲେ। ଘଟଣାର ୧୦ ଦିନ ପରେ ଉକ୍ତ ଛାତ୍ରୀ ଏବଂ ତାଙ୍କ ପରିବାର ଶନିବାର ବିଜେଡି ନେତା ପ୍ରଦୀପ ମାଝୀଙ୍କୁ ଜଣାଇ ଥାନାର ଦ୍ୱାରସ୍ଥ ହେବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି ଜିଲ୍ଲାପାଳ। ପୀଡ଼ିତା ନବରଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ସ୍ଥାନାନ୍ତର ପରେ ତେନ୍ତୁଳିଖୁଣ୍ଟି ଥାନାରେ ନମ୍ବର ୮୧/୨୬ରେ ଏକ ମାମଲା ରୁଜୁ ହୋଇଛି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ୧୦ ଦିନ ପର୍ଯ୍ୟନ୍ତ ଜିଲ୍ଲା ମଙ୍ଗଳ ବିଭାଗ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେଇ ନିରବ ରହିଥିଲା, ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟର ଆଦିବାସୀ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀ ଥାଇ ଆଦିବାସୀ ଜିଲ୍ଲାର ଆଦିବାସୀ ଛାତ୍ରୀ ଏବଂ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା କହି ସରକାରଙ୍କୁ କଟାକ୍ଷ କରିଛନ୍ତି ବରିଷ୍ଠ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ। ଘଟଣାର ତଦନ୍ତ ପରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।


**NOTICE FOR LOSS OF DOCUMENTS**

Notice is hereby given from **Prakash Kumar Mallick** that, he has applied for loan to LIC HFL. But at present, he has lost the Original Link Documents i.e. **Sale Deed No. 1973, dtd. 23/03/1993,** which was kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**NOTICE FOR LOSS OF DOCUMENTS**

Notice is hereby given from **Suresh Chandra Biswal** that, he has applied for loan to LIC HFL. But at present, he has lost the Original Link Documents i.e. **Sale Deed No. 10231103429 dtd. 04/07/2011,** ROR of Khata No. 821/7622, Sale Deed No. 10232400061 **dtd. 03/01/2024** & ROR of Khata No. 821/7643, which were kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the documents will lose their legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**

**PANCHAYAT SAMITI OFFICE: BELPADA**

**Notice**

**No.1047 Date. 24.04.2026**

Sealed quotations are hereby invited from interested and eligible bidders for the purchase of old and damaged iron spare parts of tube-well of Belpada Block. The Quotation document is available in the office of B.D.O, Belpada. The details of the materials can be inspected at the office/store during working hours on any working day. The selling of the said spare parts shall be made on the basis of the highest rate per Kg of the iron materials inclusive of current CGST & SGST as applicable as per **Quotation Call notice No.1045 Dt.24.04.2026.** Interested bidders may submit their sealed quotations paper to this office on or before **dt 11.05.2026 by 5.00 P.M.** Quotations received after **dt.11.05.2026 time 5.00 P.M** will not be accepted. The authority reserves the right to accept or reject any firm/party or all quotation without assigning any reason thereof and no intimation will be given to the firm / Person in this regard.

**Block Development Officer,**
**Belpada**

**AFFIDAVIT**

By virtue of an affidavit sworn before Executive Magistrate, Rasulpur, S.L. No. 422, dated 08/04/2026, I **RANKANIDHI BARAL**, S/o Prahallad Baral resident of village At- Ambasara, PO: Hatibari, P.S: Sukinda, Dist: Jajpur, Pin- 755018, State- Odisha declare that I have changed my Son's name from **ANIMESHA BARALA (Old Name)** to **ARAVINDA ANIMESH (New Name)**. Henceforth, he shall be known as **ARAVINDA ANIMESH** for all future purposes.

Sd- **RANKANIDHI BARAL**

**AFFIDAVIT**

I, Md Tufail Ahmed, aged about 35 years, S/o- Md Yasin, resident of Near Tahsil Office, PO/PS: Bisra, Dist: Sundargarh, Odisha declared by this affidavit No. A/67, dtd- 24/04/2026 that now onwards I shall be known as **MD TUFAIL** for all future purposes.

**AFFIDAVIT**

I, Saleha Afreen, aged about 20 years, D/o- Mohammad Majid, resident of Jama Masjid Lane, PO: Rourkela-1, PS: Plantsite, Dist: Sundargarh, Odisha declared by this affidavit No. A/06, dtd- 23/04/2026 that now onwards I shall be known as **SALEHA AAFREEN** for all future purposes.

**AFFIDAVIT**

I, **Shaikh Mohmmed Idris,** aged about 43 years, S/o- Late Shaikh Mohammed Younus, resident of Ward No.19, Masjid Lane, Jharsuguda, PO/PS- Jharsuguda, Dist- Jharsuguda, PIN- 768201, Odisha declared by this affidavit CF No. 1421, dtd- 23/04/2026, I want to correct my father's name from **Younus Shaikh Mohammed** to **Shaikh Mohammed Younus** in my passport vide passport no. AN480759. Henceforth, I shall be known as **Shaikh Mohmmed Idris,** S/o Shaikh Mohammed Younus for all future purposes.

**ସତ୍ୟପାଠ**

ଏତଦ୍ୱାରା ମୁଁ ମହମ୍ମଦ କାଶିମ, ଜନ୍ମ ତାରିଖ- 01/01/1966, ପିତା- ମହମ୍ମଦ ହାକିମ, ସାଁ/ମୌଜା- [illegible], ଜିଲ୍ଲା- କଟକ, ପିନ୍ ନମ୍ବର- 754204, ଓଡ଼ିଶାର ଜଣେ ସ୍ଥାୟୀ ଅଧିବାସୀ ବୋଲି ଘୋଷଣା କରୁଛି। ମୋର [illegible] (7578 4017 0105) [illegible] ଆଦି ସମସ୍ତ ରେକର୍ଡ [illegible] (P 0069450) [illegible] ମହମ୍ମଦ କାଶିମ [illegible] ପିତା- ମହମ୍ମଦ ହାକିମ [illegible] ରହିବୁ।

ମହମ୍ମଦ କାଶିମ

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 24/04/2026, I, **Premamanjari Acharya**, W/o- Sribatsha Kumar Acharya, resident of At-Pandasahi (New Colony), Ward No- 02, PO/Ps/Dist- Deogarh, Pin- 768108, declare that I have changed my name from **Premalata Acharya** to **Premamanjari Acharya**. Henceforth, I shall be known as **Premamanjari Acharya** (New name) for all purposes.

**Premamanjari Acharya**

ସକାଳ THE SAKALA



www.sakalaepaper.com

## ବନବିଭାଗର ସାଂଘାତିକ ଖେଳ

# ଗୋଚର ଜମିରେ ହେଉଛି ଚାରାରୋପଣ

ନୟାଗଡ଼,୨୫।୪(ସମିସ)



ନୟାଗଡ଼ ବନାଞ୍ଚଳ ଅଧୀନରେ ଚାଲିଥିବା ଚାରାରୋପଣ କାର୍ଯ୍ୟରେ ନୀତିନିୟମକୁ ଖୋଲା ଉଲ୍ଲଙ୍ଘନ କରାଯାଉଛି। ବନ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଜାଣିଶୁଣି ଅନିୟମିତତା କରାଯାଉଛି। ନୟାଗଡ଼ ବନାଞ୍ଚଳ ନୟାଗଡ଼ ସେକ୍ସନ ଭାଟସାହି ବିଟ୍ ଅଞ୍ଚଳରେ ଚାଲିଥିବା ଚାରାରୋପଣ କାର୍ଯ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି। ନୂଆପଲ୍ଲୀ ମୌଜାରେ ଥିବା ଗୋଚର ଜମିରେ ଚାରାରୋପଣ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ବନବିଭାଗ ସ୍ଥାନୀୟ ଆରଆଇଙ୍କ ବାରଣକୁ ହେୟଜ୍ଞାନ କରୁଛି। ନୂଆଗାଁ ତହସିଲ ଦୁରୁଦରା ଆରଆଇ ଏହାକୁ ବାରଣ କରିବା ସହ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତଥାପି ବନବିଭାଗ ଜବରଦସ୍ତ ଚାରାରୋପଣ କରୁଥିବା ଅଭିଯୋଗ ହୋଇଛି।

ନୂଆପଲ୍ଲୀ ମୌଜାରେ ଖାତା ନଂ ୫୮ ପ୍ଲଟ ନଂ ୪୫୯ ରକ୍ଷିତ ଅନାବାଦି ଗୋଚର କସିମ ରହିଛି। ଏହି ପ୍ଲଟ ୩୨ ଏକର ୨୨ ଡିସିମିଲ ହୋଇଥିବା ବେଳେ ଏଠି ବନବିଭାଗ ଚାରାରୋପଣ କରିଛି। ନୟାଗଡ଼ ବନବିଭାଗ ପକ୍ଷରୁ ଏନେଇ କୌଣସି ସଠିକ ତଥ୍ୟ ପ୍ରଦାନ କରାଯାଉ ନ ଥିବା ବେଳେ ଏହା ଅର୍ବାନ୍ ପ୍ଲାଣ୍ଟେସନ୍ ବୋଲି ନୟାଗଡ଼ ବନାଞ୍ଚଳ ଅଧିକାରୀ କହୁଛନ୍ତି। କେଉଁଭଳି ଭାବେ ଗୋଚର ଜମିରେ ଚାରାରୋପଣ କରାଯାଉଛି, ସେ ନେଇ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। କେବଳ ଗ୍ରାମବାସୀ ରିଜୋଲ୍ୟୁସନ୍ କରି ଚାରାରୋପଣ କରିବାକୁ ପ୍ରସ୍ତାବ ଦେଇଥିବା ବନବିଭାଗ କହିଛି। ରକ୍ଷିତ ଅନାବାଦି ଗୋଚର ଜମିରେ କୌଣସି ସରକାରୀ କାର୍ଯ୍ୟ ହେବା ନିୟମ ବିରୁଦ୍ଧ ହୋଇଥିବା ବେଳେ ବନବିଭାଗ ଏହାକୁ ମାଡ଼ି ବସିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଉକ୍ତ ଜମିରେ ଗଛ ଲଗାଇବା ପାଇଁ ଗାତ ଖୋଳାଯିବା ସହ ଏହାର ସୁରକ୍ଷା ପାଇଁ ତାର ବାଡ଼ ବୁଲାଯାଉଛି। ଗୋଚର ଜମିରେ କୌଣସି କାର୍ଯ୍ୟ କରାଗଲେ ସ୍ଥାନୀୟ ଆରଆଇ ଅଡୁଆରେ ପଡ଼ିବା ସମ୍ଭାବନା ରହିଛି। ଏହାକୁ ନେଇ ସ୍ଥାନୀୟ ଆରଆଇ ଗତ ୨୩ ତାରିଖ ନୂଆଗାଁ ତହସିଲଦାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। କିନ୍ତୁ ଭାଟସାହି ବିଟ୍ ଦାୟିତ୍ୱରେ ଥିବା ବନରକ୍ଷୀ ସସ୍ମିତା ସେଠୀ କୌଣସି କଥାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଜବରଦସ୍ତ ଉକ୍ତ ଗୋଚର ଜମିରେ ଚାରାରୋପଣ କରୁଥିବା ଦେଖାଯାଇଛି। ଏ ନେଇ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନା ବେହେରାଙ୍କ ପ୍ରତିକ୍ରିୟା ନେବାରେ, ଘଟଣା ସମ୍ପର୍କରେ ସେ ଅବଗତ ନ ଥିବା କହିଛନ୍ତି। ଯଦି ଏଭଳି କୌଣସି ଅଭିଯୋଗ ଆସିଛି, ତେବେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

### ପ୍ରଚଣ୍ଡ ତାତି, ଜନଜୀବନ ଅସ୍ତବ୍ୟସ୍ତ

## ପାଣି ପାଇଁ ସବୁଠି ହାହାକାର

ଖଣ୍ଡପଡ଼ା,୨୫।୪(ସମିସ): ଗତ ୧୫ ଦିନ ଧରି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରକୋପ ଲାଗି ରହୁଥିବା ବେଳେ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ସକାଳ ୧୦ଟା ପରଠୁ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ପ୍ରତି ମୁହୂର୍ତ୍ତରେ ଘନଘନ ଅଘୋଷିତ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଅନ୍ୟପଟେ ଭୂତଳ ଜଳସ୍ତର ଉଦବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଥିବା ବେଳେ ଗ୍ରୀଷ୍ମ ପ୍ରକୋପରେ ବିଭିନ୍ନ ସ୍ଥାନରେ ଥିବା ଜଳଉତ୍ସଗୁଡ଼ିକ ଶୁଖିବାରେ ଲାଗିଛି। ସବୁଠି ପାଣି ଟୋପେ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ସଂରକ୍ଷିତ ଜଙ୍ଗଲ ଜମିରେ ପାଣି ଅଭାବ ଯୋଗୁଁ ବନ୍ୟଜନ୍ତୁ ଏବେ ଗାଁମୁହାଁ ହୋଇଥିବା ଅଭିଯୋଗ ହୋଇଛି। ଏ ଦିଗରେ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସାମ୍ପ୍ରତିକ ସ୍ଥିତିରେ ଗ୍ରୀଷ୍ମ ଦାଉ ସାଧୁଥିବା ବେଳେ ପ୍ରଶାସନର ବାରଣ ସତ୍ତ୍ୱେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଳମାଳ ମାଟି ଇଟାଭାଟି ପୋଡ଼ା ଚାଲିଛି। ଇଟାଭାଟି ଯୋଗୁଁ ଜଙ୍ଗଲ ସମ୍ପଦ ଧ୍ୱଂସ ହେବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ଇଟାଭାଟି ଯୋଗୁଁ ପରିବେଶ ଅଧିକ ଉତ୍ତପ୍ତ ହେଉଥିବା ବେଳେ ସେଥିରୁ ନିର୍ଗତ ନିଆଁ ଓ ଧୂଆଁ ପ୍ରଭାବରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଖଣ୍ଡପଡ଼ା ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ମାଟି ଇଟାଭାଟିଗୁଡ଼ିକ ତୁରନ୍ତ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ବେଆଇନ ଭାବେ ଚାଲିଥିବା ଇଟାଭାଟିଗୁଡ଼ିକ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କୁ ପଚାରିବାରେ ସେ ଏଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି।

## ଲୁଚାଛପାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ

### ● ପ୍ରାଣୀ ଚିକିତ୍ସାଧିକାରୀ ହଟହଟା



ନୟାଗଡ଼,୨୫।୪(ସମିସ): ନୟାଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅତ୍ୟନ୍ତ ଲୁକାୟିତ ଭାବେ ପାଳନ କରାଯାଉଥିଲା। ସେଠାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିବା ସୂଚନା ପାଇ ତାଙ୍କ ପ୍ରତିକ୍ରିୟା ଆଣିବା ପାଇଁ ଦୁଇ ସାମ୍ବାଦିକ ହଠାତ୍ ପହଞ୍ଚିଥିଲେ। ତେବେ ସାମ୍ବାଦିକଙ୍କୁ ଦେଖି ବିଭାଗୀୟ ଅଧିକାରୀମାନେ ହଡ଼ବଡ଼େଇ ଯାଇଥିଲେ। ସାମ୍ବାଦିକ ଦ୍ୱୟ ସିଡିଓଙ୍କଠାରୁ ବାଇଟ ଆଣିସାରିବା ପରେ ଜଣେ ଅଧିକାରୀ ଦୁଇ ସାମ୍ବାଦିକଙ୍କୁ ବଶୀଭୂତ କରିବାକୁ ଯାଇ ହଟହଟା ହୋଇଛନ୍ତି। ସାମ୍ବାଦିକଙ୍କୁ ଜୋରଜବରଦସ୍ତ ପ୍ରଭାବିତ କରିବାକୁ ଅଧିକାରୀ ଜଣଙ୍କ ଚେଷ୍ଟା କରିଥିଲେ। ଏ ନେଇ ଦୁଇ ସାମ୍ବାଦିକ କ୍ଷୋଭ ପ୍ରକାଶ କରିବା ସହ ଉକ୍ତ ଅଧିକାରୀଙ୍କୁ ଭଦ୍ର ଅପମାନ ଦେଇଥିବା ଜଣାପଡ଼ିଛି। ପ୍ରାଣୀ ସମ୍ପଦ ବିଭାଗ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉପସ୍ଥିତିରେ ଜଣେ ସହକାରୀ ଅଧିକାରୀ ଏଭଳି ଆଚରଣ ଦେଖାଇଛନ୍ତି। ଗଣମାଧ୍ୟମକୁ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ନ ଥିବା ବେଳେ ହଠାତ୍ ପହଞ୍ଚିଥିବା ସାମ୍ବାଦିକଙ୍କ ପ୍ରତି ବିଭାଗର ଏଭଳି ଆଚରଣକୁ ଦୃଢ଼ ନିନ୍ଦା କରାଯାଇଛି।

## ବିଶ୍ୱ ମେଲେରିଆ ଦିବସ ପାଳିତ



ନୟାଗଡ଼,୨୫।୪(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ମଧୁସ୍ମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ବନମାଳୀ ପ୍ରଧାନ, ଡିପିଏମ୍ ପ୍ରକାଶ ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଏବଂ ଅନ୍ୟ ବିଭାଗର ଅଧିକାରୀ ଏବଂ ଅଗ୍ରଦୂତ ନର୍ସିଂ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବୈଠକରେ ମେଲେରିଆ ରୋଗ ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ୨୦୧୬ ବର୍ଷ ଏହି ରୋଗର ପ୍ରକୋପ ଖୁବ ଅଧିକ ଥିଲା। ଜିଲ୍ଲାରେ ମଶାରୀର ବଣ୍ଟନ, ବର୍ଷକୁ ଦୁଇଥର ଦୁର୍ଗମ ଅଞ୍ଚଳରେ ଦମନ କାର୍ଯ୍ୟକ୍ରମ ଫଳରେ ରୋଗୀ ସଂଖ୍ୟା ହ୍ରାସ ପାଇଛି ଏବଂ ବର୍ତ୍ତମାନ ଜିଲ୍ଲାରେ ଏପିଆଇ ୧ରୁ କମ୍ ରହିଛି। ଜିଲ୍ଲାର ୯୭୦ ଜଣ ଆଶାକର୍ମୀ ଘର ଘର ବୁଲି ଆରଡିଟି ମାଧ୍ୟମରେ ଜ୍ୱର ରୋଗୀଙ୍କ ରକ୍ତ ପରୀକ୍ଷା ସହ ମଶାରୀ ବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ମ୍ୟାଲେରିଆକୁ ଶେଷ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ସମସ୍ତଙ୍କ ପ୍ରୟାସରେ ମ୍ୟାଲେରିଆକୁ ଦମନ କରାଯାଇପାରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

## କଣ୍ଟିଲୋ ପ୍ରିମିୟର ଲିଗ୍, ଶାଳଝରିଆ ଚାମ୍ପିଅନ

କଣ୍ଟିଲୋ,୨୫।୪(ସମିସ): କଣ୍ଟିଲୋ ଗଡ଼ିବଣିଆ ପଡ଼ିଆରେ ଚାଲିଥିବା ତୃତୀୟ କଣ୍ଟିଲୋ ପ୍ରିମିୟର ଲିଗ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ବାଣପୁର ଓ ଶାଳଝରିଆ ଦଳ ମଧ୍ୟରେ ଖେଳାଯାଇଥିଲା। ଶାଳଝରିଆ ଦଳ ୨୮ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ବାଣପୁର ଦଳ ଟସ ଜିତି ଫିଲ୍ଡିଂ କରିଥିଲା। ଶାଳଝରିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୧୭ ରନ କରିଥିବା ବେଳେ ଜବାବରେ ବାଣପୁର ଦଳ ୧୨ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିବାକୁ ସକ୍ଷମ ହୋଇଥିଲା। ଶାଳଝରିଆ ଦଳର ସଂଗ୍ରାମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମିଥୁନ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ତାପସ ଧାରାବିବରଣୀ ପ୍ରଦାନ କରିଥିଲେ। କଣ୍ଟିଲୋ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ ମୁଖ୍ୟଅତିଥି, କଣ୍ଟିଲୋ ଯୁବ ବିଜେଡି ସଭାପତି ସୁଜିତ କୁମାର ନିଶଙ୍କ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ।

### ● ସିଏମ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଶରଣକୁଳ ଓ ସୋଲପଟା ମଧ୍ୟରେ ମ୍ୟାଚ୍ ଅମୀମାଂସିତ

ନୟାଗଡ଼,୨୫।୪(ସମିସ): ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନ ଖେଳରେ ଶରଣକୁଳ ବାଳିକା ଦଳ ସୋଲପଟା ଦଳକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଏହି ଦୁଇ ଦଳ ଲିଗ୍ ପର୍ଯ୍ୟାୟରେ ପୁନଶ୍ଚ ପରସ୍ପରକୁ ଭେଟିବେ ବୋଲି ଜଣାପଡ଼ିଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ରେଫରୀ ବିଶ୍ୱଜିତ୍ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ପ୍ରକାଶ ବିଶ୍ୱାଳ, ପ୍ରତାପ ମୁଦୁଲି ଲାଇନରେ ସହଯୋଗ କରିଥିଲେ। ମ୍ୟାଚ୍ କମିସନର ଭାବେ କମରୁଦ୍ଦିନ ଖାଁ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଅଶେଷ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ଶନିଶ୍ଚର ଦେବଙ୍କ ପଞ୍ଚମ ବାର୍ଷିକ ଉତ୍ସବ

ଗଣିଆ,୨୫।୪(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଶ୍ରୀଶ୍ରୀ ଶନିଶ୍ଚର ଠାକୁରଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳୁ ଠାକୁରଙ୍କ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା କରାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଅପରାହ୍ନରେ ଦଶପଲ୍ଲା ବିଧାୟକ ରମେଶ ବେହେରା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚନ୍ଦନ ଯାତ୍ରାରେ ପଣା ବଣ୍ଟନ



କଣ୍ଟିଲୋ,୨୫।୪(ସମିସ): ନୀଳମାଧବଙ୍କ ଚନ୍ଦନ ଯାତ୍ରାର ୬ଷ୍ଠ ଦିବସରେ ଚାପଖେଳ ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳମାଧବ ପରିବାର ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୋଖରୀ ମଧ୍ୟରେ ସ୍ପ୍ରିଙ୍କଲର ପ୍ରୋଜେକ୍ଟ, ସାଜସଜ୍ଜା ଓ ଯାତ୍ରାରେ ସମସ୍ତ ସହଯୋଗ କରାଯିବା ସହ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଉଛି। ସଂଗଠନର ସେବା ମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ■ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

## ୪୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ



ରଣପୁର,୨୫।୪(ସମିସ): ରଣପୁର ପଞ୍ଚାୟତ ସମିତି ପରିସରରେ ବିଡିଓ ମନୋଜ କୁମାର ନାୟକଙ୍କ ଆବାହକତ୍ୱରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ପୁରୀ ସାଂସଦଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ବ୍ଲକ ସରପଞ୍ଚ ସଙ୍ଘ ସଭାପତି ବୃନ୍ଦାବନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ୪୩ ଅନ୍ତ୍ୟୋଦୟ ଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଏବଂ ୭ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନାମକୁ ମାତ୍ର ଚାଲିଛି ମୃତ୍ତିକା ସଂରକ୍ଷଣ ବିଭାଗ

### ନା ଅଛି ଅଫିସ୍, ନା ଅଛନ୍ତି ଅଫିସର୍

ଗଣିଆ,୨୫।୪(ସମିସ): ସରକାର ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏ ନେଇ ଓଡ଼ିଶା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି। ବିଭାଗର ୮ମ ବାର୍ଷିକ ଯୋଜନାରେ ୩ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟ ଯୋଜନା (ଷ୍ଟେଟ ପ୍ଲାନ)ରେ କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ସେଗୁଡ଼ିକ ହେଲା ସମନ୍ୱିତ ଜଳଛାୟା ଉନ୍ନୟନ ପ୍ରକଳ୍ପ (ଆଇଡବ୍ଲୁଏମ୍), ବର୍ଷା ହେଉଥିବା ଅଞ୍ଚଳ ପାଇଁ ଜାତୀୟ ଜଳ ଛାୟା ଉନ୍ନୟନ ପ୍ରକଳ୍ପ (ଏନ୍‌ଡବ୍ଲୁଡିପିଆର୍‌ଏ) ଏବଂ ଇଣ୍ଡୋ-ଡେନିସ୍ କମ୍ପ୍ରେହେନସିଭ୍ ୱାଟରଶେଡ୍ ଡେଭଲପମେଣ୍ଟ ପ୍ରକଳ୍ପ (ଆଇଡିସିଡବ୍ଲୁଡିପି)। ଜମିର ଅବକ୍ଷୟ ରୋକିବା ସାଙ୍ଗକୁ ପରିବେଶକୁ ଠିକ ରଖିବା ଏହାର ଲକ୍ଷ୍ୟ ଥିଲା। ଏଥିସହ ଆର୍ଦ୍ରତା ଧରି ରଖିବା କ୍ଷମତା ବୃଦ୍ଧି ସହ ମାଟିର ଉର୍ବରତା ଓ ଉତ୍ପାଦନ କ୍ଷମତା ବଢ଼ାଇବା ଆଦି ଉଦ୍ଦେଶ୍ୟ ଥିଲା। ମୃତ୍ତିକା ସଂରକ୍ଷଣ ଦ୍ୱାରା ଭୂତଳ ଜଳସ୍ତର ନିୟନ୍ତ୍ରଣ କରିବାକୁ ସ୍ଥିର କରାଯାଇଥିଲା। ଏନେଇ ଡ୍ରଟ୍ ପ୍ରୋନ୍ ଏରିଆ ପ୍ରୋଗ୍ରାମ (ଡିପିଏପି) ଏବଂ ଇଣ୍ଟିଗ୍ରେଟେଡ୍ ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମ (ଆଇଡବ୍ଲୁଡିପି) ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏମ୍ପ୍ଲୟମେଣ୍ଟ ଆସ୍ୟୁରାନ୍ସ ସ୍କିମ୍ (ଇଏଏସ୍) କାର୍ଯ୍ୟକାରୀ ହେଲା।

ମୋଟାମୋଟି ଜଳ ଅମଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିନ୍ତୁ ନୟାଗଡ ଜିଲ୍ଲାରେ ଏସବୁ କେବଳ ପ୍ରହସନରେ ପରିଣତ ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ବିଭାଗୀୟ କାର୍ଯ୍ୟ କ'ଣ ହେଉଛି ତାହା ବାରି ହେଉନାହିଁ। କାରଣ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ବିଲ୍ଡିଂ ନ ଥିବାବେଳେ ଅଫିସର ମଧ୍ୟ ନାହାନ୍ତି। ଗଣିଆ ବ୍ଲକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବ୍ଲକରେ ବିଭାଗୀୟ କାର୍ଯ୍ୟାଳୟ ନ ଥିବା ବେଳେ ଅଧିକାରୀ ମଧ୍ୟ ନାହାନ୍ତି। ନାମକୁ ମାତ୍ର କାଗଜପତ୍ରରେ ଚାଲିଛି ବିଭାଗ। ଏହାର ସ୍ଥାୟୀ ସମାଧାନ ପାଇଁ ସରକାରୀ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବାରୁ ଦିନକୁ ଦିନ ବ୍ଲକବାସୀ କ୍ଷତି ସହୁଛନ୍ତି। ୨୦୨୫-୨୬ ବର୍ଷରେ ଗଣିଆ

ବ୍ଲକକୁ ଆସିଥିବା ମନରେଗା ଯୋଜନାରେ ଫାର୍ମ ପଣ୍ଡ ଖୋଳା କାମ ସମ୍ପର୍କରେ ଗତ ୧୫ ତାରିଖ ସମିତି ବୈଠକରେ ଗଣିଆ ସମିତି ସଭ୍ୟ ପ୍ରଶ୍ନ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଏ ସମ୍ପର୍କରେ ଆଲୋଚନା ହୋଇପାରି ନ ଥିଲା। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସମିତି ବୈଠକକୁ ଯଦି ଅଧିକାରୀ ଆସୁନାହାନ୍ତି ତେବେ ବିଭାଗ କେମିତି ଚାଲିଛି ତାହା ସହଜରେ ଅନୁମେୟ।

## ରଘୁନାଥଜୀଉଙ୍କ ପୀଠରେ ସୀତାଙ୍କ ଜନ୍ମ ଦିବସ ପାଳିତ

ଓଡ଼ଗାଁ,୨୫।୪(ସମିସ): ନୟାଗଡ଼ ଜିଲ୍ଲାର ଅନ୍ୟତମ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ସ୍ୱର୍ଣ୍ଣ କଳସ କ୍ଷେତ୍ର ଭାବେ ପରିଚିତ ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଶନିବାର ପବିତ୍ର ବୈଶାଖ ଶୁକ୍ଳ ନବମୀ ତିଥିରେ ମା' ସୀତାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ଭୋର ସାଢ଼େ ୪ଟାରେ ଦ୍ୱାର ଫିଟାଯାଇ ସମସ୍ତ ନୀତି ପରେ ୫ଟାରେ ମଙ୍ଗଳ ଆଳତି, ପଞ୍ଚାମୃତ ସ୍ନାନ, ମହାସ୍ନାନ, ଅବକାଶ, ମଇଲମ, ତଡ଼ପଲାଗି, ଚନ୍ଦନଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଭଗବତଜୀଉ ପୂଜା ଓ ୭ଟାରେ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା।

ସକାଳ ୯ଟାରେ ଖେଚୁଡ଼ି ଧୂପ, କର୍ପୁର ଆଳତି, ମହାଆଳତି, ଚାମର ସେବା ପରେ ଗମ୍ଭିରା ଓ ୧୦ଟା ପରେ ଭୋଗ ମଣ୍ଡପରେ ଦେବୀଙ୍କ ଜନ୍ମ ବିଧାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ବିଜେ ପ୍ରତିମା ରତ୍ନବେଦିରୁ ଜନ୍ମ ମଣ୍ଡପକୁ ବିଜେ କରିଥିଲେ। ପ୍ରତିମାକୁ ଏକ ରୁପା ହାଣ୍ଡିରେ ରଖି ଅଟା, ପଞ୍ଚାମୃତ, ଗୁଡ଼, ମହୁ ଓ ଘିଅର ମିଶ୍ରଣରେ ନାଭି ପ୍ରସ୍ତୁତ କରାଯାଇ ପାଟବସ୍ତ୍ରରେ ଆଚ୍ଛାଦିତ କରାଯାଇଥିଲା। ପୁରୋହିତଙ୍କ ଜନ୍ମବିଧାନ ନୀତି ଅନୁସାରେ ରୁପା ଛୁରିରେ ନାଭି ଛେଦନ କରାଯାଇ ବିଜେ ପ୍ରତିମାଙ୍କୁ ସୂର୍ଯ୍ୟଦର୍ଶନ, ମହାସ୍ନାନ, ଷଷ୍ଠୀ ଦେବୀଙ୍କ ପୂଜା, ଷୋଡ଼ଶ ଉପଚାର ପୂଜା ଓ ଦୋଳିରେ ବସାଇ ବନ୍ଦାପନା (ଦୋଳିକା ଉତ୍ସବ) ସାରିବା ପରେ ରତ୍ନବେଦିକୁ ବିଜେ କରାଯାଇ ଅନ୍ନଧୂପ ଓ ଆଳତି ପରେ ପହୁଡ଼ ପଡ଼ିଥିଲା। ସୀତାଙ୍କ ଜନ୍ମ ବିଧାନ ଦେଖିବା ଲାଗି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାଳିଆ ପଣ୍ଡା, ପରିଚ୍ଛା ଓ ପରିଚାଳକଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦିତ ହୋଇଥିଲା।

### ପୌର ନିର୍ବାହୀ ଅଧିକାରୀଙ୍କ ମନମାନି ଘଟଣା

# ସିଡିଓଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ଜିଲ୍ଲାପାଳ

ନୟାଗଡ଼,୨୫।୪(ସମିସ)



ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମନମାନିକୁ ନେଇ ସହରବାସୀଙ୍କ ମଧ୍ୟରେ କ୍ଷୋଭ ଓ ଅସନ୍ତୋଷ ବଢ଼ିଛି। ଏଥିସହ କ୍ଷୁବ୍ଧ ହୋଇଛନ୍ତି ପୌରାଧ୍ୟକ୍ଷା ନିରୁପମା ଖଟେଇ। ନିରୁପମା ଶୁକ୍ରବାର ସମସ୍ତ କାଉନସିଲରଙ୍କ ସହ ଏ ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। ଶନିବାର ଏହି ଅଭିଯୋଗକୁ ନେଇ ଜିଲ୍ଲାପାଳ ମଧୁମିତା ରଥ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ଅଧ୍ୟକ୍ଷ ଲଗ୍ନଜିତ ରାଉତଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ନିର୍ବାହୀ ଅଧିକାରୀଙ୍କ ମନମାନିକୁ ନେଇ ବିକାଶ ମୂଳକ କାର୍ଯ୍ୟ ଠପ ହୋଇଥିବା ବେଳେ ପାରିଷଦ ବୈଠକର ରିଜୋଲ୍ୟୁସନ୍ କପି କାଉନସିଲରଙ୍କୁ ଦିଆଯାଉନାହିଁ। ପୌର ପରିଷଦ ପକ୍ଷରୁ ଗତ ଫେବୃଆରୀ ୨୭ ତାରିଖ ପାରିଷଦ ବୈଠକ ରିଜୋଲ୍ୟୁସନ୍ କପି କାଉନସିଲରଙ୍କୁ ପ୍ରଦାନ କରାଯାଇନାହିଁ। ଏଭଳି ସ୍ଥିତିରେ ଶୁକ୍ରବାର କାଉନସିଲ ବୈଠକ ଆହ୍ୱାନ କରାଯାଇଥିଲା। କାଉନସିଲରଙ୍କୁ ଗତ ବୈଠକ ବିଷୟରେ ଅନ୍ଧାରରେ ରଖି ପୁଣି ବୈଠକ ଡକାଯାଇଥିବା ବେଳେ ଅଧ୍ୟକ୍ଷା ବୈଠକ ବାତିଲ କରିଥିଲେ। ଏହାସହ ସମସ୍ତ କାଉନସିଲରଙ୍କୁ ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। ପୌର ପରିଷଦରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା କୋଟି କୋଟି ଟଙ୍କା ପଡ଼ିରହିଛି। ବିକାଶ କାର୍ଯ୍ୟ ଆଦୌ ସଠିକ ଭାବେ ଚାଲୁ ନ ଥିବା ବେଳେ ନିର୍ବାହୀ ଅଧିକାରୀ ବିଭିନ୍ନ ଫାଇଲ ଅଧ୍ୟକ୍ଷାଙ୍କ ପାଖକୁ ପଠାଉ ନ ଥିବା ଅଭିଯୋଗ ହୋଇଛି। ଏହାସହ ଅନେକ କାର୍ଯ୍ୟ ଟେଣ୍ଡର ହୋଇ ମଧ୍ୟ କରାଯାଉ ନ ଥିବାରୁ ଟେଣ୍ଡର ବାତିଲ କରି ନୂତନ ଠିକାସଂସ୍ଥା ଚୟନକୁ ଗୁରୁତ୍ୱ ଦିଆଯାଉନାହିଁ। ନୟାଗଡ଼ ସହରର ସିସିଟିଭି ବ୍ୟବସ୍ଥା, ଜିଲ୍ଲା ପାଠାଗାର ଅବ୍ୟବସ୍ଥା, ଆମ ପୋଖରୀ କାର୍ଯ୍ୟ କରିବା ପାଇଁ ଆଦୌ ଧ୍ୟାନ ଦିଆଯାଇନାହିଁ। ବଡ଼ଖାନା, ସ୍ୱଚ୍ଛ ଭାରତ ମିଶନ ଭଳି କାର୍ଯ୍ୟକ୍ରମ ନିଜେ ଆୟୋଜନ କରୁଥିବା ବେଳେ ପାରିଷଦଙ୍କୁ ଅବଗତ କରୁନାହାନ୍ତି। ଏପରିକି ନିର୍ବାହୀ ଅଧିକାରୀ ଆଦୌ ନୟାଗଡ଼ରେ ରହୁ ନ ଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି କାଉନସିଲରମାନେ।

ନିର୍ବାହୀ ଅଧିକାରୀ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରେ ଅଫିସ ଆସୁଥିବା ଏବଂ ଭୁବନେଶ୍ୱରରୁ ଯା'ଆସ କରୁଥିବା ଅଭିଯୋଗ ହୋଇଛି। ଏହାସହ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗର ଲମ୍ବା ଫର୍ଦ୍ଦକୁ ନେଇ ଜିଲ୍ଲା ପ୍ରଶାସନ ମଧ୍ୟ ଅଡୁଆରେ ପଡ଼ିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲ୍ଲାପାଳ ଶନିବାର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଚନ୍ତି।

ଏ ନେଇ ସିଡିଓଙ୍କ ପ୍ରତିକ୍ରିୟା ନେବାରେ କହିଲେ, ନିର୍ବାହୀ ଅଧିକାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଥିଲା। ଗତକାଲି କାଉନସିଲରମାନେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ତଦନ୍ତ ଦାୟିତ୍ୱ ଦେଇଥିବା କହିଛନ୍ତି।

● ପୁଣି ବେଣାପଞ୍ଜରୀ ଅଶାନ୍ତ

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ

**ଜଟଣୀ, ୨୫।୪ (ସମିସ):** ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମ ପୁଣି ଅଶାନ୍ତ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଖଣ୍ଡା ଓ ପଥରରେ ଛେଚି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଗୁରୁତର ଯୁବକଙ୍କ ପରିବାର ପକ୍ଷରୁ କୁହାଯାଇଥିବା ବେଳେ ଏନେଇ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ କୁହାଯାଇଛି । ଶନିବାର ପୂର୍ବାହ୍ନ ୧୦ଟା ସମୟରେ ବେଣାପଞ୍ଜରୀ ଗ୍ରାମର ମହମ୍ମଦ ସମସେର ଓରଫ ହମ ନିକଟସ୍ଥ ଏକ ରାସନ ଦୋକାନକୁ ଯାଇଥିବା ବେଳେ ସେଠାରେ କେତେକ ଯୁବକ ତାଙ୍କ ସହିତ କଥା ବାର୍ତ୍ତା ହୋଇଥିଲେ । ହମ ସେଠାରୁ ଘରକୁ ଫେରିବା ସମୟରେ ତାଙ୍କୁ ବାଟରେ ଅଟକାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡାରେ ଚୋଟ ପକାଇବାକୁ ଚେଷ୍ଟା କରିଥିଲେ । ତେବେ ହମ ଜୀବନ ବଞ୍ଚାଇବା ଲାଗି ହାତ ଦେଖାଇବା ସମୟରେ ହାତର ପାପୁଲି ରେ ଗୁରୁତର ଚୋଟ ବାଜିଥିଲା । ଫଳରେ ହମ ସେଠାରେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଦେଖି ଗୁରୁତର ଅବସ୍ଥାରେ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଏମ୍ସ କୁ ସ୍ଥାନାନ୍ତର କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି । ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇନଥିଲା । ଏହି ଘଟଣା ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଅନୁମାନ କରାଯାଇଛି।

# ଖୋର୍ଦ୍ଧାରେ ଅଗ୍ନିବର୍ଷା; ନାକେଦମ୍ କଲାଣି ଝାଞ୍ଜି, ସିଝୁଛି ଜିଲ୍ଲା

**ଖୋର୍ଦ୍ଧା,୨୫।୪(ସମିସ)**



ଗତ କିଛିଦିନ ହେବ ଖୋର୍ଦ୍ଧା ମାଟିରେ ଅଗ୍ନିବର୍ଷା ଜାରି ରହିଛି। ଅସହ୍ୟ ତାତିରେ ଜଳୁଛି ଜିଲ୍ଲା। ତାପମାତ୍ରା ବଢ଼ିବା ଦ୍ୱାରା ବିଭିନ୍ନ ପୋଖରୀ ଶୁଖିଲା ଦେଖାଯାଇଛି। କୂଅ ଗୁଡ଼ିକକୁ ଏବେଠାରୁ ଆଖି ପାଉନଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଂଟାଏ ମାରିଲ ଏକ ବାଲଟି ପାଣି ବାହାରିବା ଦେଖାଯାଇଛି। ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ର ଗୁଡ଼ିକ ସତେ ଯେମିତି ଦିନ ସାଢେ ୧୦ଟା ପରେ ଅଚଳ ହୋଇପଡୁଛି। ସହରର ପ୍ରମୁଖ ରାସ୍ତା ଉଭୟ ପାଶ୍ୱର୍ରେ ଗଛ ଦେଖିବା ସାତ ସପନ ପାଲଟିଥିବା ବେଳେ ଦିନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହେବା ଏକପ୍ରକାର ଦେଖାଯାଉଛି।

ସହର ଏବଂ ଗ୍ରାମାଂଚଳରେ ଯେମିତି ହୋଇଛି ଅଘୋଷିତ ଲକଡାଉନ। ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନ ଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସନ୍ଧ୍ୟା ସାଢେ ୭ଟା ବେଳକୁ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା ଦେଖାଯାଇଛି। ପାରଦ ପ୍ରାୟ ୪୦ ଡିଗ୍ରୀ ତଳକୁ ଖସିବା ନାଁ ଧରୁନଥିବା ବେଳେ ପ୍ରାୟ ସପ୍ତାହ ହେବ ସହରରେ ଜାରି ରହିଛି ଅଗ୍ନିବର୍ଷା। ପ୍ରଚଣ୍ଡ ତାତି ଏବଂ ପରିବେଶ ରକ୍ଷା ପାଇଁ ଶିଳ୍ପାଂଚଳରେ ନିୟମ ମୁତାବକ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ତ' ଦୂରର କଥା ବରଂ ଶିଳ୍ପପାଇଁ ବହୁ ଗଛ କଟାଯାଉଛି। ଯାହାଫଳରେ ଖୋର୍ଦ୍ଧା ସହରରେ ବେଳକୁ ବେଳ ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି। ଆଉ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହେଉଛି ସହର ଜନସଂଖ୍ୟା ବୃଦ୍ଧି। ରାଜଧାନୀ ଉପଖଣ୍ଡରେ ଏ ସହର ଅବସ୍ଥିତ ହୋଇଥିବାବେଳେ ରାଜଧାନୀ ବାସୀ ଏବେ ଖୋର୍ଦ୍ଧା ସହର ମୁହାଁ ହେବା ଦେଖାଯାଇଛି। ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହାନ, କଳକାରଖାନା ବଢିବାରେ ଲାଗିଛି। ଗମନାଗମନ କ୍ଷେତ୍ରରେ ସୁଧାର ଆଣିବାକୁ ଗତ ୭ବର୍ଷରେ ପାଖା ପାଖି ସହରର ପ୍ରମୁଖ ରାସ୍ତାର ପ୍ରଶକ୍ତିକରଣ କାର୍ଯ୍ୟ ପ୍ରଶାସନ ହାତକୁ ନେଇଛି। ରାସ୍ତା ଉନ୍ନୟନ ଆଳରେ ସେ ସବୁ ରାସ୍ତାଗଡ଼ରେ ଥିବା ବିରାଟକାୟ ଗଛ ଗୁଡ଼ିକ କାଟିଦିଆଯାଇଛି। କିନ୍ତୁ ଯେଉଁ ପରିମାଣ ବଡ ବଡ ଗଛ କଟା ଯାଇଛି ତାର କାଣିଚାଏ ଚାରା ରାସ୍ତାପାଶ୍ୱର୍ରେ ରୋପଣ ହେବା ଦେଖିବାକୁ ମିଳୁନି।କେବଳ ରାସ୍ତାର ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲାଗାଇ କାମ ସାରିଦେଇଛି। ଏହାର କୁପରିଣାମ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି।

ସେହିପରି ସହରର ବିଭିନ୍ନ ଗଳିଗନ୍ଦି ଗୁଡ଼ିକ କଂକ୍ରିଟ୍ ରାସ୍ତାରେ ପରିଣତ ହେଉଥିବା ବେଳେ ସକାଳ ସାଢେ ୮ଟା ପରେ ଏଥିରୁ ବାହାରୁ ଥିବା ତତଲା ବାଷ୍ପରୁ ଜନସାଧାରଣଙ୍କୁ ନିସ୍ତାର ମିଳୁନି। ସବୁଠାରୁ ବେଶୀ ଯନ୍ତ୍ରଣା ଦାୟକ ହେବାରେ ଲାଗିଛି ବିଦ୍ୟୁତ ବିଭାଗ ଅଘୋଷିତ ବିଦ୍ୟୁତ କାଟ। ବିଦ୍ୟୁତ କାଟ ନକରିବାକୁ ସରକାରଙ୍କ ନିର୍ଦ୍ଦେଶ ସତ୍ୱେ ଏହାକୁ ଖାତିର କରୁନି ବିଭାଗ। ଗ୍ରୀଷ୍ମର ଲହିରୀ ବଢିବା ଦିନ ଠାରୁ ମରାମତି ଆଳରେ ଦିନକୁ ୨ରୁ ୩ ଥର ହୁତୁହୁତ ଖରାରେ ବିଦ୍ୟୁତ୍ କାଟିବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ପ୍ରଚଣ୍ଡ ତାତିକୁ ଦେଖି ଅଶୁଂଘାତ ହେବା ଆଶଙ୍କାରେ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ନେଇ ବାହାବାହା ମାରୁଛି। ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ କେବଳ ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ସମବାୟ ବ୍ୟାଙ୍କ ଛକ, ଚଣ୍ଡିଚୁଆ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସହରର ପ୍ରମୁଖ ୬ଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। କିନ୍ତୁ ଗ୍ରାମାଂଚଳରେ ପଂଚାୟତରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଥିଲେ ମଧ କେଉଁଠାରେ ଏପର୍ଯ୍ୟନ୍ତ ଖୋଲିନଥିବା ଦେଖାଯାଇଛି। ଯାହା ଅଶୁଂଘାତର ପ୍ରତିକାର ଦିଗରେ ପ୍ରଶାସନ କେତେ ଆନ୍ତରିକତା ରହିଛି ତାହା ଜଳ ଜଳ ହୋଇ ଦିଶୁଛି। ଡହ ଡହ ଖରାରେ ଲୋକେ ପାଣି ବୋତଲ ଏବଂ ଆଖୁରସ ଉପରେ ଭରସା କରୁଛନ୍ତି। ନଚେତ ଲସି କିମ୍ବା ପଇଡ଼ରେ ନିଜ ତୃଷ୍ଣା ମେଂଟାଇବାକୁ ଉଚିତ ମନେ କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଗାଇଗୋରୁ ପାଣି ଟୋପାଏ ପାଇଁ ଡହକ ବିକଳ ହେଉଛନ୍ତି।

■ ସମ୍ପାଦକଙ୍କ ମୃତ୍ୟୁ ପରେ ଲେଣ୍ଢୁ ସମବାୟ ସମିତିରେ ଅଚଳାବସ୍ଥା

## ୨୩ ଦିନ ପରେ ତାଲା ଭାଙ୍ଗି ରେକର୍ଡ ଜବତ ପାଇଁ ନିର୍ଦ୍ଦେଶ

**ନିରାକାରପୁର, ୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଢୁ ସେବା ସମବାୟ ସମିତିରେ ଦୀର୍ଘ ୨୩ ଦିନ ହେବ ଅଚଳାବସ୍ଥା ଜାରି ରହିଛି। ସମିତିର ସମ୍ପାଦକ ସ୍ୱର୍ଗତ ଦେବବ୍ରତ ସାମନ୍ତରାୟ (ଦୀପୁ)ଙ୍କ ଗତ ୪ ତାରିଖରେ ଅକାଳ ବିୟୋଗ ପରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ସ୍ଥାନୀୟ ଚାଷୀ ଓ ପରିଚାଳନା ପରିଷଦ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପାଦକଙ୍କ ମୃତ୍ୟୁ ପରେ ଦୈନନ୍ଦିନ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ଖୋର୍ଦ୍ଧା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଚିଠି ସଂଖ୍ୟା ୬୭୪ (ତା-୧୫.୦୪.୨୦୨୬) ଜରିଆରେ ନିକଟସ୍ଥ ସୁନ୍ଦରପୁର ସମିତିର ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ତାଲା ଖୋଲାଯାଇ ରେକର୍ଡ ପତ୍ର ଜବତ କରିବାର କାର୍ଯ୍ୟକ୍ରମ ଥିଲା, ମାତ୍ର ସମିତି ସଭାପତି ଓ ପରିଚାଳନା କମିଟି ସଭ୍ୟଙ୍କ ଅନୁପସ୍ଥିତି ଯୋଗୁଁ ଏହା ସମ୍ଭବ ହୋଇପାରିନଥିଲା। ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ସହକାରୀ ନିବନ୍ଧକ ଏକ ନୂତନ ଅର୍ଡର (ନମ୍ବର ୭୭୧, ତା-୨୪.୦୪.୨୦୨୬) ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୨୭.୦୪.୨୦୨୬ ରିଖ ପୂର୍ବାହ୍ନ ୧୦:୩୦ ମିନିଟରେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଲେଣ୍ଢୁ ସମିତିର ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡ ଓ ସମ୍ପତ୍ତି ଜବତ କରାଯିବ। ଏଥିପାଇଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ମଧ ଅବଗତ କରାଯାଇଛି। ଏହି ୨୩ ଦିନର ଅଚଳାବସ୍ଥା ପାଇଁ ଦାୟୀ କିଏ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଟାଙ୍ଗୀ ବ୍ଲକ ପାଇଁ ଏରିଆ ଅଫିସର ଭାବେ ଜଣେ ଅଧିକାରୀ ଦାୟିତ୍ୱରେ ଥିବା ସତ୍ତ୍ୱେ ପରିଚାଳନା ପରିଷଦକୁ ଠିକ୍ ସମୟରେ ଚିଠି ପହଞ୍ଚାଇବାରେ ବିଭାଗ କାହିଁକି ବିଫଳ ହେଲା ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠୁଛି।୧୫ କିଲୋମିଟର ଦୂରରେ ଥିବା ସୁନ୍ଦରପୁର ସମିତି ସମ୍ପାଦକଙ୍କୁ କାହିଁକି ଦାୟିତ୍ୱ ଦିଆଗଲା? ନିକଟସ୍ଥ କାଶିପୁର-୨, ରାମେଶ୍ୱର କିମ୍ବା ନୂଆଗଡ ସମିତିକୁ କାହିଁକି ବିଚାରକୁ ନିଆଗଲା ନାହିଁ ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠିଥିବାବେଳେ ସହକାରୀ ନିବନ୍ଧକଙ୍କ କହିବା ଅନୁଯାୟୀ, କାଶିପୁର-୨ ସମିତି ସମ୍ପାଦକଙ୍କ ବିରୋଧରେ କୋର୍ଟ କେସ୍ ଚାଲିଥିବା ବେଳେ ରାମେଶ୍ୱର ଓ ନୂଆଗଡ ସମିତିର ସମ୍ପାଦକମାନେ ନୂଆ ହୋଇଥିବାରୁ, ଅଭିଜ୍ଞତା ଭିତ୍ତିରେ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।ଦୀର୍ଘ ଦିନ ଧରି ସମିତି ବନ୍ଦ ରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଯଦି ଆସନ୍ତା ୨୭ ତାରିଖରେ ସମସ୍ୟାର ସମାଧାନ ନ ହୁଏ, ତେବେ ଚାଷୀମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି।

## ଚିଲିକା ପୁସ୍ତକ ମେଳାର ଶୁଭାରମ୍ଭ




**ବାଲୁଗାଁ,୨୫।୪(ସମିସ) :** ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ପ୍ରଥମ ଥର ପାଇଁ ଚିଲିକା ପୁସ୍ତକ ମେଳା-୨୦୨୬ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଆଡମ୍ବର ସହ ଶୁକ୍ରବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଯାଇଛି। ଚଳିତ ଏପ୍ରିଲ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଚାଲିବାକୁ ଥିବା ଏହି ପୁସ୍ତକ ମେଳାକୁ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି। ଉକ୍ତ ପୁସ୍ତକ ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାର ୮୦ଟି ପୁସ୍ତକ ଷ୍ଟଲ ଖୋଲା ଯାଇଥିବା ବେଳେ ଚିଲିକା ପୁସ୍ତକ ମେଳା କମିଟିର ସଭାପତି ଶରତ ପାଇକାରୟଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନ ସମାରୋହରେ ମନ୍ତ୍ରୀଙ୍କ ସହ ପୂର୍ବତନ ସାଂସଦ ତଥା କିଟ କିସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ, ବିଶ୍ୱମୁକ୍ତିର ସମ୍ପାଦକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂ, ଏନଏସି ନଗରପାଳ ମିଟୁ ନାୟକ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା ଓ ଦୁଷ୍ମନ୍ତ ହରିଚନ୍ଦନ ଯୋଗଦେଇ ପୁସ୍ତକ ପଠନ ଓ ପୁସ୍ତକ କ୍ରୟ ଏକ ବିକଶିତ ଜାତିର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଡକ୍ଟର ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଚାଳନ କରିଥିବା ବେଳେ ପୁସ୍ତକ ମେଳା କମିଟି ସମ୍ପାଦକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧାପକ ଡକ୍ଟର ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ଐତିହାସିକ ତତ୍ତ୍ୱ ଓ ପଦ୍ଧତି ପୁସ୍ତକ ଏବଂ ଗବେଷକ ମଦନ ମୋହନ ମହାପାତ୍ରଙ୍କ ସମ୍ପାଦିତ ବାଇକଣ୍ଟିଆ ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରିଥିଲେ। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁସ୍ତକ ମେଳା କମିଟି ଉପସଭାପତି ଅଧାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବାଳମୁକୁନ୍ଦ ଦାସ, ସନ୍ତୋଷ ବଳିୟାରସିଂହ, ସନ୍ତୋଷ ପାଇକରାୟ, ଅମ୍ବିକା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଖୋର୍ଦ୍ଧା,୨୫।୪(ସମିସ):** ପିତାପଲ୍ଲୀ-ତରତୁଆ ନୂଆ ରାସ୍ତାରେ ଚାଲିକି ଯାଉଥିବାବେଳେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୁରୁଜଙ୍ଗ ଟାଙ୍ଗୀସାହି ର ଚନ୍ଦ୍ରମୋହନ ସାହୁ (୫୯) । ପୁଲିସ ସୂଚନା ଅନୁସାରେ, ଚନ୍ଦ୍ରମୋହନ ରାୟଗଡା ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ଘରକୁ ବସ ଯୋଗେ ଆସିଥିବାବେଳେ ପିତାପଲ୍ଲୀ ଛକରେ ଓହ୍ଲାଇ ନୂଆ ରାସ୍ତାରେ ଘର ଅଭିମୁଖେ ଚାଲିକି ଆସୁଥିଲେ। ଏହିସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ଦେବାଶିଷ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଶିଳ୍ପାଂଚଳ ପୁଲିସ ୧୦୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସ୍କୁଲ ଛାତରୁ ପଡ଼ି ଶ୍ରମିକ ମୃତ

**ଜଟଣୀ, ୨୫।୪ (ସମିସ):** ଜଟଣୀ ଥାନା ଅନ୍ତର୍ଗତ ରାଜା ବଜାର ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ ଛାତରୁ ପଡି ଜଣେ ଶ୍ରମିକର ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଜଣକ ହେଉଛନ୍ତି ଅଶ୍ୱିନୀ କୁମାର ମହାନ୍ତି । ଜଟଣୀ ରାଜା ବଜାର ଠାରେ ଥିବା ଏକ ଘରୋଇ ଇଂରାଜୀ ମାଧମିକ ସ୍କୁଲ ଛାତ ଉପରେ ପାଇପ କାମ କରୁଥିବା ସମୟରେ ହଠାତ ଛାତରୁ ପଡି ଅଶ୍ୱିନୀ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ହସ୍ପିଟାଲ ନେଇଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିପୁଟ ମାଟିଆପଡା ବରପଦା ଗ୍ରାମର ଅଶ୍ୱିନୀ କୁମାର ମହାନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ନିଆ ଯାଇଛି। ଘଟଣା ସ୍ଥଳରେ ଜଟଣୀ ପୋଲିସ ପହଁଚି ତଦନ୍ତ ଜାରି ରଖିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସରକାର ସମସ୍ତ ଶ୍ରମିକ ମାନଙ୍କୁ ଦୀନ ୧୧ ଟାରୁ ମଧାହ୍ନ ୩ ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ୱେ କିଭଳି ଘରୋଇ ଶିକ୍ଷାନୁଷ୍ଠାନ ଶ୍ରମିକ ମାନଙ୍କୁ ନେଇ ଉଚ୍ଚ କୋଠା ରେ କାର୍ଯ୍ୟ କରାଉଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ରାଉନ୍‌ସୁଗର ଜବତ; ଦୁଇ ଗିରଫ

**ଖୋର୍ଦ୍ଧା,୨୫।୪(ସମିସ):** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସିଆଳିଆ ଖେଳ ପଡ଼ିଆ ନିକଟରୁ ପୁଲିସ ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ବଣିଆଟାଙ୍ଗିର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ(୩୫) ଓ ଚନ୍ଦକା ଥାନା କୁଚିମହୁଲ ର ଅଭିଜିତ ପାତ୍ର ଓରଫ୍ ଆକାଶ (୨୦)। ସେମାନଙ୍କ ଠାରୁ ପୁଲିସ ୨୩.୦୭ ଗ୍ରାମ ବ୍ରାଉନ୍‌ସୁଗର ସମେତ ଦୁଇଟି ବାଇକ୍ ଓ ଦୁଇଟି ଫୋନ କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ୩୦ହଜାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ବାସୁଦେବ ଜୟସିଂ ସୂଚନା ଦେଇଛନ୍ତି। ବ୍ରାଉନସୁଗର ବେପାର ଅଭିଯୋଗରେ ୧୮୪/୨୬ରେ ନଂ ମାମଲା ରେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏହି ଚଢଉରେ ଏସ୍‌ଆଇ ଦାସଙ୍କ ସମେତ ଏଏସ୍‌ଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନେଷ୍ଟବଳ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଟଶାଣୀ, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ବେଆଇନ ଗୋରୁ ଗାଡ଼ି ଜବତ: ୧୪ ଉଦ୍ଧାର, ୨ ମୃତ

**ନିରାକାରପୁର,୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅଞ୍ଚଳରେ ପୁଣି ଏକ ବେଆଇନ ଗୋରୁ ଚାଲାଣ ରାକେଟର ପର୍ଦ୍ଦାଫାସ ହୋଇଛି। ଅତି ଅମାନୁଷିକ ଭାବେ ଗୋରୁ ବୋଝେଇ କରି ନିଆଯାଉଥିବା ଏକ ପିକଅପ୍ ଭ୍ୟାନକୁ ଜଂକିଆ ପୁଲିସ ଜବତ କରିବା ସହ ୧୪ଟି ଜୀବନ୍ତ ଗୋରୁଙ୍କୁ ଉଦ୍ଧାର କରିଛି। କିଛି ବଜରଙ୍ଗ ଦଳ କର୍ମୀଙ୍କ ଠାରୁ ଖବର ପାଇ ଜଂକିଆ ପୋଲିସ ଚଢ଼ାଉ କରିଥିଲା। ଗୋରୁ ବୋଝେଇ ଗାଡ଼ିଟି ଛଣଗିରି ପଟୁ କମାଗୁରୁ ଦେଇ ବଡ଼ପୋଖରିଆ ବାଟେ ଜାତୀୟ ରାଜପଥକୁ ଉଠିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ପୁଲିସ ଗାଡ଼ିକୁ ଆଜି ଭୋରୁ କାବୁ କରିବା ମାତ୍ରେ ଡ୍ରାଇଭର ସମେତ ଚାଲାଣରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନେ ସୁଯୋଗ ନେଇ ଖସି ପଳାଇବାରେ ସଫଳ ହୋଇଥିଲେ। ପୁଲିସ ଗାଡ଼ିଟିକୁ ଯାଞ୍ଚ କରିବା ପରେ ସେଥିରୁ ସମୁଦାୟ ୧୬ଟି ଗୋରୁ ଜବତ କରିଥିଲେ। ତେବେ ଗାଡ଼ି ଭିତରେ ଗୋରୁମାନଙ୍କୁ ଏଭଳି ଅମାନୁଷିକ ଭାବେ ବନ୍ଧାଯାଇଥିଲା ଯେ, ସେଥିମଧ୍ୟରୁ ୨ଟି ଗୋରୁଙ୍କର ମୃତ୍ୟୁ ହୋଇସାରିଥିଲା। ଅନ୍ୟ ୧୪ଟି ଜୀବନ୍ତ ଗୋରୁଙ୍କୁ ପୋଲିସ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ୧୪ଟି ଜୀବନ୍ତ ଗୋରୁଙ୍କୁ ଚିକିତ୍ସା ଓ ରକ୍ଷଣାବେକ୍ଷଣ ପାଇଁ ବାଲୁଗାଁ ନିକଟସ୍ଥ ଏକ ଗୋଶାଳାରେ ଛଡ଼ାଯାଇଛି।

● ଅସୁରକ୍ଷିତ ଜୟଦେବ ପୀଠ

## ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ଲୋଡ଼ିଲେ ସାଧୁସନ୍ଥ



**ଖୋର୍ଦ୍ଧା,୨୫।୪(ସମିସ):** ବାଲିଅନ୍ତା ବ୍ଲକ କେନ୍ଦୁବିଲ୍ୱ ଜୟଦେବଙ୍କ ପୀଠ ଅସମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ପବିତ୍ର ପୀଠରେ କେତେଜଣ ଅସାଧୁ ବ୍ୟବସାୟୀ ଅପେରା ଯାତ୍ରା ପାର୍ଟି ପକାଇ ଅଶ୍ଳୀଳ ନୃତ୍ୟ ପରିବେଷଣ କରି ଜୟଦେବଙ୍କ ଏହି ପବିତ୍ର ପୀଠକୁ ଅପମାନିତ କରୁଛନ୍ତି। ଏହି ପୀଠର ଗାରିମା, ସମ୍ମାନ ଦୃଷ୍ଟିରୁ ଏହାକୁ ଅସମାଜିକ ତତ୍ୱଙ୍କ ଠାରୁ ମୁକ୍ତ ପାଇଁ ସାଧୁସନ୍ଥମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପୀଠର ସୁରକ୍ଷା ଓ ପୀଠ ପରିସରରେ ଚାଲିଥିବା ଅପେରା ପାର୍ଟିକୁ ବନ୍ଦ କରିବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟଦେବଙ୍କ ଏହି ପବିତ୍ର ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ ଶ୍ରଦ୍ଧାଳୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ମାତ୍ର ଅସମାଜିକଙ୍କ ବ୍ୟକ୍ତିଙ୍କ ଆଡ୍ଡା ଯୋଗୁ ଭକ୍ତ ମାନେ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ସୁରକ୍ଷା ଦୃଷ୍ଟିରୁ ଜିଲାପାଳଙ୍କୁ ନିବେଦନ କରିବା ସହ ଏହାର ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି। ଏହା ଉପରେ ପୁଲିସ କମିଶନରେଟଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ: କଟକ ଜିଲ୍ଲା ମହିଳା ଦଳ ବିଜୟୀ

**ଖୋର୍ଦ୍ଧା,୨୫।୪(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ



ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଆଜିର ମ୍ୟାଚ୍ ରେ କଟକ ଜିଲ୍ଲା ମହିଳା ଦଳ ଜଗତସିଂପୁର ଜିଲ୍ଲା ମହିଳା ଦଳ କୁ ୧୯୨ରନ୍ ରେ ପରାସ୍ତ କରି ବିଜୟୀ ହୋଇଛି। କଟକ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୫ୱିକେଟ୍ ହରାଇ ୨୪୩ରନ୍ କରିଥିଲା। ଦଳ ପକ୍ଷରୁ ମୋନାଲିସା ରାଉତ ୬୮ଟି ବଲ୍‌ରୁ ଅପରାଜିତ ୧୩୯ରନ୍ କରିଥିବାବେଳେ ଅନନ୍ୟା ବେହେରା ଓ ଜୟେସ ନାଏକ ପ୍ରତ୍ୟେକ ୨୩ରନ୍ କରିଥିଲେ। ଜଗତସିଂପୁରର ସାଇ ସ୍ମୃତି ବର୍ଦ୍ଧନ ୩ଟି ୱିକେଟ ନେଇଥିଲେ। ଜବାବ ରେ ଜଗତସିଂପୁର ଦଳ ୨୦ ଓଭର ରେ ୮ଟି ୱିକେଟ୍ ହରାଇ ମାତ୍ର ୫୧ ରନ୍ କରି ୧୯୨ରନ୍ ରେ ପରାସ୍ତ ହୋଇଥିଲେ। କଟକ ଦଳ ପକ୍ଷରୁ ଜାହ୍ନବୀ ଷଡ଼ଙ୍ଗୀ ୩ଟି ଓ ଭବାନୀ ଧଡା ୨ଟି ୱିକେଟ ଅକ୍ତିଆର କରିଥିଲେ। ଅତିଥି ଭାବେ ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଂଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବାବେଳେ ଅମ୍ପାୟର ରୂପେ ଚିନ୍ମୟ ପଣ୍ଡା, ସ୍ମିଥ୍ ଦଳେଇ ଓ ସ୍କୋରର ଭାବେ ଉମେଶ ମିଶ୍ର କାର୍ଯ୍ୟ କରିଥିଲେ।

## ବ୍ରାଉନ୍‌ସୁଗର ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ବେଗୁନିଆ,୨୫।୪(ସମିସ):** ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ବସ ରହଣୀ ସ୍ଥଳ ନିକଟରୁ ଶନିବାର ଦିନ ପୂର୍ବାହ୍ନରେ ବ୍ରାଉନ ସୁଗର ବ୍ୟବସାୟ କରିବା ପାଇଁ ଅପେକ୍ଷା କରିଥିବା ବେଳେ ପୁଲିସ କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଥିଲା। ଏଥିରେ ୧୩.୭ ଗ୍ରାମ ବ୍ରାଉନ ସୁଗର ଓ ଗୋଟିଏ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ସାମନ୍ତରାପୁର ଗ୍ରାମର ସଦାଶିବ ନାୟକ ଓରଫ ସିଲୁ (୨୫)।

## ଟେକା ମାଡ଼ରେ ବାଳକର ମୁଣ୍ଡ ଫାଟିଲା

**ନିରାକାରପୁର, ୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାଉଳହଜ ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବାଳକଙ୍କୁ ଟେକା ମାଡ଼ ହୋଇଥିବା ବେଳେ ଏଥିରେ ବାଳକ ଜଣକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆଜି ସକାଳୁ ରାଉଳହଜ ଅଞ୍ଚଳର ଜଣେ ବାଳକ ନିକଟସ୍ଥ ପଡ଼ିଆରେ ଶୌଚ ପାଇଁ ବସିଥିଲେ। ସେହି ସମୟରେ ପଡ଼ୋଶୀ ଅଞ୍ଚଳରେ ରହୁଥିବା ଜଣେ ଯୁବକ ଏହାକୁ ଦେଖି ହଠାତ୍ ଉତ୍‌କ୍ଷିପ୍ତ ହୋଇ ବାଳକଙ୍କୁ ଲକ୍ଷ୍ୟ କରି ଟେକା ମାଡ଼ କରିଥିଲେ। ଟେକାଟି ବାଳକର ମୁଣ୍ଡରେ ବାଜିବାରୁ ତାଙ୍କ ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥା ହୋଇଥିଲା। ପରିବାର ଲୋକେ ଏହା ଦେଖି ତୁରନ୍ତ ବାଳକକୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ନିରାକାରପୁର ଥାନାରେ ଅଭିଯୋଗ କରାଯାଇଛି।

## ଅଣମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତକୁ ବିରୋଧ

**ବାଲୁଗାଁ, ୨୫।୪(ସମିସ) :** ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନା ମାଧ୍ୟମରେ ମତ୍ସ୍ୟଜୀବୀ ଆବେଦନ କରିବା ପରେ ମତ୍ସ୍ୟଜୀବୀଙ୍କୁ ସଠିକ ଚିହ୍ନଟ କରି ଡ଼ଙ୍ଗା, ମେସିନ ଓ ଜାଲ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା ରହିଛି। ତେବେ ବାଲୁଗାଁ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚଞ୍ଚକତା କରି ଅଣ ମତ୍ସ୍ୟଜୀବୀ ମାନେ ଆବେଦନ କରୁଥିବାରୁ ଏହାକୁ ମତ୍ସ୍ୟଜୀବୀ ସଂଘ ବିରୋଧ କରି ଏକ ଦାବି ପତ୍ର ବାଲୁଗାଁ ମତ୍ସ୍ୟ ଅଧିକାରୀ ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ ଜିଲ୍ଲା ମତ୍ସ୍ୟବିଭାଗ ବାଲୁଗାଁ ଖୋର୍ଦ୍ଧାଙ୍କ ଅଧିନରେ ୧୪୭ ଗ୍ରାମର ୨ଶହ ମତ୍ସ୍ୟଜୀବୀ ସମବାୟ ସମିତିକୁ ନେଇ ୩ ଲକ୍ଷ ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରି ଆସୁଛନ୍ତି। ଚିଲିକାରେ ବିଭିନ୍ନ ବାହାଣ ସରଞ୍ଜାମ ହେଲା ଡ଼ଙ୍ଗା, ମେସିନ ଓ ଜାଲ ଆଦି ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାର ଅନୁବନ୍ଧିତ ସମସ୍ତ ସରକାରୀ ସୁବିଧା ଉପଲବ୍ଧ ରହିଛି। ହେଲେ ଦୁଃଖ ଓ ପରିତାପର ବିଷୟ ମତ୍ସ୍ୟ କଲ୍ୟାଣ ଯୋଜନାରେ ଅଣ ମତ୍ସ୍ୟଜୀବୀ ଆବେଦନ କରି ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ପକାଇ ସମସ୍ତ ସୁବିଧା ହଡପ କରିବା ଦ୍ୱାରା ବହୁ ନିରୀହ ପାରମ୍ପରିକ



ମତ୍ସ୍ୟଜୀବୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା କିଛି ଅସାଧୁ ଦଲାଲ, ବିଭାଗୀୟ ଅଧିକାରୀ, ଡ଼ଙ୍ଗା ଠିକାଦାର ଭିତିରିଆ ସଲା ସୁତାରରେ ହଡପ କରୁଛନ୍ତି। ଏହାର ଆବେଦନ ଏପ୍ରିଲ ୧ ତାରିଖରେ ଆରମ୍ଭ ହୋଇଥିବା ବେଳେ କେତେକ ଅଣ ମତ୍ସ୍ୟଜୀବୀ ଦଲାଲଙ୍କ ଜରିଆରେ ମାର୍ଚ୍ଚ ମାସ ୩୧ ରାତ୍ର ୧୨ ଘଟିକା ପରେ ଗୋ ସୁଗମ ଅନଲାଇନରେ ଆବେଦନ କରିବା ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଏହି ନିୟମ ପୂର୍ବ ସରକାର ସମୟରେ ଚାଲିଥିବା ବେଳେ ଏହାକୁ ମତ୍ସ୍ୟଜୀବୀ ସଙ୍ଘ ଦୃଢ଼ ବିରୋଧ କରି ଆସୁଥିବା ବେଳେ ବର୍ତ୍ତମାନ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ବିଜୟ ଲକ୍ଷ୍ମୀ ବାଲାଙ୍କ ସମେତ କାଶୀନାଥ ବେହେରା, ନବକିଶୋର ବେହେରା, ନାରାୟଣ ବେହେରା, ବାବୁ ବାହାନ ବେହେରା, ମାଗୁଣି ବେହେରା, ଗଜେନ୍ଦ୍ର ବେହେରା ସୁରେନ୍ଦ୍ର ବେହେରା, ରୂପକ ବେହେରା ଓ ସୁରଥ ବେହେରା ପ୍ରମୁଖ ସମସ୍ତ ଚିଲିକା ଅଞ୍ଚଳର ପାରମ୍ପରିକ ହିତାଧିକାରୀ ମତ୍ସ୍ୟଜୀବୀ ନେତୃତ୍ୱ ମଣ୍ଡଳୀ ସାମିଲ ହୋଇ ବାଲୁଗାଁ ମତ୍ସ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହାର କୌଣସି ପ୍ରତିକାର କରା ନଯାଏ ମତ୍ସ୍ୟଜୀବୀ ସଙ୍ଘ ଆଗାମୀ ଦିନରେ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ, ଏଥିଲାଗି କୌଣସି ଅସୁବିଧା ହୁଏ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ବିଭାଗ ମନ୍ତ୍ରୀ ଓ ପ୍ରଶାସନକୁ ମଧ ଅବଗତ କରାଯାଇଅଛି। ବାଲୁଗାଁ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସଙ୍କୁ ପଚାରିବାରେ ସେ କହିଥିଲେ ଯେ, ଅଣ ମତ୍ସ୍ୟଜୀବୀ ହେଲେ ମଧ ଚିଲିକାରେ ମତ୍ସ୍ୟ ବ୍ୟବସାୟ ଓ ମାଛ ଚାଷ କରୁଛନ୍ତି। ସେମାନେ ମଧ ଏହି ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବାରେ ଅସୁବିଧା ନାହିଁ।

ସକାଳ
THE SAKALA



## ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ଘଟଣାରେ ନୂଆ ମୋଡ଼

# ଝିଆରୀର ପ୍ରେମ ସମ୍ପର୍କ ଓ ଈର୍ଷାରୁ ହତ୍ୟାକାଣ୍ଡ!

ବ୍ରହ୍ମପୁର, ୨୫।୪ (ସମିସ): ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ନୂଆ ମୋଡ଼। ସମ୍ପତ୍ତି ଭାଗବଣ୍ଟା ପାଇଁ ନୁହେଁ, ବରଂ ଝିଆରୀର ପ୍ରେମ ସମ୍ପର୍କ ଓ ଈର୍ଷା ଭଳି ଦୁଇଟି କାରଣରୁ ହତ୍ୟାକାଣ୍ଡ ହୋଇଥିବା କୁହାଯାଉଛି। ଏଭଳି ପୃଥକ୍ ପୃଥକ୍ ବୟାନ ଦେଇଛନ୍ତି ମୃତକ ସୁଧୀର ପାତ୍ରଙ୍କ ବାପା ନୀଳମଣି ପାତ୍ର ଓ ସୁଧୀରଙ୍କ ଝିଅ। ଉଭୟଙ୍କ ବୟାନରେ ତାଳମେଳ ରହୁନଥିବା ବେଳେ ପୁଲିସ ଅଡୁଆରେ ପଡ଼ିଛି। ସେପଟେ ଘଟଣାର କାରଣ ଖୋଜିବାକୁ ଯାଇ ତଥା ଅଧିକ ଖୋଳତାଡ଼ କରିବା ପାଇଁ ଗିରଫ ୯ ଜଣଙ୍କ ମଧ୍ୟରୁ ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ପୁଲିସ ଜେରା କରୁଛି। ରିମାଣ୍ଡରେ ନେଇଥିବା ଅଭିଯୁକ୍ତଙ୍କୁ ସାଙ୍ଗରେ ନେଇ କ୍ରାଇମ ସିନ୍-ରିକ୍ରିଏସନ୍ କରିବା ପାଇଁ ପୁଲିସ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ କାଳୁଚରଣ ପ୍ରଧାନଙ୍କ ସହ ମୃତ ସୁଧୀରଙ୍କ ଝିଆରି ନିବେଦିତାଙ୍କ ପ୍ରେମ ସଂପର୍କ ଥିଲା। ନିବେଦିତାଙ୍କ ବାପା ମନୋଜ କୁମାର ପାତ୍ରଙ୍କ ମୃତ୍ୟୁ ପରେ ଏହି ସଂପର୍କ ପଦାକୁ ଆସିଥିଲା। କାଳୁଙ୍କୁ ସେ ଜୀବନସାଥୀ କରିବେ ବୋଲି ସୁଧୀରଙ୍କୁ ଜଣାଇଥିଲେ। କିନ୍ତୁ ସୁଧୀର ଏହି ପ୍ରସ୍ତାବରେ ରାଜି ନ ହୋଇ ଜଣେ ଡାକ୍ତରଙ୍କ ସହ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ନିବେଦିତାଙ୍କ ବାପା ମନୋଜ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପରେ ବିବାହ କରିବା ପାଇଁ ନିବେଦିତାକୁ କହିଥିଲେ ସୁଧୀର। କିନ୍ତୁ, ସୁଧୀରଙ୍କ ପ୍ରସ୍ତାବରେ ରାଜି ନହୋଇ କାଳୁଙ୍କୁ ବିବାହ କରିବା ପାଇଁ ନିବେଦିତା ଜିଦ୍ ଧରିବା ସହିତ ଅଭିମାନ କରିଥିଲେ। ସୁଧୀର ହତ୍ୟାକାଣ୍ଡର ଏହା କାରଣ ହୋଇଥାଇପାରେ ବୋଲି ସୁଧୀରଙ୍କ ବାପା ନୀଳମଣି ପାତ୍ର ପୁଲିସକୁ କହିଛନ୍ତି।

- ଜେଜେ ବାପା ଓ ନାତୁଣୀଙ୍କ କଥାରେ ରହୁନି ତାଳମେଳ; ଅଡୁଆରେ ପୁଲିସ
- ୩ ଦିନିଆ ରିମାଣ୍ଡରେ ୫ ଅଭିଯୁକ୍ତ

ସେପଟେ, ମୃତ ସୁଧୀରଙ୍କ ଝିଅ କହିଛନ୍ତି ଯେ ସମ୍ପତ୍ତି ଭାଗବଣ୍ଟା କିମ୍ବା ପ୍ରେମ ସମ୍ପର୍କ ନୁହେଁ, ବରଂ ଈର୍ଷା ଯୋଗୁଁ ବାପାଙ୍କୁ ଅମାନୁଷିକ ଭାବେ ଅପହରଣ କରି ହତ୍ୟା କରାଯାଇଛି। ନିବେଦିତାଙ୍କ ପ୍ରେମ ସମ୍ପର୍କରେ ସୁଧୀର ପ୍ରତିବନ୍ଧକ ନଥିଲେ। ନିବେଦିତାର ପସନ୍ଦରେ ସୁଧୀର ସହମତି ପ୍ରକାଶ କରିଥିଲେ। କିନ୍ତୁ ବଡ଼ବାପା ଅର୍ଥାତ୍ ମନୋଜଙ୍କ ଦେହାନ୍ତ ପରେ ତାଙ୍କ ପରିବାର ସଦସ୍ୟମାନେ ଈର୍ଷାନ୍ୱିତ ହୋଇ ସୁଧୀର ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ଏହାର ପରିଣାମ ବାପାଙ୍କୁ ଭୋଗିବାକୁ ପଡ଼ିଲା ବୋଲି ସେ କହିଛନ୍ତି।

ସୁଧୀରଙ୍କ ମୃତ୍ୟୁର କାରଣକୁ ନେଇ ଉଭୟ ଜେଜେବାପା ଓ ନାତୁଣୀଙ୍କ ବୟାନରେ ତାଳମେଳ ରହୁନଥିବା ବେଳେ ଏହାକୁ ନେଇ ପୁଲିସ ଅଡୁଆରେ ପଡ଼ିଛି। ଅପରପକ୍ଷେ, ଏହି ଘଟଣାରେ ଅଧିକ ଖୋଳତାଡ଼ ପାଇଁ ଆଜି ୫ ଅଭିଯୁକ୍ତ ସୂର୍ଯ୍ୟପ୍ରତାପ ସିଂ, ନାରାୟଣ ପ୍ରଧାନ, କାଳୁଚରଣ ପ୍ରଧାନ, ଜିତୁନ ପଲେଇ ଓ ଆଶିଷ ମହାପାତ୍ରଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ଜେରା କରିଛି।

କଡ଼ା ସୁରକ୍ଷାବଳୟ ମଧ୍ୟରେ ୫ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ୍‌ରୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନିବେଦିତାଙ୍କ ପ୍ରେମିକ କାଳୁ ସୁଧୀରଙ୍କୁ ଅପହରଣ ପାଇଁ ସମସ୍ତ ଯୋଜନା କରିବା ସହ ନାମୀଦାମୀ ଗୁଣ୍ଡା ଓ ସାର୍ପ ସୁଟରଙ୍କୁ ସୁପାରୀ ଦେଇ ନିୟୋଜିତ କରିଥିଲେ। ଅଭିଯୁକ୍ତ ସୂର୍ଯ୍ୟ ପ୍ରତାପ ସିଂ, ନାରାୟଣ ପ୍ରଧାନ, କାଳୁଚରଣ ପ୍ରଧାନ, ଜିତୁନ ପଲେଇ ଓ ଆଶିଷ ମହାପାତ୍ର ଗୋପାଳପୁର ଥାନା ଅନ୍ତର୍ଗତ ବଣଗାଁ ନିକଟରେ ଗତ ୧୫ ତାରିଖ ଅପରାହ୍ଣରେ ସୁଧୀରଙ୍କୁ ଅପହରଣ କରିଥିଲେ।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୮୦୦ ଟଙ୍କା ଦାବି କଲା ବିଜୁ ଶ୍ରମିକ ସାମ୍ମୁଖ୍ୟ

ଭୁବନେଶ୍ୱର,୨୫।୪(ସମିସ): ରାଜ୍ୟରେ ବର୍ତ୍ତମାନ ସର୍ବନିମ୍ନ ଦୈନିକ ମଜୁରି ୪୭୬ ଟଙ୍କା ଥିବାବେଳେ ଏହାକୁ ୮୦୦ ଟଙ୍କା କରାଯିବାକୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ଦାବି କରିଛି। ସେହିପରି ଖାଲି ପଡ଼ିଥିବା ପଦବୀ ପୂରଣ, ଯଥାଶୀଘ୍ର ଶ୍ରମିକ କଲ୍ୟାଣ ବୋଡର୍ ଅଧ୍ୟକ୍ଷ ନିଯୁକ୍ତି ସହ ରାଜ୍ୟରେ ଶ୍ରମିକଙ୍କ କଲ୍ୟାଣ ପାଇଁ ସାମ୍ମୁଖ୍ୟ ପକ୍ଷରୁ ୫ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

### ଶୀଘ୍ର ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି

ଶନିବାର ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ଶ୍ରମ ବିଭାଗ ତଳଠାରୁ ଉପର ପର୍ଯ୍ୟନ୍ତ କ୍ରିୟାଶୀଳ ହୋଇପାରୁନାହିଁ। ଅଫିସର ଓ କର୍ମଚାରୀଙ୍କ ସଂଖ୍ୟା କମିବାରେ ଲାଗିଛି। ଯାହାଫଳରେ ସେମାନଙ୍କ ମଧ୍ୟରେ କାମକରିବାର ଆଗ୍ରହ ପରିଲିକ୍ଷିତ ହେଉନାହିଁ ଓ ଜନକଲ୍ୟାଣକାରୀ ଯୋଜନାଗୁଡିକ କାର୍ଯ୍ୟକାରୀ ହୋଇ ପାରୁନାହିଁ। ନିର୍ମାଣ ଶ୍ରମିକ କାଲ୍ୟାଣ ପାଇଁ ଯେଉଁ ଯୋଜନାଗୁଡିକ କାର୍ଯ୍ୟକାରୀ ହୋଇଆସୁଥିଲା, ତାହା ବର୍ତ୍ତମାନ ବନ୍ଦ ହୋଇ ଯାଇଛି ବୋଲି କହିଲେ ଭୁଲ୍ ହେବନାହିଁ। ସେସ୍ ଆଦାୟ ମଧ ମନ୍ଥର ହୋଇଯାଇଛି। ମୃତ୍ୟୁ ରାଶି, ବିଭାଗର ସହାୟତା ଓ ଶିକ୍ଷା ସହାୟତା କାର୍ଯ୍ୟକାରୀ ହେବାରେ ବହୁ ବିଳମ୍ବ ପରିଲିକ୍ଷିତ ହେଉଅଛି। ଖୁବଶୀଘ୍ର ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତି କରିବା ସଂଗେ ସଂଗେ ପ୍ରତି ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମୀକ୍ଷା କରାଯାଇ ଖାଲି ପଡିଥିବା ପଦବୀଗୁଡିକୁ ପୂରଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସେହିପରି ପ୍ରତ୍ୟେକ ବ୍ଲକ ସ୍ତରରେ ଶ୍ରମ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅଫିସ ଖୋଲିବା ଓ ଜଣେ ଦକ୍ଷ ଅଫିସର ଏବଂ କର୍ମଚାରୀ ଯୋଗାଇ ଦେବା ସଂଗେ ସଂଗେ ଆବଶକ ଉପକରଣ ଯୋଗାଇ ଦେବାକୁ ସାମ୍ମୁଖ୍ୟ ଦାବି କରିଛି। ସେହିପରି ପରିବହନ ଶ୍ରମିକମାନଙ୍କ ପାଇଁ ଗଠିତ ହୋଇଥିବା କଲ୍ୟାଣ ବୋର୍ଡ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଛି। ଏହାକୁ ପୁନର୍ଗଠନ କରାଯାଇ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉ। ରାଜ୍ୟରେ ପାଖାପାଖି ୩୦ ଲକ୍ଷ ଟ୍ରକ୍, ବସ୍, କାର୍, ଟାଟା ମାଜିକ, ଟ୍ୟାକ୍ସି, ଅଟୋ ଚାଳକ ପରିବହନ ବିଭାଗକୁ କ୍ରିୟାଶୀଳ କରି ବିକାଶ ଧାରାକୁ ଆଗକୁ ନେଉଛନ୍ତି। ସେମାନଙ୍କ ପାଇଁ ଗାଡି ରେଜିଷ୍ଟ୍ରେସନ ସମୟରେ ୧ ପ୍ରତିଶତ ସେସ୍ ଆଦାୟ କରାଯାଉ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟୟବରାଦ




କରି, ଗାଡି ଚାଳକମାନଙ୍କ ପାଇଁ ୧୦ ଲକ୍ଷ ମୃତ୍ୟୁ କାଳୀନ ସହାୟତା ଏବଂ ସହରାଞ୍ଚଳରେ ବାସଗୃହ ଯୋଗାଇଦେବାର ଯୋଜନା କରାଯାଉ ବୋଲି ସାମ୍ମୁଖ୍ୟ ଦାବି କରିଛି। ଏଥିସହ୧୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବିଭିନ୍ନ ସ୍କିମ ୱାର୍କର୍ସ ଯଥା ଅଙ୍ଗନବାଡ଼ି, ଆଶା କର୍ମୀ, ପାଚିକା,ଏମ୍‌ବିକେ, ସିଆର୍‌ପି, କୃଷି ମିତ୍ର, ପାଣି ମିତ୍ର ବ୍ୟାଙ୍କ ମିତ୍ର, ଏଲଏସପିଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ସାମ୍ମୁଖ୍ୟ ସଭାପତି ପ୍ରଫୁଲ୍ଲ ସାମଲ, ଉପସଭାପତି ନବ କିଶୋର ମହାନ୍ତି, ମହାସଚିବ ସୁବାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ହତ୍ୟା ଘଟଣାର ସାକ୍ଷୀଙ୍କୁ ହତ୍ୟା କରାଯିବା ମାମଲା

## କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୪ (ସମିସ): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ଦୁଇଟି ସମ୍ବେଦନଶୀଳ ହତ୍ୟା ଘଟଣା ଓ ଅଭିଯୋଗକାରୀଙ୍କ ବିରୋଧରେ ରୁଜୁ ପାଲଟା ମାମଲାକୁ ଉଚ୍ଚ ନ୍ୟାୟାଳୟ ଗୁରୁତ୍ୱର ଗ୍ରହଣ କରି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରମ୍ଭା ଥାନାରେ ରୁଜୁ ଏହି ମାମଲାଗୁଡ଼ିକର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏମ୍. ସନ୍ନ୍ୟାସୀ ପ୍ରଧାନ ଏବଂ ବି. ସୁଜି ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟ କ୍ରାଇମବ୍ରାଞ୍ଚ ଏହି ୩ଟି ମାମଲାର ପୁନଃ ତଦନ୍ତ କରିବ ଓ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ଜଣେ ଦକ୍ଷ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରିବେ। ଏଥିସହ ରମ୍ଭା ଥାନାଧିକାରୀ ସମସ୍ତ କେସ୍ ଡାଏରୀ ଏବଂ ପ୍ରମାଣପତ୍ର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୫ ଅଗଷ୍ଟ ୩ତାରିଖରେ ବି. ମନ୍ୟୁ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ହତ୍ୟା କରାଯାଇଥିଲା। ଏନେଇ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ହତ୍ୟା ମାମଲାରେ ଅଭିମନ୍ୟୁ ପ୍ରଧାନ ଜଣେ ପ୍ରମୁଖ ସାକ୍ଷୀ ଥିଲେ। ତେବେ ସାକ୍ଷୀ ଥିବା ଅଭିମନ୍ୟୁ ପ୍ରଧାନଙ୍କ ବୟାନ ପୁଲିସ ରେକର୍ଡ କରିବା ପୂର୍ବରୁ ହିଁ ଗତ ୨୦୨୫ ଅଗଷ୍ଟ ୧୩ ତାରିଖରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ହୋଇଥିଲା। ଏହି ହତ୍ୟାକାଣ୍ଡର ତଦନ୍ତ ଚାଲିଥିବା ବେଳେ ମୃତକ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ନ୍ୟାସୀ ପ୍ରଧାନ ଏବଂ ଭଉଣୀ ବି. ସୁଜିଙ୍କୁ ଅନ୍ୟ ଏକ ମାମଲାରେ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଫଳରେ ପୁଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଏମ୍. ସନ୍ନ୍ୟାସୀ ପ୍ରଧାନ ଏବଂ ବି. ସୁଜି ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରମ୍ଭା ଥାନାରେ ପଞ୍ଜିକୃତ ହୋଇଥିବା ତିନୋଟି ମାମଲାର ନିରପେକ୍ଷ ତଦନ୍ତ ପାଇଁ ପ୍ରାର୍ଥନା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଛାଡ଼ି ସାକ୍ଷୀ ଓ ପୀଡ଼ିତ ପରିବାରକୁ ହଇରାଣ କରୁଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏବଂ ପ୍ରକୃତ ସତ୍ୟ ଉନ୍ମୋଚନ ପାଇଁ ୩ଟି ଯାକ ମାମଲାର ତଦନ୍ତ ସ୍ୱାଧୀନ ସଂସ୍ଥା ଦ୍ୱାରା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ

## ମେ ୩୧ ତାରିଖ ସୁଦ୍ଧା କର୍ମଚାରୀ ଦାଖଲ କରିବେ ରିପୋର୍ଟ

ଭୁବନେଶ୍ୱର,୨୫।୪(ସମିସ): ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ବା 'ଏପିଏଆର' ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ରିପୋର୍ଟ ଦାଖଲ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନିୟମାବଳୀ ଅନୁଯାୟୀ, ରାଜ୍ୟ ସରକାର ମଧ ଅନଲାଇନ୍ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଏକ ନିର୍ଦ୍ଦିଷ୍ଟ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁଯାୟୀ ରିପୋର୍ଟ ଦାଖଲ ପାଇଁ ବିଭିନ୍ନ ପର୍ଯ୍ୟାୟ ପାଇଁ ଭିନ୍ନ ଭିନ୍ନ ତାରିଖ ଧାର୍ଯ୍ୟ ହୋଇଛି। ସ୍ୱ-ମୂଲ୍ୟାୟନ ରିପୋର୍ଟ ଦାଖଲ ପାଇଁ ଆସନ୍ତା ମେ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ଦାଖଲ ରିପୋର୍ଟ ଉପରେ ବିଭାଗୀୟ ରିପୋର୍ଟିଂ କର୍ତ୍ତୃପକ୍ଷ ନିଜର ମତାମତ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରିଭ୍ୟୁଇଙ୍ଗ କର୍ତ୍ତୃପକ୍ଷ(ରିଭ୍ୟୁଇଙ୍ଗ ଅଥରିଟି) ମତାମତ ଦେବାକୁ ଥିବାବେଳେ ଡିସେମ୍ବର ୩୧ ତାରିଖ ସୁଦ୍ଧା ଏସେପ୍ଟିଂ ଅଥରିଟି(ସ୍ୱୀକାରକର୍ତ୍ତା କର୍ତ୍ତୃପକ୍ଷ) ନିଜର ମତାମତ ରଖିବେ। ସମସ୍ତ ଅଧିକାରୀଙ୍କୁ ସେମାନଙ୍କର ସ୍ୱ-ମୂଲ୍ୟାୟନ ରିପୋର୍ଟ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚଆରଏମଏସ) ପୋର୍ଟାଲ ଜରିଆରେ ଅନଲାଇନରେ ଦାଖଲ କରିବାକୁ କୁହାଯାଇଛି। ଏଥିସହ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଅଧୀନସ୍ଥ କର୍ମଚାରୀଙ୍କ ରିପୋର୍ଟ ଉପରେ ନିଜର ମନ୍ତବ୍ୟ ମଧ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ କର୍ମଚାରୀମାନେ ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନକରି ଯଥାଶୀଘ୍ର ନିଜର ଆବେଦନ ପ୍ରକ୍ରିୟା ସାରିବାକୁ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

### ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

## ଭଦ୍ରକ କସିଆରେ ହେବ ମତ୍ସ୍ୟ ଅବତରଣ କେନ୍ଦ୍ର

ଭୁବନେଶ୍ୱର, ୨୫।୪(ସମିସ): ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଶନିବାର ରାଜ୍ୟ କନଭେନସନ୍ ସେଣ୍ଟର୍‌ରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରାଣୀ ଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ପ୍ରାୟ ୧୦୦

- ୭୬ ପ୍ରାଣୀ ଚିକିତ୍ସାଳୟ, ୪ ପ୍ରାଣୀ ସହାୟତା କେନ୍ଦ୍ର ସହ ଏକାଧିକ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ୨୧୯ ନୂତନ ପ୍ରାଣୀ ଚିକିତ୍ସାଳୟ ଓ ଲ୍ୟାବ ଏମ୍‌ଓୟୁ
- ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନ ବିପଣନ କେନ୍ଦ୍ରର ଶୁଭାରମ୍ଭ

କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣୀ ଚିକିତ୍ସାଳୟ ଓ ୪ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହାସହ ୧୭୭ କୋଟି ଟଙ୍କା ବ୍ୟୟରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ୍ ନିର୍ମାଣ ପାଇଁ ୬ଟି ପିଏସ୍‌ୟୁ ସହ ଏମ୍‌ଓୟୁ ମଧ ସ୍ୱାକ୍ଷର ହୋଇଛି। ଏହି ବୁଝାମଣାପତ୍ରରେ କଟକ ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି, ପଶୁଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ସେହିପରି, କାର୍ଯ୍ୟକ୍ରମରେ ଓପଲଫେଡ୍‌ର ୫୦ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା କୁକୁଡ଼ା ପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି



ସେ ଆଶାବ୍ୟକ୍ତ କରିଛନ୍ତି। ଏହାସହ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତୀକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଓଡ଼ିଶାରେ କୃଷକଙ୍କ ଆୟବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ ହୋଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି। ସେହିପରି, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। କୁକୁଡ଼ା ପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ। ପ୍ରାଣୀ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ ଗୋଷ୍ଠୀ ପ୍ରାଣୀ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି। ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷାବଳୟ ଭାବେ ପ୍ରାଣୀ ଚିକିତ୍ସକମାନେ ସେବା ପ୍ରଦାନ କରିଥା'ନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ ଚୌଧରୀ ଏବଂ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରାର ଯଥେଷ୍ଟ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୪(ସମିସ): ଚଳିତ ବର୍ଷ ରଥଯାତ୍ରାରେ ରଥଟଣା କିପରି ଶୃଙ୍ଖଳିତ ଭାବେ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ସହ ଏଥର କର୍ଡନ ପାସ୍ ସଂଖ୍ୟା ବହୁ ସଂଖ୍ୟାରେ କମାଇବାକୁ ଆଲୋଚନା କରାଯାଇଛି। ଶନିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସମ୍ପର୍କିତ ୪ର୍ଥ ବୈଠକରେ ପୂର୍ବ ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତିର କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ପ୍ରସ୍ତୁତି ଓ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ବୈଠକରେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ପାଇଁ ଏକ ବୈଷୟିକ କମିଟି ନିୟମିତ ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେବା ସହ ସେହିପରି ରଥ ଦଉଡ଼ି ଯେପରି ମଜବୁତ୍ ରୁହେ, ସେଥିପ୍ରତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରଥନିର୍ମାଣ ପାଇଁ ଆବଶ୍ୟକ ୮୬୫ ଖଣ୍ଡ କାଠ ମଧ୍ୟରୁ ୫୭୬ଟି ସଂଗ୍ରହ ସରିଛି ଓ ଆବଶ୍ୟକ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ନେଇ ଶ୍ରୀମନ୍ଦିର ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଥିବା ବେଳେ ଓବିସିସି ପକ୍ଷରୁ ନିର୍ମାଣାଧିନ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଆଚାର୍ଯ୍ୟ ହରିହର ଛକର ପୁନଃ ବିକାଶ , ଦିଗବାରେଣୀ ଠାରେ ବହୁତଳ ପାର୍କିଂ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ୫୦ ଟି ହାଇମାଷ୍ଟ ଲାଇଟ୍ ଲାଗିବ, ଫଳରେ ଏହା ବଡ଼ଦାଣ୍ଡକୁ ଅଧିକ ଆଲୋକିତ କରାଯିବା ସହ ସମୁଦ୍ରକୂଳରେ ୬ଟି ବାୟୋ-ଶୌଚାଳୟ ବ୍ଲକ ସ୍ଥାପନ, ପୁଲିସ୍ ଶିବିର ସ୍ଥଳ, ଅଧିକ ବର୍ଷା ହେଲେ ପୁରୀ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ସାଙ୍ଗକୁ ସ୍ୱାସ୍ଥ୍ୟ ଓ ପରିବାର

### ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପୁରୀ ରଥଯାତ୍ରା-୨୦୨୬ ସମୀକ୍ଷା ବୈଠକ

କଲ୍ୟାଣ ବିଭାଗ ପକ୍ଷରୁ ଜରୁରୀ କାଳୀନ ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନରେ ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଚିକିତ୍ସାଳୟ ବ୍ୟବସ୍ଥା ଆଦି ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପରିଚାଳନା, ବିଭିନ୍ନ ସ୍ଥାନରେ ସର୍ଭେଲାନ୍ସ ପାଇଁ ସ୍ଥାୟୀ ଓ ଅସ୍ଥାୟୀ ସିସିଟିଭି ଓ ଜରୁରୀକାଳୀନ ବ୍ୟବସ୍ଥା, ପୁରୀ ସହର ଭିତର ଓ ସଂଲଗ୍ନ ରାସ୍ତା ମରାମତି, ସ୍ୱାସ୍ଥ୍ୟ, ପରିମଳ, ନିୟନ୍ତ୍ରଣ କକ୍ଷ ପରିଚାଳନା, ଯଥେଷ୍ଟ ସଂଖ୍ୟକ ପୁଲିସ୍ ମୁତୟନ, ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ସମେତ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ୮ଟି ଅଧିକ ରେଳ ଟିକଟ କାଉଣ୍ଟର କରାଯିବା ନେଇ ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା,ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଏସ୍‌ପି ପ୍ରତୀକ ସିଂ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜସ୍ୱ ବିଭାଗର ନିର୍ଦ୍ଦେଶ

## ଜରୁରୀ ମାମଲା ଛାଡ଼ି ଅନ୍ୟ ନିବନ୍ଧନ ପ୍ରକ୍ରିୟାରେ କାର୍ଯ୍ୟାଳୟ ପରିସର ବାହାରେ ହେବନି ରେଜିଷ୍ଟ୍ରେସନ

ଭୁବନେଶ୍ୱର,୨୫।୪(ସମିସ): ଜରୁରୀ ମାମଲା ଛାଡ଼ି ଅନ୍ୟ ନିବନ୍ଧନ ପ୍ରକ୍ରିୟାରେ କାର୍ଯ୍ୟାଳୟ ପରିସର ବାହାରେ ରେଜିଷ୍ଟ୍ରେସନ୍ ବ୍ୟବସ୍ଥା ବନ୍ଦ ହେବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ନିବନ୍ଧନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି।

### ବିଶେଷ ପରିସ୍ଥିତିରେ ଘରୋଇ ନିବନ୍ଧନ ରହିବ ଅନୁମତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଅନିବାର୍ଯ୍ୟ

ସୂଚନାଯୋଗ୍ୟ ଯେ ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି। ଏହା ଭାରତୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡ଼ିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଆଇନ ଅନୁଯାୟୀ ଘରେ ଯାଇ ନିବନ୍ଧନ କେବଳ ବିଶେଷ ସ୍ଥିତିରେ ମାତ୍ର ଅନୁମୋଦନ କରାଯାଇପାରିବ। ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥତା, ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ମାତ୍ର ଏପରି ବ୍ୟବସ୍ଥା ଲାଗୁ ହେବ। କେବଳ ଏହି ସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କର୍ମକର୍ତ୍ତାଙ୍କୁ ବ୍ୟକ୍ତିଗତ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି। କାର୍ଯ୍ୟାଳୟ ବାହାରେ ନିବନ୍ଧନ କରିବା ଏକ ପୃଥକ୍ ପରିସ୍ଥିତି ଏବଂ ଏହା କେବେ ମଧ୍ୟ ସାଧାରଣ ଭାବେ ପ୍ରଚଳନ ହେବା ଉଚିତ୍ ନୁହେଁ। ଏହିପରି ସମସ୍ତ କାର୍ଯ୍ୟ ଓଡ଼ିଶା ନିବନ୍ଧନ ନିୟମ, ୧୯୮୮ର ନିର୍ଦ୍ଦିଷ୍ଟ ପ୍ରକ୍ରିୟା (ଧାରା ୪୮ ରୁ ୫୨) ଅନୁସାରେ ଦୃଢ଼ ଭାବରେ ପାଳନ କରାଯିବା ଆବଶ୍ୟକ। ଏପରି ଘରୋଇ ନିବନ୍ଧନ ପୂର୍ବରୁ ଉଚିତ୍ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରୁ ପୂର୍ବ ଅନୁମତି ନିଆଯିବା ଅନିବାର୍ଯ୍ୟ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। କେବଳ ପ୍ରକୃତ ଏବଂ ଯୁକ୍ତିସଂଗତ ମାମଲାରେ ଘରେ ଯାଇ ନିବନ୍ଧନ କରାଯିବ ଏବଂ ସମସ୍ତ କାରଣ ତଥା ଦଲିଲ୍ ସମ୍ବନ୍ଧୀୟ କାଗଜପତ୍ରର ସଠିକ୍ ଯାଞ୍ଚ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି।

## ୨୮୦ କୋଟିର ୧୨୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

ଦେବଗଡ଼,୨୫।୪(ସମିସ): ଦେବଗଡ଼ରେ ଶନିବାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମହିଳା ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳଙ୍କୁ ସମାଲୋଚନା କରିଛନ୍ତି।

ଶ୍ରୀ ପ୍ରଧାନ ଆଜି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହାସହ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି। ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି।

ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମି ପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ଼ ଉପଲବ୍ଧି। ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରି ରହିଛି। ଏଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି। ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇ ପାରିବେ।



ଚଳିତ ଶିକ୍ଷାବର୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ 'ଡବଲ ସେକ୍ସନ' ଆରମ୍ଭ ହେବାକୁ ଯାଉଛି ଏବଂ ଆଗାମୀ ଦିନରେ ଏହା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାର ଯୋଜନା ରହିଛି। ଏଥିସହ ଦେବଗଡ଼ ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହରାଞ୍ଚଳ ଛାତ୍ରାବାସ'ର ଉଦ୍‌ଘାଟନ ହୋଇଛି। ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ। ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଧନ୍ୟବାଦ ଦେଇଥିଲେ। ଦେବଗଡ଼ ପୌରପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ତିଲେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରେକ୍ଷାଳୟରେ ବିନ୍ଦୁସାଗର





ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରି ଏବେ ଯୁବପିଢ଼ିଙ୍କ କାନ୍ଧରେ । ଯୁବ କୁଶଳୀ ଟେକ୍ନିସିଆନ୍ସଙ୍କ ମାଧ୍ୟମରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଶୁଭ ଦିନ ଆସିଛି। ଆମ ମାଟିର ମୌଳିକ କାହାଣୀକୁ ନେଇ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟି ଦେଉଛନ୍ତି ଓଡ଼ିଆ ସିନେ ଦର୍ଶକଙ୍କୁ । ସେହିପରି ଏକ ୟଙ୍ଗ ଟ୍ୟାଲେଣ୍ଟେଡ ଗ୍ରୁପ୍ ଭେଟି ଦେଇଛନ୍ତି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ଏହି ଚଳଚ୍ଚିତ୍ରଟି ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ମୁମ୍ବାଇର ଶିଳାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଏହାର କାହାଣୀ ଅଭିଷେକ ଦାସ ରଚନା କରିଛନ୍ତି । ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ବଲିଉଡ୍ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି । ବର୍ତ୍ତମାନ 'ବିନ୍ଦୁସାଗର'କୁ ନେଇ ସିନେ ଦର୍ଶକ ଭିତରେ ଚର୍ଚ୍ଚା ଲାଗି ରହିଛି । ■

## ସାକ୍ଷାତକାର

ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ଶିଖିବାରେ ତାଙ୍କର ଆଗ୍ରହ ଥିଲା । ସେ ଓଡ଼ିଶୀ ନୃତ୍ୟ ଶିଖିଲେ । ପରବର୍ତ୍ତୀ ସମୟରେ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ବନାଇ ପୋଷ୍ଟ କରିଥିଲେ । ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା । ସୌଭାଗ୍ୟବଶତଃ ଇନ୍‌ଷ୍ଟାଗ୍ରାମ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ଆଲବମ୍ ଜଗତରେ ସେ ଜଣେ ଜଣାଶୁଣା ନାୟିକା । 'ରଜ ପାନ ଖାଇ ଦୋଳି ଖେଳିବ ଆସ' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ । ସେ ପାଖାପାଖି ୧୨ଟି ମ୍ୟୁଜିକ୍ ଭିଡିଓରେ କାମ କରିଛନ୍ତି । ଦୁଇଟି ସିନେମାରେ ଶିଶୁ କଳାକାର ଭାବେ ମଧ୍ୟ ଅଭିନୟ କରିଛନ୍ତି । ବଡ଼ ପରଦାରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଇଚ୍ଛା ରଖିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କଟକର ଦିଶା । ରିଲ୍‌ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ ।



# "ସଂଘର୍ଷ ବିନା ସଫଳତା ଅସମ୍ଭବ"

**ଦିଶା, ଅଭିନେତ୍ରୀ**

**ରିଲ୍‌ରୁ ରିଅଲ୍ ନାୟିକା ହେବା ପଛର ରାଜ୍?**

● ପିଲାଦିନୁ ମୁଁ ଓଡ଼ିଶୀ ଶିଖୁଥିଲି । ଏହା ପରେ ମୋତେ ଅଭିନେତ୍ରୀ ହେବାକୁ ଇଚ୍ଛା ହେଲା । ତେଣୁ ପାଠ ପଢ଼ା ସହିତ ଅନ୍ୟ ସମୟରେ କିଛି କିଛି ରିଲ୍‌ସ କରି ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରୁଥିଲି । ସୌଭାଗ୍ୟବଶତଃ ଏହି ରିଲ୍ ଦେଖି ବାବୁ ଭାଇ ମୋତେ 'ରଜ ପାନ ଖାଇ ଦୋଳି ଖେଳିବ ଆସ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ । ଏଥିରେ ମୋ ସହ-କଳାକାର ଥିଲେ ନେହା ନାଗେଶ୍ୱରୀ । ଏହାବାଦ୍ ଅନେକ ମ୍ୟୁଜିକ୍ ଭିଡିଓ କରିଛି । ହେଲେ ସବୁଠୁ ଟ୍ରେଣ୍ଡିଂରେ ରହିଛି 'କଜଳ' ମ୍ୟୁଜିକ୍ ଭିଡିଓ । ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ । ଏହି ମ୍ୟୁଜିକ ଭିଡିଓକୁ ଦର୍ଶକଙ୍କର ବହୁତ ଭଲପାଇବା ମିଳିଛି । କେବଳ ସେତିକି ନୁହେଁ, ମୁଁ 'ଇସ୍କ ଟ୍ରାଫିକ୍' ଏବଂ 'ମିଲେଟ୍ ଡାଏରୀ' ପରି ସିନେମାରେ ଶିଶୁ କଳାକାର ଭୂମିକାରେ ଅଭିନୟ କରିଛି । ମିଲେଟ୍ ଡାଏରୀରେ ଅଭିଷେକ ଭାଇ ଓ ଶିବାନୀ ଦିଦିଙ୍କ ସହ ମୋତେ କାମ କରିବାକୁ ସୁଯୋଗ ମିଳିଥିଲା ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋତେ ମୋର ପ୍ରଥମ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳିଥିଲା । ଏହାକୁ ମୋ ବାପା-ମା'ଙ୍କୁ ଦେଇଥିଲି ।

**ଦିଶାଙ୍କ ରୁଚି?**

● ପେଣ୍ଟିଂ କରେ । ପଢ଼ାପଢ଼ି କରିବାକୁ ଭଲ ପାଏ । ଅଧିକାଂଶ ସମୟରେ ଭବିଷ୍ୟତରେ କେମିତି ଜଣେ ଭଲ ଅଭିନେତ୍ରୀ ହେବି ସେନେଇ ଅଭିନୟ ଅଭ୍ୟାସ କରୁଥାଏ ।

**ଅଭିନୟ ସହିତ ପଢ଼ାକୁ କେମିତି ସମୟ ଦିଅନ୍ତି?**

● ପ୍ରଥମେ ମୁଁ ପାଠ ପଢ଼ାକୁ ଗୁରୁତ୍ୱ ଦିଏ । ଅଭିନୟ ପାଇଁ କେବେ ବି ପଢ଼ାରେ ହେଳା କରେନି । ଅଧିକାଂଶ ସୁଟିଂ ମୁଁ ଛୁଟିଦିନରେ କରିଥାଏ ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● ମ୍ୟୁଜିକ୍ ଭିଡିଓ 'କଫି'ର ସୁଟିଂ କରିବାକୁ ଆମେ କୋରାପୁଟ ଯାଇଥିଲୁ । ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ । ଗୀତଟି ଆମର ଦେଓମାଳିରେ ସୁଟିଂ ହେଉଥିଲା । ଡିସେମ୍ବର ମାସ ହୋଇଥିବାରୁ ସେତେବେଳେ ପ୍ରବଳ ଥଣ୍ଡା ହେଉଥିଲା । ଯେହେତୁ ବିନା ଜ୍ୟାକେଟ୍‌ରେ ଆମକୁ ଗୀତ କରିବାକୁ ଥିଲା, ତେଣୁ ସର୍ଟ ଡ୍ରେସ୍‌ରେ ଆମେ ସଟ୍ ଦେଉଥିଲୁ । ପୂରା ଥରି ଥରି କାମ କରିଥିଲୁ । ଥଣ୍ଡା ଯୋଗୁଁ ଅଭିନୟ ବି ଭଲ ହୋଇଥିଲା ।

**ଆଗାମୀ ଯୋଜନା?**

● ଆଗକୁ ବଡ଼ ପରଦାରେ ମୁଖ୍ୟ ଭୂମିକାରେ ଆସିବାକୁ ବହୁତ ଇଚ୍ଛା ଅଛି । ତେବେ ଆଶା କରିବି ଯାହା ବି ଚରିତ୍ର ମିଳିବ ସବୁଥିରେ ଭଲ କରିବି । ଦର୍ଶକଙ୍କ ମନୋରଞ୍ଜନ କରିବି । ତେବେ କ୍ୟାମେରା ସାମ୍ନାରେ ଏକାଧିକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ରହିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

● ଆଜିକାଲି ଅନ୍‌ଲାଇନ୍ ସବୁକିଛି କାମ ସହଜ ହେଉଛି । ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସନ୍ତୁ । କଠିନ ପରିଶ୍ରମ କରନ୍ତୁ । ସଂଘର୍ଷ ନ କଲେ କେବେ ବି ସଫଳତା ପାଇ ପାରିବେ ନାହିଁ । ପାଠ ପଢ଼ା ସହିତ ଅଭିନୟ ଜାରି ରଖିପାରିବେ । ଇନ୍‌ଷ୍ଟାଗ୍ରାମରେ ସକାରାତ୍ମକ ଭିଡିଓ ବନାଇ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ । ■

## ନୂଆ ରୋମାଣ୍ଟିକ୍ ଗୀତ

# 'ସହରର ବତୀ ଲିଭିଗଲା ପରେ'



ରିଲିଜ୍ ହୋଇଛି ରହସ୍ୟ-ରୋମାଞ୍ଚ ଭରା ନୂଆ ରୋମାଣ୍ଟିକ୍ ଗୀତ 'ସହରର ବତୀ ଲିଭିଗଲା ପରେ' । 'ସାମ୍ ମ୍ୟୁଜିକ୍' ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ଗୀତଟି ରିଲିଜ୍ ହୋଇଛି । ଏହି ଗୀତରେ କଣ୍ଠଦାନ କରିଛନ୍ତି ଯୁବ କଣ୍ଠଶିଳ୍ପୀ ସତ୍ୟଜିତ୍ ଜେନା । ଏଥିରେ ଡେବ୍ୟୁ କରିଛନ୍ତି ଆରଜେ ସୋନାଲି (ସୋନାଲି ଆଚାର୍ଯ୍ୟ) । ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଗୀତିକାର ରାମକୃଷ୍ଣ ବାରିକ ଏହି ଗୀତ ଲେଖିଥିବା ବେଳେ ସୌମିତ୍ରୀ ପଲାଇ ନିଜ ମ୍ୟୁଜିକର ଯାଦୁ ଦେଖାଇଛନ୍ତି । ଏହାର ଡବିଂ ରୋହିତ ଗୁରୁ ଓ ମିକ୍ସିଂ ମାଷ୍ଟରିଂ ସ୍ମୃତିରଞ୍ଜନ ସାମଲ କରିଛନ୍ତି । ତେବେ ରାତି, ରାଜଧାନୀ, ରହସ୍ୟକୁ ନେଇ ରଚିତ ଏହି ରୋମାଞ୍ଚଭରା ଗୀତଟି ଦୀର୍ଘ ଦିନ ପରେ ଓଡ଼ିଶା ସଂଗୀତ ଦୁନିଆକୁ ଫେରିଛି । ଏହି ଗୀତଟିକୁ ଓଟିଟି ଏବଂ ୟୁଟ୍ୟୁବରେ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ■

## ସମ୍ବଲପୁରର ନୂଆ ସ୍ୱର

# ଅଦ୍ୱୈତା ମିଶ୍ର



ସମ୍ବଲପୁରର ଅଦ୍ୱୈତା ମିଶ୍ର ଏମିତି ଏକ ମନୋମୋହନୀ ସ୍ୱରର ଅଧିକାରିଣୀ, ଯିଏ ତାଙ୍କର ଯାଦୁଗରୀ ସ୍ୱର ପାଇଁ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି । ଧନୁପାଲି ଅଞ୍ଚଳର ମହାବୀର ପଡ଼ାର ନିବାସୀ ଅଂଶୁମାନ ମିଶ୍ର ଓ ସୀମାରେଖା ମିଶ୍ରଙ୍କ ଝିଅ ହେଲେ ଅଦ୍ୱୈତା । ପିଲାବେଳୁ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଥିଲା । ନିୟମିତ ଅଭ୍ୟାସ ଓ ପରିବାରର ସମର୍ଥନରେ ସେହି ଆଗ୍ରହ ଜୀବନର ମୁଖ୍ୟ ଅଂଶରେ ପରିଣତ ହୋଇଛି । ତା'ସହ ତାଙ୍କ ପ୍ରତିଭାକୁ ବିକଶିତ କରୁଛି । ପ୍ରସାରଭାରତୀ ଦୂରଦର୍ଶନରେ ପ୍ରସାରିତ 'ଆମରି ଗୀତ ଆମରି ସ୍ୱର ସିଜନ୍-୪' (ଜୁନିୟର) ପ୍ରତିଯୋଗିତାରେ ସେ ଫାଇନାଲ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଯାହା ତାଙ୍କୁ ରାଜ୍ୟସ୍ତରରେ ପରିଚିତ କରାଇଥିଲା । ଅଦ୍ୱୈତାଙ୍କ ସ୍ୱରରେ ଏକ ଅପୂର୍ବ ମଧୁରତା ଓ ଶକ୍ତିର ସମନ୍ୱୟ ଦେଖିବାକୁ ମିଳେ । ସେ ପ୍ରତ୍ୟେକ ଗୀତ ସହିତ ଗଭୀର ସଂଯୋଗ ସ୍ଥାପନ କରିପାରୁଛନ୍ତି, ଯାହା ତାଙ୍କୁ ଅନ୍ୟ ଯୁବ ପ୍ରତିଭାମାନଙ୍କଠାରୁ ଅଲଗା କରେ । ସେ ସୋସିଆଲ୍ ମିଡିଆରେ ସକ୍ରିୟ ରହି ନିଜ ସଙ୍ଗୀତ ଯାତ୍ରାକୁ ଜାରି ରଖିଛନ୍ତି । ନିଷ୍ଠା, ପ୍ରତିଭା ଓ ପରିବାରର ସମର୍ଥନ ସହିତ ଅଦ୍ୱୈତା ଆଗାମୀ ଦିନରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଦୃଢ଼ ପରିଚୟ ଗଢ଼ିବେ ବୋଲି ଆଶା କରାଯାଉଛି । ■

# ଗାଁରେ ରଜ କୁଇନ୍‌ର 'ଗାଲା ରାଉଣ୍ଡ'



'ଜୀ ସାର୍ଥକ'ର ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍'ର ଗାଲା ରାଉଣ୍ଡ ଆରମ୍ଭ ହୋଇଛି । ଏଥର ଏହାର ଥିମ୍ ରହିଛି 'ଗାଁରେ ହେବ ଗାଲା ରାଉଣ୍ଡ' । ଯାହାକି ପ୍ରଥମ ଥର ପାଇଁ ରଜ କୁଇନ୍ ଇତିହାସରେ ଦେଖିବାକୁ ମିଳିଛି । ଏହି ପର୍ଯ୍ୟାୟରେ ପ୍ରତିଯୋଗୀ ଏବଂ ମେଣ୍ଟରମାନେ ସିଧାସଳଖ ଗାଁ ମାଟିରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ଓଡ଼ିଆ ସଂସ୍କୃତି ଓ ସରଳ ଜୀବନଶୈଳୀର ନିକଟତର କରାଇବେ । ଏହି ସ୍ୱତନ୍ତ୍ର ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଗ୍ରାମୀଣ ଟାସ୍କ କରିବାକୁ ପଡ଼ିବ । ଏଇ ଯେମିତି କ୍ଷେତରୁ ବିଲାତି ବାଇଗଣ ତୋଳିବା, ଗାଁ ଲୋକଙ୍କ ସାହାଯ୍ୟରେ ଦେଶୀ ଚୁଲିରେ ରୋଷେଇ କରିବା, କୂଅରୁ ପାଣି କାଢ଼ିବା ଭଳି ଆହୁରି କିଛି କାମ । ଶୋ'କୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ପପୁଲ୍ ଆନ୍ନା ନିଜର କମେଡି ତଡ଼କା ଲଗାଇବେ । ସେହିପରି ବିଚାରପତି ଭାବେ ଅଛନ୍ତି ଏଲିନା ଏବଂ ପୁପିନ୍ଦର । ଆଙ୍କର୍ ସୁଜିତ ଆଉ ଚାନ୍ଦିନୀଙ୍କ ସଂଚାଳନ କାର୍ଯ୍ୟକ୍ରମର ରୋମାଞ୍ଚକୁ ଦ୍ୱିଗୁଣିତ କରିବ । ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକର ପ୍ରତିଷ୍ଠିତ ଯୋଡ଼ିମାନେ ମେଣ୍ଟର ଭାବେ ଯୋଗ ଦେଉଛନ୍ତି । ସେମାନେ ହେଲେ 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା । ■

**ପରଦା ପଛର କାହାଣୀ**

# ପ୍ରଶଂସକଙ୍କ ଚିଠିରୁ ନିର୍ମିତ ଗୀତ



୧୯୬୮ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ସରସ୍ୱତୀଚନ୍ଦ୍ର' । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଗୋବିନ୍ଦ ସରୈୟାନା ଓ କଲ୍ୟାଣଜୀ ଆନନ୍ଦୀଜୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଫିଲ୍ମର ପ୍ରତ୍ୟେକ ଗୀତ ସୁପରହିଟ୍ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଗୀତ ପ୍ରଶଂସକଙ୍କ ଚିଠିରୁ ନିର୍ମିତ ହୋଇଥିଲା । "ଫୁଲ୍ ତୁମ୍‌ହେ ଭେଜା ହେ ଖତ୍ ମେଁ.." ଏହି ପ୍ରେମ ଗୀତଟି ପ୍ରଶଂସକ ଚିଠିରୁ ରଚିତ ହୋଇଥିଲା । ଏହି ରୋମାଣ୍ଟିକ୍ ଗୀତଟି ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କ ହୃଦୟରେ ରାଜ୍ କରି ଆସୁଛି । ସେ ସମୟରେ ଏହି ଗୀତ ପ୍ରେମିକପ୍ରେମିକାଙ୍କୁ ଚିଠିରେ ଫୁଲ ରଖି ଦେବା ପାଇଁ ପ୍ରେରିତ କରିଥିଲା । ଏହି ଫିଲ୍ମଟି ଏକ ଗୁଜରାଟୀ ଉପନ୍ୟାସକୁ ନେଇ ନିର୍ମାଣ ହୋଇଥିଲା । ଏଥିରେ ନୂତନ, ମନୀଷ, ବିଜୟ ଚୌଧୁରୀ, ରମେଶ ଦେଓ ପ୍ରମୁଖ ଅଭିନୟ କରିଥିଲେ । ଇନ୍ଦୀବର ଫିଲ୍ମ ଗୀତ ରଚନା କରିଥିଲେ । ସେତେବେଳେ ଅଭିନେତାଅଭିନେତ୍ରୀଙ୍କ ସମେତ ପରଦା ପଛରେ ଥିବା ଗାୟକ ବା ସଙ୍ଗୀତକାରମାନଙ୍କୁ ମଧ୍ୟ ପ୍ରଶଂସକମାନେ ଚିଠି ପଠାଉଥିଲେ । ଫିଲ୍ମ ସଙ୍ଗୀତକାର କଲ୍ୟାଣଜୀ ଆନନ୍ଦଜୀଙ୍କୁ ଅନେକ ପ୍ରଶଂସକ ଚିଠି ପଠାଉଥିଲେ । ସେଥିମଧ୍ୟରୁ ଗୋଟିଏ ଚିଠି ଆନନ୍ଦଜୀଙ୍କ ପାଖକୁ ଆସିଥିଲା । ତା' ଭିତରେ ଗୋଟିଏ ଗୋଲାପ ଫୁଲ ଥିଲା । ଯାହା ଉପରେ ହାଲ୍‌କା ଲିପଷ୍ଟିକ୍ ଦାଗ ଥିଲା । ଏହାକୁ ଦେଖି ଆନନ୍ଦଜୀ ତାଙ୍କ ଭାଇ କଲ୍ୟାଣଜୀ ଏବଂ ଇନ୍ଦୀବରଙ୍କୁ ଦେଖାଇଥିଲେ । ଏହାକୁ ଦେଖି ଇନ୍ଦୀବରଙ୍କ ମନରେ ଏକ ନୂଆ ଚିନ୍ତାଧାରା ଆସିଲା । ଏହି ଚିଠିରେ ଗୀତର ମୁଖଡ଼ା ଅଛି ବୋଲି ସେ କହିଲେ । ସେ ସଙ୍ଗେ ସଙ୍ଗେ ଗୀତର ଧାଡ଼ି ରଚନା କଲେ । "ଫୁଲ ତୁମହେ ଭେଜା ହେ ଖତ୍ ମେଁ ଫୁଲ୍ ନେହିଁ ମେରା ଦିଲ୍ ହେ..." ଏହିପରି ଭାବେ ଏକ ସାଧାରଣ ଚିଠିରୁ ଏପରି ହୃଦୟସ୍ପର୍ଶୀ ପ୍ରେମଗୀତ ରଚିତ ହୋଇଥିଲା । ଏହାକୁ ଲୋକପ୍ରିୟ ଯୋଡ଼ି ଲତା ମଙ୍ଗେସକର୍ ଏବଂ ମୁକେଶ ଗାଇଥିଲେ । ■

## ପ୍ରଭସିମରନ୍-ଶ୍ରେୟସ୍‌ଙ୍କ ବିସ୍ଫୋରକ ବ୍ୟାଟିଂ: ରାହୁଲଙ୍କ ୧୫୨* ବ୍ୟର୍ଥ

# ରନ୍ ଚେଜ୍‌ରେ ପଞ୍ଜାବର ରେକର୍ଡ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି):

ପ୍ରଭସିମରନ ସିଂହ (୨୬ବଲ୍‌ରେ ୭୬ରନ) ଓ ଶ୍ରେୟସ ଆୟର (୩୬ବଲ୍‌ରେ ୭୧ ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ରନ୍ ଚେଜ୍‌ରେ ରେକର୍ଡ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ଲୋକେଶ ରାହୁଲ ପ୍ରଥମ ଭାରତୀୟ ଭାବେ ୧୫୨* ଓ ନୀତିଶ ରାଣା ୯୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା । ଏହା ପରେ ୨୬୫ ରନ୍‌ର ଟାର୍ଗେଟ୍‌କୁ ପିଛା କରି ପଞ୍ଜାବ କିଙ୍ଗ୍‌ସ ୭ଟି ବଲ ଓ ୬ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଏହା ଫଳରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୨୬୫ ରନ୍‌ର ଟାର୍ଗେଟ୍‌କୁ ହାସଲ କରି ନିଜ ରେକର୍ଡ ନିଜେ ପଞ୍ଜାବ ଭାଙ୍ଗିଦେଇଥିଲା । ପୂର୍ବରୁ ୨୦୨୪ ସଂସ୍କରଣରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ୨୬୨ ରନ୍ ଟାର୍ଗେଟ୍‌କୁ ହାସଲ କରି ଏହି ରେକର୍ଡ କରିଥିଲା । ଏହି ମ୍ୟାଚ୍‌ରେ ସର୍ବାଧିକ ୮୨ଟି ବାଉଣ୍ଡାରୀ ମରାଯାଇଥିଲା । ଏହା ମଧ୍ୟରେ ୪୯ଟି ଚୌକା ଓ ୩୩ଟି ଛକା ସାମିଲ ରହିଛି । ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୬୭ଟି ବଲ୍‌ରେ ୧୬ ଚୌକା ଓ ୯ଟି ଛକା ମାରିଥିବା ଲୋକେଶ ରାହୁଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ ଜିତିବା ସହ ପଞ୍ଜାବ କିଙ୍ଗ୍‌ସ ଚଳିତ ସିଜନରେ ଅପରାଜେୟ ରହିଛି । ଦଳ ୭ଟି ମ୍ୟାଚ୍‌ରୁ ୬ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ଟେବୁଲର ପ୍ରଥମ ସ୍ଥାନରେ ରହିଛି । ଅନ୍ୟ ପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୭ମ ମୁକାବିଲା ପରେ ଚତୁର୍ଥ ପରାଜୟ ବରଣ କରିଛି ।

ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥିଲା । ଘରୋଇ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍‌ସକୁ ରେକର୍ଡ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବର ଦୁଇ ଓପନର ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟ ୪୧ ବଲ୍‌ରେ ୧୨୬ ରନ୍ ଉଠାଇ ବିଜୟ ଲାଗି ବଡ଼ ମୂଳଦୁଆ ପକାଇଥିଲେ । ପ୍ରଭସିମରନ ୨୬ବଲ୍‌ରେ ୯ ଚୌକା ଓ ୫ ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ସହ ୪୧ବଲ୍‌ରେ ୨ ଚୌକା ଓ ୫ ଛକା ସହ ୪୩ ରନ୍ କରିଥିଲେ । ଏମାନଙ୍କ ଆଉଟ ପରେ ଦୁଇଥର ସହଜ ଜୀବନଦାନ ପାଇଥିବା ଶ୍ରେୟସ ଆୟର ଅନ୍ୟ ଦୁଇଟି ପାର୍ଟନରସିପ୍‌ରେ ଦମ୍‌ଦାର ବ୍ୟାଟିଂ କରି ଦଳକୁ ଏହି ରେକର୍ଡ ବିଜୟ ଦେଇଥିଲେ । ଆୟର ଚତୁର୍ଥ ୱିକେଟରେ ନେହାଲ ୱାଧେରା(୨୫ରନ୍)ଙ୍କ ସହ ୩୧ବଲ୍‌ରୁ ୫୬ ଓ ଶଶାଙ୍କ ସିଂଙ୍କ ସହ ଅବିଭକ୍ତ ୫ମ ୱିକେଟରୁ ୨୬ ବଲ୍‌ରେ ୬୪ ରନ୍ ଉଠାଇ ଦଳକୁ ଜିତାଇଥିଲେ । ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ୍ କରି ଅପରାଜିତ ଥିଲେ । ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ୨ଟି ୱିକେଟ ପାଇଥିଲେ ।

ପୂର୍ବରୁ ଲୋକେଶ ରାହୁଲ ଓ ନୀତିଶ ରାଣା ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ ୨୨୦ ରନ୍ ସଂଗ୍ରହ କରିବା ଫଳରେ ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍‌ର ବିଶାଳ ସ୍କୋର କରିଥିଲା । ଏକାଧିକ ରେଡର୍କ କରିଥିବା ରାହୁଲ ୪୭ ବଲ୍‌ରେ ଷଷ୍ଠ ଆଇପିଏଲ ଶତକ ପୂରଣ କରିବା ପରେ ମୋଟ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ସହ ୧୫୨ ରନ୍‌ରେ ଅପରାଜିତ ରହିଥିଲେ । ସେ ପ୍ରଥମ ଭାରତୀୟ ଖେଳାଳିଭାବେ ଆଇପିଏଲ୍‌ରେ ୧୫୦ ରନ୍ ପୂରଣ କରିଥିଲେ । ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ ।



### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଚେନ୍ନଇ ବନାମ ଗୁଜରାଟ | ଲକ୍ଷ୍ନୌ ବନାମ କୋଲକାତା |
| ଭେନ୍ୟୁ-ଚେନ୍ନଇ | ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ରେକର୍ଡ ପରେ ରେକର୍ଡ କଲେ ଲୋକେଶ

# ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଆଇପିଏଲ୍-୨୦୨୬ର ୩୫ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଓପନର ଲୋକେଶ ରାହୁଲ ଅପରାଜିତ ୧୫୨ ରନ୍ କରିଛନ୍ତି । ସେ ମଧ୍ୟ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରେ ୯୫ ବଲ୍‌ରେ ୨୨୦ ରନ୍ ସଂଗ୍ରହ କରିଛନ୍ତି । ଏହା ଫଳରେ ରାହୁଲ ଓ ରାଣା ଆଇପିଏଲ୍ ଇତିହାସରେ ଏକାଧିକ ରେକର୍ଡ କରିବାରେ ସମର୍ଥ ହୋଇଛନ୍ତି ।



**୧୫୨ ରନ୍- ତୃତୀୟ ସର୍ବାଧିକ:** ରାହୁଲ ୧୫୨ ରନ୍ କରିବା ଫଳରେ ଜଣେ ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ କରିଛନ୍ତି । ଏହା ପୂର୍ବରୁ ସନ୍‌ରାଇଜର୍ସର ଅଭିଷେକ ଶର୍ମା ୧୪୧ ରନ୍ କରି ଭାରତୀୟଙ୍କ ମଧ୍ୟରେ ଟପ୍ ସ୍କୋରର ଥିଲେ । ସେହିପରି ରାହୁଲଙ୍କ ସ୍କୋର ଆଇପିଏଲ୍‌ରେ ତୃତୀୟ ସର୍ବକାଳୀନ ସର୍ବାଧିକ ସ୍କୋର । ତାଙ୍କ ପୂର୍ବରୁ ଆର୍‌ସିବିର କ୍ରିସ୍ ଗେଲ୍ ପୁଣେ ୱାରିୟର୍ସ ବିପକ୍ଷରେ ୧୭୫ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି । ସେହିପରି କୋଲକାତାର ବ୍ରେଣ୍ଡନ ମ୍ୟାକ୍‌କୁଲାମ ବେଙ୍ଗାଲୁରୁ ବିପକ୍ଷରେ ୧୫୮ ରନ୍ ଦ୍ୱିତୀୟ ସର୍ବାଧିକ ସ୍କୋରର ହୋଇଥିଲେ ।

**ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍:** ପଞ୍ଜାବ ଇନିଂସର ଦ୍ୱିତୀୟ ୱିକେଟରେ ରାହୁଲ ଓ ରାଣା ୨୨୦ ରନ୍ କରିଥିଲେ । ଆଇପିଏଲ୍‌ର ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ । ପୂର୍ବରୁ ଗୁଜରାଟ ଲାୟନ୍ସ ବିପକ୍ଷରେ ଆର୍‌ସିବିର ଏବି ଡିଭିଲର୍ସ ଓ ବିରାଟ କୋହଲି ସର୍ବାଧିକ ୨୨୯ ରନ୍ କରିଛନ୍ତି । ଭାରତୀୟ ଯୋଡି ଖେଳିଥିବା ସମସ୍ତ ଟି-୨୦ରେ ଏହା ସର୍ବାଧିକ ପାର୍ଟନରସିପ୍ । ପୂର୍ବରୁ ସିକିମ୍ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର ୨୧୩ ରନ୍‌ର ପାର୍ଟନରସିପ୍ କରିଥିଲେ ।

**୪୭ ବଲ୍‌ରେ ଶତକ:** ଲୋକେଶ ରାହୁଲ ଏଠାରେ ଶତକ ପୂରଣ କରିବା ଲାଗି ୪୭ଟି ବଲ୍‌ର ସହାୟତା ନେଇଥିଲେ । ଏହା ତାଙ୍କର ୬ଷ୍ଠ ତଥା ଦ୍ରୁତତମ ଶତକ । ଏହା ପୂର୍ବରୁ ସେ ୫୬ ବଲ୍‌ରେ ଶତକ ହାସଲ କରିଥିଲେ । ସେ ମଧ୍ୟ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୪୬ଟି ବଲ୍‌ରେ ଶତକ ପୂରଣ କରିଛନ୍ତି ।

**ଦ୍ୱିତୀୟ ସର୍ବାଧିକ:** ଏହି ମ୍ୟାଚ୍‌ରେ ଦିଲ୍ଲୀ ୪୨ଟି ବାଉଣ୍ଡାରୀ ମାରିଛି । ପୂର୍ବରୁ ୨୦୨୫ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସନ୍‌ରାଇଜର୍ସ ୪୬ଟି ବାଉଣ୍ଡାରି ମାରିଥିଲା । ସେହିପରି ଏଠାରେ ଦିଲ୍ଲୀ ଶେଷ ୧୦ ଓଭରରେ ୧ ୱିକେଟରେ ୧୬୨ ରନ୍ କରିଥିଲା । ଏହା ମଧ୍ୟ ଦ୍ୱିତୀୟ ସର୍ବାଧିକ । ପୂର୍ବରୁ ଗୁଜରାଟ ବିପକ୍ଷରେ ଆର୍‌ସିବି ୨ ୱିକେଟରେ ୧୭୨ ରନ୍ କରିଥିଲା ।

**ପଞ୍ଜାବର ବ୍ୟୟବହୁଳ ଓଭର:** ପଞ୍ଜାବର ଜାଭିୟର ବାର୍ଟଲେଟ ଏହି ମ୍ୟାଚ୍‌ରେ ୬୯ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ । ଆଇପିଏଲ୍‌ରେ ଏହା ପଞ୍ଜାବ ଲାଗି ବ୍ୟୟବହୁଳ ଓଭର । ସମସ୍ତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ବିପକ୍ଷରେ ରାଜସ୍ଥାନର ଜୋଫ୍ରା ଆର୍ଚର ୭୬ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି ।

**ପଞ୍ଚମ ସର୍ବାଧିକ:** ଏହି ମ୍ୟାଚ୍ ପରେ ଆଇପିଏଲ୍‌ରେ ଲୋକେଶ ରାହୁଲ ୫,୫୭୯ ରନ୍ ସଂଗ୍ରହ କରିଛନ୍ତି । ଆଇପିଏଲ୍‌ରେ ସର୍ବକାଳୀନ ସର୍ବାଧିକ ରନ୍ ସଂଗ୍ରହରେ ରାହୁଲଙ୍କ ସ୍ଥାନ ୫ମ । ବିରାଟ କୋହଲି ୮୯୮୯, ରୋହିତ ଶର୍ମା ୭୨୮୩, ଶିଖର ଧାୱନ ୬୭୬୯, ଡେଭିଡ ୱାର୍ଣ୍ଣର ୬୫୬୫ ରନ୍ କରି ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି ।

## ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

# ଉତ୍ତରପ୍ରଦେଶକୁ ଜୁନିଅର ଟିମ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୫।୪ (ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ର ଜିମ୍ନାଷ୍ଟିକ୍‌ସ ସେଣ୍ଟର ପରିସରରେ ଆଜି ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍‌ସ ଜିମ୍ନାଷ୍ଟିକ୍‌ସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡଃ ୟେଦୁଲ୍ଲା ବିଜୟ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ଓ ସମ୍ପାଦକ ଅଭିଜିତ ପାଲ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମା ସ୍ୱାଇଁ, ୱାର୍ଲ୍ଡ ଜିମ୍ନାଷ୍ଟିକ୍‌ସ ଟେକ୍ନିକାଲ କମିଟିର ସଦସ୍ୟ ଷ୍ଟିଭ ବୁଚର, ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଉପସଭାପତି ଧୀରେନ କୁମାର ପଣ୍ଡା, ସମ୍ପାଦକ ଅଶୋକ ସାହୁ ଓ ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ସଭାପତି ଜଗନ୍ନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ରଥମ ଦିନରେ ଅନୁଷ୍ଠିତ ଜୁନିଅର ପୁରୁଷ ଟିମ୍ ଚାମ୍ପିଅନସିପ୍‌ରେ ଉତ୍ତରପ୍ରଦେଶ ପ୍ରଥମ, ମହାରାଷ୍ଟ୍ର ଦ୍ୱିତୀୟ, ପଶ୍ଚିମବଙ୍ଗ ତୃତୀୟ, ଦିଲ୍ଲୀ ଚତୁର୍ଥ ଓ ଆୟୋଜକ ଓଡ଼ିଶା ପଞ୍ଚମ ସ୍ଥାନ ଅଧିକାର କରିଛି ।

ମେ ମାସ ୩ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ଜୁନିଅର ଓ ସିନିଅର ବିଭାଗରେ ୬୦୦ରୁ ଊର୍ଦ୍ଧ୍ୱ ଜିମ୍ନାଷ୍ଟ ଓ ୩୦୦ ଅଫିସିଆଲ ଅଂଶଗ୍ରହଣ କରୁଛନ୍ତି । ଭାରତରେ ପ୍ରଥମଥର ଲାଗି ଏକାଥରରେ ଜୁନିଅର ଓ ସିନିଅର ବିଭାଗରେ ଏହି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଆସନ୍ତା ଦିନରେ ହେବାକୁ ଥିବା ଏସିଆ ଚାମ୍ପିଅନସିପ୍, ଏସିଆନ୍ ଗେମ୍ସ ଓ କମନୱେଲଥ ଗେମ୍ସ ଲାଗି ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯାଉଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି ।

## ସୂର୍ଯ୍ୟବଂଶୀଙ୍କ ଶତକ ବେକାର

# ରାଜସ୍ଥାନକୁ ମାତ୍ ଦେଲା ହାଇଦରାବାଦ୍

ଜୟପୁର, ୨୫।୪(ଏଜେନ୍ସି): ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବ୍ୟର୍ଥ ହୋଇଛି । ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୩୬ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି । ୧୫ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୩୭ବଲ୍‌ରୁ ୧୦୩ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ୩୫ବଲ୍‌ରେ ୫୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ୨୨୮ ରନ୍ କରିଥିଲା । ଜବାବରେ ଅଭିଷେକ ଶର୍ମା (୨୯ବଲ୍‌ରେ ୫୭ରନ୍) ଓ ଇଶାନ କିଶାନ (୩୧ବଲ୍‌ରେ ୭୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ସନରାଇଜର୍ସ ହାଇଦରାବାଦ୍ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଏହି ମ୍ୟାଚ୍ ପରେ ହାଇଦରାବାଦ ୮ମ ମ୍ୟାଚ୍‌ରୁ ପଞ୍ଚମ ବିଜୟ ହାସଲ କରି ରାଜସ୍ଥାନକୁ ପଛରେ ପକାଇ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ରାଜସ୍ଥାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ସମାନ ପଏଣ୍ଟ ସହ ଟେବୁଲର ଚତୁର୍ଥ ସ୍ଥାନକୁ ଖସି ଆସିଛି ।




ଏହି ମ୍ୟାଚ୍‌ରେ ରାଜସ୍ଥାନ ପ୍ରଦତ୍ତ ୨୨୯ ରନ୍‌ର ଟାର୍ଗେଟ୍‌କୁ ପିଛା କରି ହାଇଦରାବାଦ୍ ପ୍ରଥମ ଓଭରରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇଥିଲା । ଦ୍ୱିତୀୟ ୱିକେଟରେ ଅଭିଷେକ ଶର୍ମା ଓ ଇଶାନ କିଶାନ ୫୫ ବଲ୍‌ରୁ ୧୩୨ ରନ୍ ଉଠାଇ ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ । ଏହି ସମୟରେ ଉଭୟ ଖେଳାଳି ଆଉଟ ହେବା ଫଳରେ ଦଳ ୩ ୱିକେଟରେ ୧୬୩ ରନ୍‌ରେ ପହଞ୍ଚିଥିଲା । ପ୍ରଥମେ ଆଉଟ ହୋଇଥିବା ଅଭିଷେକ ୨୯ବଲ୍‌ରେ ୧୧ ଚୌକା ଓ ୧ ଛକା ସହ ୫୭ ଓ ଇଶାନ ୩୧ବଲ୍‌ରୁ ୧୧ଚୌକା ଓ ୩ ଛକା ସହ ୭୪ ରନ୍ କରିଥିଲେ । ଚତୁର୍ଥ ୱିକେଟରେ ହେନରିକ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ୩୧ବଲ୍‌ରୁ ୫୩ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ । ରେଡ୍ଡୀ ୧୮ ବଲ୍‌ରୁ ୨ଚୌକା ଓ ୩ଛକା ସହ ୩୬ ଓ କ୍ଲାସେନ୍ ୨୪ ବଲ୍‌ରୁ ୩ଚୌକା ଓ ୧ଛକା ସହ ୨୯ରନ୍ କରିଥିଲେ । ପ୍ରତିପକ୍ଷ ଦଳର ଜୋଫ୍ରା ଆର୍ଚରଙ୍କୁ ୨ଟି ୱିକେଟ ମିଳିଥିଲା । ପୂର୍ବରୁ ରାଜସ୍ଥାନ ପକ୍ଷରୁ ସୂର୍ଯ୍ୟବଂଶୀ ୩୭ବଲ୍‌ରେ ୫ ଚୌକା ଓ ସର୍ବାଧିକ ୧୨ ଛକା ସହ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ସହ ୧୦୩ ରନ୍ କରିଥିଲେ । ଧ୍ରୁବ ଜୁରେଲ ୩୫ବଲ୍‌ରେ ୫୧ ଓ ଡୋନୋଭାନ ଫେରେରା ୧୬ବଲ୍‌ରେ ଦ୍ରୁତ ୩୩ ରନ୍ ଉଠାଇଥିଲେ । ସୂର୍ଯ୍ୟବଂଶୀ ଓ ଜୁରେଲ ଦ୍ୱିତୀୟ ୱିକେଟରୁ ୬୨ବଲ୍‌ରେ ୧୧୨ରନ୍‌କୁ ବାଦ୍ ଦେଲେ ରାଜସ୍ଥାନ ପକ୍ଷରୁ ଅନ୍ୟ କୌଣସି ବଡ଼ ପାର୍ଟନରସିପ୍ ହୋଇପାରି ନ ଥିଲା । ଏହସାନ ମାଲିଙ୍ଗା ୨ଟି ୱିକେଟ ପାଇଥିଲେ ।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଚେନ୍ନଇ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ | ୭ | ୩ | ୪ | ୦ | ୬ | -୦.୧୮୪ |
| ଗୁଜରାଟ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

# ହସ୍ପିଟାଲରେ ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳୁଥିବା ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ଲୁଙ୍ଗି ଏନ୍‌ଗିଡି ଆହତ ହୋଇଯାଇଛି । ପ୍ରତିପକ୍ଷ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟଙ୍କ କ୍ୟାଚ୍ ଧରିବାକୁ ଯାଇ ଏନ୍‌ଗିଡି ମିସ୍‌ଜଜ୍ କରି ତଳେ ପଡ଼ିଯାଇଥିଲେ । ଫିରୋଜ ଶାହ କୋଟଲା ଟାଣୁଆ ପଡ଼ିଆରେ ତାଙ୍କ ମୁଣ୍ଡ ଜୋରରେ ବାଜିଥିଲା । ସଙ୍ଗେ ସଙ୍ଗେ ସେ ଯନ୍ତ୍ରଣା ଅନୁଭବ କରିଥିଲେ । ଟିମ୍ ଫିଜିଓ ଓ ଡାକ୍ତର ପଡ଼ିଆକୁ ଆସିବା ପରେ ସେ ଚେତା ହରାଇବା ଦେଖିବାକୁ ପାଇଥିଲେ । ଷ୍ଟ୍ରେଚରରେ ତାଙ୍କୁ ପଡ଼ିଆ ବାହାରକୁ ନେବାକୁ ଯୋଜନା କରୁଥିଲାବେଳେ ଏଭଳି ଘଟିଥିଲା । ପରେ ବେକକୁ କଭର କରିବା ପରେ ଆମ୍ବୁଲାନ୍ସରେ ମ୍ୟାକ୍ସ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସା କରାଯାଉଛି ଓ ସେ ସୁସ୍ଥ ଥିବା ପ୍ରାରମ୍ଭିକ ସୂଚନା ମିଳିଛି ।



# କୋରାପୁଟର ଆକାଂକ୍ଷା, କନ୍ଧମାଳର ସାନ୍‌ଭିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୫।୪(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୧୦, ୧୧ ଓ ୧୨ ବର୍ଷରୁକମ୍ ବିଭାଗରେ ୨୮୪ ପ୍ରତିଯୋଗୀ ଭାଗନେଇଥିଲେ । ଏଥିରେ କୋରାପୁଟର ଆକାଂକ୍ଷା ମହାନ୍ତି, ଆଞ୍ଜେଲ ଅଭିଷିକ୍ତା, ଅକ୍ଷିତା ପାଲ, ଶିବପ୍ରୀତ୍ ସ୍ୱାଇଁ, ବାଲେଶ୍ୱରର ଆଦିତ୍ୟ ପଟ୍ଟନାୟକ, ଅଭ୍ୟୁକ୍ତା ମିଶ୍ର, ଦିବ୍ୟାଂଶୀ ଘଡେଇ, ମୟୂରଭଞ୍ଜର ସମୀକ୍ଷା ମହାନ୍ତ, କଟକର ଏମ୍ ସୁଜନ, ଆଶୁତୋଷ ବେହେରା, ତାରାୟମ ନାୟକ, ଖୋର୍ଦ୍ଧାର ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ରପ୍ରସାଦ ଶତପଥୀ, ଆଦିତ୍ୟରାଜ ପ୍ରଧାନ, ସମ୍ବଲପୁରର ଶ୍ରେୟଂଶ ମିଶ୍ର, କନ୍ଧମାଳର ସାନ୍‌ଭି ସାଧନା ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଭୁବନେଶ୍ୱରରୁ ସର୍ବାଧିକ ୨୩ଜଣ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଯାଜପୁରର ସ୍ନେହଶ୍ରୀ ଦାସ ଅନ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଆସନ୍ତାକାଲି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## ଆଇରିସ୍ ଓପନ ଚ୍ୟାଲେଞ୍ଜ

# ଓଡ଼ିଶାର ସୁବ୍ରତ ଦାସ ଚାମ୍ପିଅନ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଓଡ଼ିଶାର ସୁବ୍ରତ ଦାସ ଆଇରିସ୍ ଓପନ ଚ୍ୟାଲେଞ୍ଜ ବିଲିଆର୍ଡ ଓପନର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଶନିବାର ଡବ୍‌ଲିନ୍‌ରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସୁବ୍ରତ ୨୨୦-୨୦୦ ପଏଣ୍ଟରେ ଭାରତର ଶ୍ରୀନୁ କାଟିପୋଗୁଙ୍କୁ ହରାଇ ଏହି ଟାଇଟଲ ବିଜୟୀ ହୋଇଥିଲେ । ଏହି ମୁକାବିଲାଟି ଏକ ଘଣ୍ଟା ୫୧ ମିନିଟ୍‌ରେ ଶେଷ ହୋଇଥିଲା । ଫାଇନାଲ ମୁକାବିଲାରେ ସେ ପଛୁଆ ରହିଥିଲେ ମଧ୍ୟ ଶେଷ ୯ ମିନିଟ୍‌ରେ ଚମତ୍କାର ଖେଳି ୬୦ ଓ ୪୦ ପଏଣ୍ଟ ବ୍ରେକ୍ ସହ ମ୍ୟାଚ୍‌କୁ ଫେରିଥିଲେ । ଏହା ପୂର୍ବରୁ ସୁବ୍ରତ ସେମିଫାଇନାଲରେ ଜୋ ଡୋହେନୀଙ୍କୁ ୩୨୫-୧୩୩, କ୍ୱାର୍ଟର ଫାଇନାଲରେ ପିଟର ଷ୍ଟାନୟେରଙ୍କୁ ୨୦୦-୯୧, ପ୍ରି-କ୍ୱାର୍ଟରରେ ଡୋମ୍ ହାଲିଗାନ୍‌ଙ୍କୁ ୨୦୦-୧୩୯ ଓ ରାଉଣ୍ଡ ଅଫ୍ ୩୨ରେ ଜନ୍ ମ୍ୟାକ୍‌ଆଇଣ୍ଟରଙ୍କୁ ୨୦୦-୫୪ ପଏଣ୍ଟରେ ପରାସ୍ତ କରିଥିଲେ । ଖେଳ ଶେଷରେ ଆଇବିଏସ୍‌ଏଫଫ୍ ଉପସଭାପତି ତଥା ଆୟର୍ଲାଣ୍ଡ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସଭାପତି ଜିମ୍ ଲିସି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଆଙ୍ଘୋସ ମ୍ୟାକ୍‌ନଲୀ ଓ ଅନ୍ତର୍ଜାତୀୟ କୋଚ୍ ପିଜେ ନୋଲାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।



# ଫିଫା ବିଶ୍ୱକପ୍ ଦେଖିବାରୁ ବଞ୍ଚିତ ହେବେ ଭାରତୀୟ ଦର୍ଶକ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି):

ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତମାସ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଫୁଟବଲର ସିଧାସଳଖ ପ୍ରସାରଣ ଭାରତୀୟ ଦର୍ଶକ ବଞ୍ଚିତ ହେବେ କି? ଏପରି ଏକ ସନ୍ଦେହ ସୃଷ୍ଟି ହେବାର କାରଣ କୌଣସି ଟିଭି ଚ୍ୟାନେଲ କିମ୍ବା ଷ୍ଟ୍ରିମିଂ କମ୍ପାନୀ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଏଯାଏ ଚୁକ୍ତିବଦ୍ଧ ହୋଇ ନାହାନ୍ତି । ଫିଫା ଟୁର୍ଣ୍ଣାମେଣ୍ଟ ପ୍ରସାରଣ ପ୍ରତି ମଧ୍ୟ ଏହି ସଂସ୍ଥାଗୁଡିକ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏଣୁ ଭାରତୀୟ ଦର୍ଶକ ୨୦୨୬ ଫିଫା ବିଶ୍ୱକପ୍‌ର ସିଧାସଳଖ ପ୍ରସାରଣ ଏଥର ଦେଖିପାରିବେ କି ନାହିଁ ତାହାର କୌଣସି ସମାଧାନ ଏଯାଏ ହୋଇପାରି ନାହିଁ । ଏପରି ହେବାର କାରଣ କ'ଣ?

ଏକ ଗବେଷଣାରୁ ଜଣାଯାଇଛି, ଭାରତରେ ଫୁଟବଲ ଖେଳର ଦର୍ଶକ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଛି । ଆମେ ଯଦି ଦେଖିବା ୨୦୧୩-୧୪ ପ୍ରିମିୟର ଲିଗ୍‌କୁ ୧୪୫ ମିଲିଅନ ଦର୍ଶକ ଦେଖିଥିଲେ । କିନ୍ତୁ ଏବେ ଏହି ସଂଖ୍ୟା ୬୦ ମିଲିଅନ୍‌କୁ ଖସି ଆସିଛି । ୨୦୧୪, ୨୦୧୮ ଫିଫା ବିଶ୍ୱକପ୍ ଓ ୨୦୧୬ ୟୁରୋ କପ୍‌ର ପ୍ରସାରଣ ଲାଗି ୨୦୧୩ରେ ସୋନି ସ୍ପୋର୍ଟ୍ସ ୯୦ ନିୟୁତ ଡଲାରରେ ଚୁକ୍ତିବଦ୍ଧ ହୋଇଥିଲା । ଏବେ ଏହାର ମୂଲ୍ୟ ଦୁଇଗୁଣା ହୋଇଥାନ୍ତା । ୨୦୨୨ରେ ରିଲାଏନ୍ସ ୬୦ ନିୟୁତ ଡଲାରରେ ବିଶ୍ୱକପ୍ ପ୍ରସାରଣ ଅଧିକାର ହାସଲ କରିଥିଲା । କିନ୍ତୁ ଏହା ପରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଆଉ କେହି ଆଗ୍ରହ ପ୍ରକାଶ କଲେ ନାହିଁ । ଏହା ପରେ ୨୦୨୬ ଓ ୨୦୩୦ ବିଶ୍ୱକପ୍‌କୁ ଭାରତରେ ସିଧାପ୍ରସାରଣ ଲାଗି ଫିଫା ୧୦୦ ନିୟୁତ ଡଲାର ଦେବାକୁ ପ୍ରସ୍ତାବ ଦେଇଥିଲା । କିନ୍ତୁ ଏହା ଉପରେ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କଲେ ନାହିଁ । ଯାହା ଫଳରେ ଫିଫା ଏହାର ମୂଲ୍ୟ କମାଇ ୩୫ ମିଲିଅନ ଡଲାର ରଖିଥିଲା । ଏହା ସତ୍ତ୍ୱେ କମ୍ପାନୀମାନେ ଗ୍ରହଣ କରିବାକୁ ଆଗ୍ରହ ଦେଖାଇ ନାହାନ୍ତି ।



ପ୍ରସାରଣ ଉପରେ ଆଗ୍ରହ ନ ଦେଖାଇବାର ପ୍ରମୁଖ କାରଣ ହେଲା ଦର୍ଶକଙ୍କ ସଂଖ୍ୟା ହ୍ରାସ ଓ ଏହା ପରେ ରାଜସ୍ୱ ସଂଗ୍ରହ ବହୁମାତ୍ରାରେ କମିଯିବା । ଏଥିଲାଗି ଫିଫା ବିଶ୍ୱକପ୍‌ର 'ଖେଳ ସମୟ' ମୁଖ୍ୟତଃ ଦାୟୀ । ୨୦୨୬ ଫିଫା ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ଖେଳାଯିବ । ଏହା ମଧ୍ୟରୁ କେବଳ ୧୪ଟି ମ୍ୟାଚ୍ ଭାରତରେ ମଧ୍ୟରାତ୍ର ପୂର୍ବରୁ ଖେଳାଯିବ । ୨୦୨୨ କତାରରେ ୬୪ଟି ମଧ୍ୟରୁ ୪୪ଟି ଓ ୨୦୧୮ ରୁଷିଆରେ ୬୩ଟି ମ୍ୟାଚ୍ ଭାରତରେ ପ୍ରାଇମ୍ ଟାଇମ୍‌ରେ ଖେଳାଯାଇଥିଲା । ଏହା ସତ୍ତ୍ୱେ ଦର୍ଶକଙ୍କ ସଂଖ୍ୟା କମିଥିଲା । ଏବେ ମାତ୍ର ୧୪ଟି ମ୍ୟାଚ୍ ଭାରତୀୟ ପ୍ରାଇମ୍ ଟାଇମ୍‌ରେ ହେଉଥିବାରୁ ଏହାକୁ ପ୍ରସାରଣ କରିବାକୁ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କରୁନାହାନ୍ତି ।

ଜିଓଷ୍ଟାର ଓ ସ୍ପୋର୍ଟ୍ସ୧୮ ଏଡ୍‌ଡିର ବିପୁଳ ପରିମାଣରେ କ୍ଷତି ହେବା ପରେ ଏବେ କୌଣସି ସଂସ୍ଥା ଆଗ୍ରହ ପ୍ରକାଶ ନ କରିବା ସ୍ୱାଭାବିକ୍ । ୨୦୨୨ରେ ପ୍ରସାରଣ ଅଧିକାର ମିଳିବା ପରେ ଜିଓଷ୍ଟାରରେ ମାଗଣା ଓ ସ୍ପୋର୍ଟ୍ସ୧୮ରେ ୧୨ ଟଙ୍କା ନିଆଯାଇଥିଲା । ଫଳରେ ଦର୍ଶକମାନେ ମାଗଣାରେ ଖେଳ ଦେଖିବାକୁ ଆଗ୍ରହ ପ୍ରକାଶ କରି ସ୍ପୋର୍ଟ୍ସ୧୮ ଚ୍ୟାନେଲରେ ଦେଖି ନ ଥିଲେ । ମାଗଣାରେ ଖେଳ ଦେଖାଇ ଜିଓଷ୍ଟାର କୋଟି କୋଟି ଟଙ୍କା କ୍ଷତି ସହିଥିଲା । ବିଶ୍ୱରେ ଫୁଟବଲ ଖେଳ ପ୍ରତି ଆଗ୍ରହ କମିବା ମଧ୍ୟ ଅନ୍ୟ ଏକ କାରଣ । ୨୦୨୨ରେ ଫିଫା ବିଶ୍ୱକପ୍‌ରେ ମ୍ୟାଚ୍ ପ୍ରତି ମୂଲ୍ୟ ୬.୯୪ କୋଟି ଟଙ୍କା ଥିଲା । ଏଥର ୧.୫୬ କୋଟି ଟଙ୍କାକୁ ଖସି ଆସିଛି । ଏଣୁ ଭାରତରେ ଫୁଟବଲର ବଜାର କମିବା ସ୍ୱାଭାବିକ୍ । ଏହା ସତ୍ତ୍ୱେ ଭାରତରେ କିପରି ୨୦୨୬ ଫିଫା ବିଶ୍ୱକପ୍ ପ୍ରସାରଣ ହୋଇ ପାରିବ ସେଥିପ୍ରତି ଫିଫା ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଉଛି । ବିଶେଷ କରି ପ୍ରସାର ଭାରତୀ ଉପରେ ଏବେ ଫିଫାର ନଜର ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS